ORISSA RADIO HOUSE
ଓଡ଼ିଶା ରେଡ଼ିଓ ହାଉସ୍
Berhampur Stadium Road, Opp. Trekker Stand
M: 7008348352,9861013516,7008809075

ଦୈନିକ ଆଶା

Dainik Asha, The Oldest Odiya Daily,
ପ୍ରତିଷ୍ଠାତା: ଶଶିଭୂଷଣ ରଥ

ସର୍ବ ପୁରାତନ ଦୈନିକ ଖବର କାଗଜ
ସଂସ୍ଥାପକ : ବୃନ୍ଦାବନ ନାୟକ

dainikasha.press
dainikasha.press
dainikasha.press

RNI NO-42004/83 | Vol. : 45/ Issue : 110 | Brahmapur | Wednesday 03 June 2026 | ବର୍ଷ: ୪୫/ ଅଙ୍କ: ୧୧୦ | ବୁଧବାର ୩ ଜୁନ ୨୦୨୬ | ବ୍ରହ୍ମପୁର | ପୃଷ୍ଠା:୮ | ମୂଲ୍ୟ: ଟ.୫.୦୦

# ୪୮ ଘଣ୍ଟାରେ କେରଳ ଛୁଇଁବ ମୌସୁମୀ

ନୂଆଦିଲ୍ଲୀ, ୨।୬: ମୌସୁମୀ ଶ୍ରୀଲଙ୍କା ଏବଂ ବଙ୍ଗୋପସାଗରରେ କିଛି ଦିନ ଧରି ରହିଛି। ଫଳସ୍ୱରୂପ, ଜୁନ୍ ୧ ତାରିଖ ଆଗମନ ତାରିଖ ଘୁଞ୍ଚିଯାଇଛି। ଏବେ ପାଣିପାଗ ବିଭାଗ କହିଛି ଯେ, ଆଗାମୀ ତିନି ଦିନ ଅଥବା ୪୮ ଘଣ୍ଟା ମଧ୍ୟରେ ମୌସୁମୀ କେରଳକୁ ଆସିପାରେ। ପୂର୍ବରୁ ମୌସୁମୀ ବାୟୁ ଭାରତର କେରଳମ୍‌ରେ ଜୁନ୍ ୧ ତାରିଖରେ ପହଞ୍ଚିଥିଲା, କିନ୍ତୁ ଚଳିତ ବର୍ଷ ଏପର୍ଯ୍ୟନ୍ତ ପହଞ୍ଚିନାହିଁ। ପାଣିପାଗ ବିଶେଷଜ୍ଞଙ୍କ ପୂର୍ବାନୁମାନ ଅନୁସାରେ ଜୁନ୍ ୪ ସୁଦ୍ଧା ମୌସୁମୀ କେରଳ ଏବଂ ତାମିଲନାଡୁର କିଛି ଅଂଶକୁ କଭର କରିବ, ଅର୍ଥାତ୍ ଆଗାମୀ ୪୮ ଘଣ୍ଟା ମଧ୍ୟରେ ମୌସୁମୀ ଦେଶରେ ପହଞ୍ଚିବ। ମୌସୁମୀ ବାୟୁ କେରଳମ୍‌ରେ ପହଞ୍ଚୁ କି ନ ପହଞ୍ଚୁ, ଦେଶର ଯେକୌଣସି ସ୍ଥାନରେ ହେଉଥିବା ବର୍ଷାକୁ ଏବେ ମୌସୁମୀ ବର୍ଷା ଭାବରେ ଗଣାଯିବ। ଜୁନ୍ ୩ ତାରିଖରେ ପର୍ବତମାଳାରେ ଏକ ନୂତନ ୱେଷ୍ଟର୍ଣ୍ଣ ଡିଷ୍ଟରବାନ୍ସ ସକ୍ରିୟ ହେବ, ଯାହା ଫଳରେ ପଞ୍ଜାବ, ହରିୟାଣା, ଦିଲ୍ଲୀ, ରାଜସ୍ଥାନ, ମଧ୍ୟ ପ୍ରଦେଶ ଏବଂ ମହାରାଷ୍ଟ୍ରରେ ପ୍ରବଳ ବର୍ଷା ହେବ। ଗୁଜରାଟର କିଛି ଜିଲ୍ଲାରେ ମଧ୍ୟ ବର୍ଷା ହେବ। ଦକ୍ଷିଣ ଭାରତରେ ମଧ୍ୟ ମୁଷଳଧାରାରେ ବର୍ଷା ହେବାର ସମ୍ଭାବନା ଅଛି। ଜୁନ୍ ୪ ସୁଦ୍ଧା, ଏହି ୱେଷ୍ଟର୍ଣ୍ଣ ଡିଷ୍ଟରବାନ୍ସ ଆହୁରି ଶକ୍ତିଶାଳୀ ହେବ, ଯାହା ଫଳରେ ପର୍ବତମାଳାର ସମତଳ ଅଞ୍ଚଳ ଏବଂ ଦକ୍ଷିଣ ଭାରତରେ ପ୍ରବଳ ବର୍ଷା ହେବ।



ବର୍ତ୍ତମାନର ପୂର୍ବାନୁମାନ ସୂଚାଇ ଦିଏ ଯେ ଆଗାମୀ ୩-୪ ଦିନ ପାଇଁ ପୂର୍ବ ଉତ୍ତର ପ୍ରଦେଶ, ବିହାର, ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ ଏବଂ ଓଡ଼ିଶାର ଅଧିକାଂଶ ସ୍ଥାନରେ ବର୍ଷା କମିବ ଏବଂ ପାଗ ମୁଖ୍ୟତଃ ଶୁଖିଲା ରହିବ। ତେବେ ଆଗାମୀ ଦିନରେ ବର୍ଷା ବଢ଼ିପାରେ। ଏହି ସମୟରେ, ଉତ୍ତର ଭାରତର ଲୋକମାନେ ପ୍ରବଳ ଗରମ ଏବଂ ଗ୍ରୀଷ୍ମ ପ୍ରବାହରୁ ଆଶ୍ୱସ୍ତି ପାଇଛନ୍ତି। ଅତି କମରେ ଆଉ ଏକ ସପ୍ତାହ ପାଇଁ ଝାଞ୍ଜି ବହିବାର ସମ୍ଭାବନା ନାହିଁ। ପାଣିପାଗ ବିଭାଗ କହିଛି ଯେ, ଚଳିତ ସପ୍ତାହରେ ଉତ୍ତର-ପୂର୍ବ ଭାରତ ଏବଂ ଦକ୍ଷିଣ ଉପଦ୍ୱୀପ ଭାରତରେ ପୃଥକ ଭାବରେ ପ୍ରବଳ ବର୍ଷା ଏବଂ ଝଡ଼ବର୍ଷା ହେବାର ସମ୍ଭାବନା ଅଛି। ଉତ୍ତର-ପଶ୍ଚିମ, କେନ୍ଦ୍ରୀୟ ଏବଂ ସଂଲଗ୍ନ ପୂର୍ବ ଭାରତରେ ଘଣ୍ଟାପ୍ରତି ୭୦ କିଲୋମିଟର ବେଗରେ ପବନ ବହିବା ସହିତ ମଧ୍ୟମରୁ ପ୍ରବଳ ଝଡ଼ବର୍ଷା ଏବଂ ପୃଥକ ଭାବରେ କୁଆପଥର ବର୍ଷା ହେବାର ସମ୍ଭାବନା ଅଛି। ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଆସନ୍ତା ୨-୩ ଦିନ ମଧ୍ୟରେ କେରଳମ୍‌ରେ ପହଞ୍ଚିବ ବୋଲି ଆଶା କରାଯାଉଛି। ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଦକ୍ଷିଣ-ପଶ୍ଚିମ ଏବଂ ଦକ୍ଷିଣ-ପୂର୍ବ ଆରବ ସାଗର, ଲାକ୍ଷାଦ୍ୱୀପ ଦ୍ୱୀପପୁଞ୍ଜ, କେରଳ ଏବଂ ତାମିଲନାଡୁର କିଛି ଅଂଶ, ଦକ୍ଷିଣ-ପଶ୍ଚିମ, ପଶ୍ଚିମ-କେନ୍ଦ୍ର, ପୂର୍ବ-କେନ୍ଦ୍ର ଏବଂ ଉତ୍ତର-ପୂର୍ବ ବଙ୍ଗୋପସାଗରର କିଛି ଅଂଶ ଏବଂ ଦକ୍ଷିଣ-ପୂର୍ବ ବଙ୍ଗୋପସାଗରର ଅବଶିଷ୍ଟ ଅଂଶରେ ଆଗାମୀ ୨-୩ ଦିନ ମଧ୍ୟରେ ପ୍ରବେଶ କରିବା ପାଇଁ ଅନୁକୂଳ ପରିସ୍ଥିତି ରହିଛି।

# ପୁଣି ବଢ଼ିଲା ବସ୍ ଭଡ଼ା

## ଆଜିଠାରୁ ଲାଗୁ ହେବ ନୂଆ ଦର

ଭୁବନେଶ୍ୱର, ୨।୬ ରାଜ୍ୟର ଲକ୍ଷାଧିକ ବସ୍ ଯାତ୍ରୀଙ୍କ ପାଇଁ ପୁଣି ଆସିଛି ଏକ ବଡ଼ ଝଟକା। ରାଜ୍ୟ ସରକାର ଘରୋଇ ବସ୍ ମାଲିକ ସଂଘର ଦାବିକୁ ମାନି ନେଇ ପୁଣିଥରେ ବସ୍ ଭଡ଼ା ବୃଦ୍ଧି କରିଛନ୍ତି। ସାଧାରଣ ଓ ଏକ୍ସପ୍ରେସ୍ ବସ୍ ଭଡ଼ା କିମି ପିଛା ୨ ପଇସା ବଢ଼ିଲା। ସାଧାରଣ ବସ୍ ଭଡ଼ା କିମି ପିଛା ୯୦ ପଇସାରୁ ୯୨ ପଇସାକୁ ବୃଦ୍ଧି ହୋଇଛି। ସେହିପରି ଏକ୍ସପ୍ରେସ୍ ବସ୍ ଭଡ଼ା କିମି ପିଛା ୯୪ ପଇସାରୁ ୯୬ ପଇସାକୁ ବୃଦ୍ଧି ହୋଇଛି। ଡିଲକ୍ସ ଭଡ଼ା ୧୩୧ ପଇସାରୁ ୧୩୫ ପଇସାକୁ ବୃଦ୍ଧି ହୋଇଛି।

ତୈଳ ଦର ବୃଦ୍ଧି ଓ ପରିଚାଳନା ଖର୍ଚ୍ଚ ବଢ଼ିବାକୁ ଦର୍ଶାଇ ବସ୍ ମାଲିକ ସଂଘ ଭଡ଼ା ବୃଦ୍ଧି ପାଇଁ ଚାପ ସୃଷ୍ଟି କରିଥିଲା। ଏପରିକି ଦାବି ପୂରଣ ନହେଲେ ଜୁନ୍ ୧୧ରୁ ବସ୍ ଚଳାଚଳ ବନ୍ଦ କରିବାକୁ ଚେତାବନୀ ମଧ୍ୟ ଦେଇଥିଲା। ସରକାରଙ୍କ ନୂଆ ନିଷ୍ପତ୍ତି ଅନୁସାରେ ସାଧାରଣ ବସ୍ ଭଡ଼ା କିଲୋମିଟର ପିଛା ୯୦ ପଇସାରୁ ବଢ଼ି ୯୨ ପଇସା ହୋଇଛି। ସେହିପରି ଏକ୍ସପ୍ରେସ୍ ବସ୍ ଭଡ଼ା ୯୪ ପଇସାରୁ ବୃଦ୍ଧି ପାଇ ୯୬ ପଇସା ହୋଇଛି। ଡିଲକ୍ସ ବସ୍ ଭଡ଼ା ୧.୩୧ ଟଙ୍କାରୁ ବଢ଼ି ୧.୩୫ ଟଙ୍କା ହୋଇଥିବା ବେଳେ ଏସି ଡିଲକ୍ସ ବସ୍ ଭଡ଼ା ୧.୫୯ ଟଙ୍କାରୁ ବଢ଼ି ୧.୬୩ ଟଙ୍କାକୁ ପହଞ୍ଚିଛି। ସୁପର ଡିଲକ୍ସ ବସ୍ ଭଡ଼ା ମଧ୍ୟ ୨.୪୭ ଟଙ୍କାରୁ ବଢ଼ି ୨.୫୩ ଟଙ୍କା ହୋଇଛି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଗତ ମେ' ୧୫ ତାରିଖରେ ମଧ୍ୟ ବସ୍ ଭଡ଼ା ବୃଦ୍ଧି କରାଯାଇଥିଲା। ଏହାର କିଛି ସପ୍ତାହ ପରେ ପୁଣି ଥରେ ଭଡ଼ା ବଢ଼ିବା ଯାତ୍ରୀଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି କରିଛି। ନୂଆ ଦର ଆସନ୍ତା କାଲିଠାରୁ ଲାଗୁ ହେବ ବୋଲି ସୂଚନା ମିଳିଛି। ବସ୍ ମାଲିକ ସଂଘ ଏହାକୁ ଆବଶ୍ୟକୀୟ ପଦକ୍ଷେପ ବୋଲି କହୁଥିବା ବେଳେ ସାଧାରଣ ଯାତ୍ରୀଙ୍କ ପାଇଁ ଏହା ଏକ ଅତିରିକ୍ତ ଆର୍ଥିକ ବୋଝ ପାଲଟିଛି। ପ୍ରତିଦିନ ବସ୍‌ରେ ଯାତାୟାତ କରୁଥିବା ଛାତ୍ରଛାତ୍ରୀ, କର୍ମଚାରୀ ଓ ଶ୍ରମିକ ବର୍ଗ ଏହି ବୃଦ୍ଧିର ସିଧାସଳଖ ପ୍ରଭାବ ଅନୁଭବ କରିବେ। ପେଟ୍ରୋଲ-ଡିଜେଲ ଦର ବୃଦ୍ଧି ସହ ଏବେ ବସ୍ ଭଡ଼ା ବୃଦ୍ଧି ଲୋକଙ୍କ ଘରୋଇ ବଜେଟ୍‌କୁ ଆହୁରି ଚାପରେ ପକାଇବ ବୋଲି ଚର୍ଚ୍ଚା ହେଉଛି।

# ଓଡ଼ିଶା ଆସିବେ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀ



ଭୁବନେଶ୍ୱର, ୨।୬ : ରାଜ୍ୟ ସରକାରଙ୍କ ୨ ବର୍ଷ ପୂର୍ତ୍ତି ଅବସରରେ ଜୁନ୍ ୨୦ ତାରିଖରେ ରାଇରଙ୍ଗପୁରରେ ହେବାକୁ ଥିବା କାର୍ଯ୍ୟକ୍ରମରେ ଯୋଗଦେବେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ମଙ୍ଗଳବାର ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଏନେଇ ବିଧିବଦ୍ଧ ଭାବେ ସୂଚନା ଦିଆଯାଇଛି। ଲୋକସେବା ଭବନରେ ଏକ ଉଚ୍ଚସ୍ତରୀୟ ବୈଠକ ପରେ ଦିଆଯାଇଛି ଏହି ସୂଚନା। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି, ସରକାରଙ୍କ ୨ ବର୍ଷ ପୂର୍ତ୍ତି ଅବସରରେ ଆସନ୍ତା ୨୦ ତାରିଖରେ ମୟୂରଭଞ୍ଜ ଜିଲ୍ଲା ରାଇରଙ୍ଗପୁର ଠାରେ ଆୟୋଜିତ ହେବାକୁ ଥିବା କାର୍ଯ୍ୟକ୍ରମରେ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀ ଯୋଗଦେବା ପାଇଁ ସ୍ୱୀକୃତି ଦେଇଛନ୍ତି। ଏହି କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ ଆଜି ଲୋକସେବା ଭବନ ଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ମୁଖ୍ୟମନ୍ତ୍ରୀ କାର୍ଯ୍ୟକ୍ରମ ସ୍ଥଳୀରେ ସୁରକ୍ଷା ବ୍ୟବସ୍ଥା, ସଭାରେ ଯୋଗଦେଉଥିବା ସାଧାରଣ ଲୋକଙ୍କ ପାଇଁ ସୁବିଧା, ପର୍ଯ୍ୟାପ୍ତ ପାର୍କିଂ ବ୍ୟବସ୍ଥା ପାଇଁ ଉପସ୍ଥିତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଯେହେତୁ ଉଭୟ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀ ଏହି କାର୍ଯ୍ୟକ୍ରମରେ ଯୋଗଦେଉଛନ୍ତି, ତେଣୁ ଏହି କାର୍ଯ୍ୟକ୍ରମକୁ ସୁଚାରୁ ରୂପେ ଆୟୋଜନ କରିବା ପାଇଁ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ପ୍ରକାଶ କରି ସେଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି।ବୈଠକରୁ ଜଣାଯାଇଛି ଯେ, ଏହି କାର୍ଯ୍ୟକ୍ରମରେ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଓଡିଶା ପାଇଁ ଅନେକ ଗୁଡିଏ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପର ଉଦଘାଟନନ ଓ ଶିଳାନ୍ୟାସ କରାଯିବାର କାର୍ଯ୍ୟକ୍ରମ ରହିଛି। ଆଜିର ବୈଠକରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ଉନ୍ନୟନ କମିଶନର ଡି.କେ. ସିଂହ, ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା ଓ ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶାଶ୍ୱତ ମିଶ୍ର ପ୍ରମୁଖ ଯୋଗଦେଇଥିଲେ।

# ଅଣ୍ଡରୱେଟ୍ ଶିଶୁଙ୍କ ପାଇଁ ବଢ଼ିଲା ଖାଦ୍ୟ ଖର୍ଚ୍ଚ

## ସୁଭଦ୍ରା ହିତାଧିକାରୀଙ୍କୁ ମିଳିବ ସ୍କିଲିଂ ଟ୍ରେନିଂ

ଭୁବନେଶ୍ୱର, ୨।୬: ଅପପୁଷ୍ଟି ମୁକ୍ତ ଓଡ଼ିଶା ଗଠନ ଦିଗରେ ରାଜ୍ୟ ସରକାର ଆଉ ଏକ ବଡ଼ ପଦକ୍ଷେପ ନେଇଛନ୍ତି। ରାଜ୍ୟର ପ୍ରାୟ ୩୫ ହଜାର ସିଭିଅର ଅଣ୍ଡରୱେଟ୍ ଶିଶୁଙ୍କ ପୋଷଣ ସୁନିଶ୍ଚିତ କରିବା ପାଇଁ ଜଳଖିଆ ବାବଦରେ ଦିଆଯାଉଥିବା ଖର୍ଚ୍ଚକୁ ୮ ଟଙ୍କାରୁ ବଢ଼ାଇ ୧୨ ଟଙ୍କା କରାଯାଇଛି। ଫଳରେ ଏବେ ପ୍ରତିଦିନ ପ୍ରତ୍ୟେକ ଶିଶୁଙ୍କୁ ମୋଟ ୧୮ ଟଙ୍କା ମୂଲ୍ୟର ପୋଷଣଯୁକ୍ତ ଖାଦ୍ୟ ମିଳିବ। ଏହି ଯୋଜନା ପାଇଁ ସରକାର ନିଜସ୍ୱ ପାଣ୍ଠିରୁ ୧୨୬ କୋଟି ୮୩ ଲକ୍ଷ ଟଙ୍କା ବ୍ୟୟ କରିବେ। ଏହା ସହ ଶିଶୁ ଜୀବନର ପ୍ରଥମ ୧୦୦୦ ଦିନର ପୋଷଣକୁ ଗୁରୁତ୍ୱ ଦେଇ ଏକ ଡିଜିଟାଲ ବୁକଲେଟ୍ ଉନ୍ମୋଚନ କରାଯାଇଛି। ମା'ର ଗର୍ଭରେ ଥିବା ୨୭୦ ଦିନରୁ ଆରମ୍ଭ କରି ଜନ୍ମ ପରେ ଦୁଇ ବର୍ଷ ପର୍ଯ୍ୟନ୍ତ ଶିଶୁଙ୍କ ପୋଷଣ, ସ୍ୱାସ୍ଥ୍ୟ ଓ ଯତ୍ନ ସମ୍ବନ୍ଧୀୟ ସମସ୍ତ ତଥ୍ୟ ଏଥିରେ ସ୍ଥାନ ପାଇଛି।

ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା କହିଛନ୍ତି, ଏହି ବୁକଲେଟ୍ ମା'ମାନଙ୍କୁ ସଚେତନ କରିବ ଏବଂ ପ୍ରସବଜନିତ ସମସ୍ୟା କମାଇବାରେ ସହାୟକ ହେବ। ୨୦୩୬ ସୁଦ୍ଧା ଅପପୁଷ୍ଟି ମୁକ୍ତ ଓଡ଼ିଶା ଗଢ଼ିବା ଲକ୍ଷ୍ୟରେ ବିଭାଗ ମିଶନ ମୋଡ୍‌ରେ କାମ କରୁଛି।ଅନ୍ୟପଟେ, ସୁଭଦ୍ରା ଯୋଜନାର ହିତାଧିକାରୀଙ୍କ ପାଇଁ ମଧ୍ୟ ଆସିଛି ବଡ଼ ଖବର। ୨୧ରୁ ୩୫ ବର୍ଷ ବୟସର ୨୬ ପ୍ରତିଶତ ହିତାଧିକାରୀଙ୍କୁ ଅପ୍‌ସ୍କିଲିଂ ଟ୍ରେନିଂ ଦେଇ ଚାକିରି ଓ ଉଦ୍ୟୋଗୀ ହେବାର ସୁଯୋଗ ଦିଆଯିବ।

ଆଇଆଇଏମ୍ ଦ୍ୱାରା ଚିହ୍ନଟ ହୋଇଥିବା ଏହି ମହିଳାମାନଙ୍କୁ ଅଧିକ ତାଲିମ ଦେଇ ସ୍ୱାବଲମ୍ବୀ କରାଯିବ। ସେହିପରି କେନ୍ଦ୍ର ସରକାରଙ୍କ ସେଲ୍ଫ ହେଲ୍ପ ଉଦ୍ୟୋଗୀ କାର୍ଯ୍ୟକ୍ରମରେ ପ୍ରତିବର୍ଷ ୧ ଲକ୍ଷ ମହିଳାଙ୍କୁ ସାମିଲ କରିବାକୁ ଲକ୍ଷ୍ୟ ରଖାଯାଇଛି। ମହିଳା ସଶକ୍ତିକରଣ ଓ ଶିଶୁ ପୋଷଣ ଏହି ଦୁଇ କ୍ଷେତ୍ରରେ ସରକାରଙ୍କ ଏହି ପଦକ୍ଷେପ ନୂଆ ଆଶା ସୃଷ୍ଟି କରିଛି।

# ଗ୍ୟାସ୍ ସିଲିଣ୍ଡର ଫାଟି ନାବାଳକ ଜୀବନ୍ତଦଗ୍ଧ

ଭଞ୍ଜନଗର, ୨।୬ : ଗଂଜାମ ଜିଲ୍ଲା ସୋରଡ଼ା ଥାନା ଅନ୍ତର୍ଗତ ସାମନ୍ତରା ଘାଇ ଛକ ନିକଟରେ ଥିବା ତେଜରାତି ଦୋକାନରେ ମଙ୍ଗଳବାର ଅପରାହ୍ନରେ ଗ୍ୟାସ୍ ସିଲିଣ୍ଡରରୁ ଗ୍ୟାସ୍ ଲିକ୍ ହୋଇ ନିଆଁ ଲାଗିଯାଇଥିଲା। ଏହାପରେ ଗ୍ୟାସ୍ ସିଲିଣ୍ଡର ଫାଟି ଯିବାରୁ ଜଣେ ନାବାଳକଙ୍କର ମୃତ୍ୟୁ ହୋଇଛି। ମୃତ ନାବାଳକ ଜଣଙ୍କ ହେଲେ ବଡ଼ଗଡ ଥାନା ଗାଙ୍ଗପୁର ଗ୍ରାମର ବାଦଲ ମୂଳି (୧୩)। ସୂଚନା ଅନୁସାରେ ବାଦଲ ଅଜାଘରକୁ ଖରା ଛୁଟିରେ ବୁଲିବାକୁ ଆସିଥିଲେ। ସାମନ୍ତରାଘାଇ ଛକରେ ଥିବା ଅଜାଙ୍କ ତେଜରାତି ଦୋକାନରେ ଥିବାବେଳେ ହଠାତ୍ ଗ୍ୟାସ ଲିକ୍ ହୋଇ ନିଆଁ ଲାଗିଯାଇଥିଲା। ଏହାପରେ ସିଲିଣ୍ଡର ଫାଟି ଯିବାରୁ ବାଦଲ ନିଆଁ ଭିତରୁ ବାହାରି ନପାରି ଜୀବନ୍ତ ଦଗ୍ଧ ହୋଇଯାଇଛନ୍ତି। ଘଟଣାସ୍ଥଳରେ ସୋରଡା ଅଗ୍ନିଶମବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଛି। ସୋରଡା ପୋଲିସ ପହଞ୍ଚି ଘଟଣାର ଅଧିକ ତଦନ୍ତ କରୁଛି । ଏଥିସହ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ଦିଆଯାଇଛି। ଏହି ଘଟଣାକୁ ନେଇ ସଂପୃକ୍ତ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

## ସୌର ଶକ୍ତି କ୍ଷେତ୍ରରେ ଓଡ଼ିଶାର ବଡ଼ ସଫଳତା ||||||||

# ପିଏମ୍ ସୂର୍ଯ୍ୟ ଘର ଏକ୍ସିଲେନ୍ସ ଆୱାର୍ଡ ହାସଲ

ଭୁବନେଶ୍ୱର, ୨।୬ : ସୌର ଶକ୍ତିର ବ୍ୟବହାର ଏବଂ ସ୍ଥାୟୀ ବିକାଶ କ୍ଷେତ୍ରରେ ଦେଶ ପାଇଁ ଏକ ନୂଆ ଦୃଷ୍ଟାନ୍ତ ସୃଷ୍ଟି କରିଛି ଓଡ଼ିଶା। 'ମାସ ଅଫ୍ ସୋଲାର' ଅଭିଯାନ-୨୦୨୬ରେ ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ ରାଜ୍ୟକୁ ମିଳିଛି ପ୍ରତିଷ୍ଠିତ 'ପିଏମ୍ ସୂର୍ଯ୍ୟ ଘର ଏକ୍ସିଲେନ୍ସ ଆୱାର୍ଡ'। ଏହି ସଫଳତା ରାଜ୍ୟର ନବୀକରଣଯୋଗ୍ୟ ଶକ୍ତି କ୍ଷେତ୍ରରେ ଦୃଢ଼ ଅଗ୍ରଗତିର ପ୍ରମାଣ ବୋଲି କୁହାଯାଉଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ସଫଳତାକୁ ଓଡ଼ିଶାବାସୀଙ୍କ ପାଇଁ ଗର୍ବର ବିଷୟ ବୋଲି କହିଛନ୍ତି। ତାଙ୍କ କହିବା ଅନୁସାରେ, ସ୍ଥାୟୀ ବିକାଶ ଏବଂ ସୌର ଶକ୍ତିର ବ୍ୟାପକ ବ୍ୟବହାର କ୍ଷେତ୍ରରେ ଓଡ଼ିଶା ଆଜି ଦେଶର ଏକ ଅଗ୍ରଣୀ ରାଜ୍ୟ ଭାବେ ପରିଚିତ ହୋଇପାରିଛି।'ମାସ ଅଫ୍ ସୋଲାର' ଅଭିଯାନ ସମୟରେ ମଧ୍ୟମ ଶ୍ରେଣୀର ରାଜ୍ୟମାନଙ୍କ ମଧ୍ୟରେ ସର୍ବାଧିକ ଗ୍ରାହକ ଆବେଦନ, ରୁଫଟପ୍ ସୋଲାର ସ୍ଥାପନ ଏବଂ ଡିସକମ୍ ଯାଞ୍ଚ କ୍ଷେତ୍ରରେ ଓଡ଼ିଶା ପ୍ରଥମ ସ୍ଥାନ ଅଧିକାର କରିଛି। ଏହାସହ 'ମ୍ୟାକ୍ସିମମ୍ ଭେଣ୍ଡର ରେଜିଷ୍ଟ୍ରେସନ୍' ବର୍ଗରେ ରାଜ୍ୟ ତୃତୀୟ ସ୍ଥାନ ହାସଲ କରିଛି।ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଏହି ସଫଳତା ସରକାରଙ୍କ ଦୂରଦର୍ଶୀ ଚିନ୍ତାଧାରା, ବିଭିନ୍ନ ବିଭାଗ ମଧ୍ୟରେ ଉତ୍କୃଷ୍ଟ ସମନ୍ୱୟ ଏବଂ ତୃଣମୂଳ ସ୍ତରରେ କାର୍ଯ୍ୟରତ ଅଧିକାରୀ ଓ କର୍ମଚାରୀଙ୍କ ନିଷ୍ଠାପୂର୍ଣ୍ଣ ପ୍ରୟାସର ଫଳ। ସେ ଏହି ଅଭିଯାନ ସହ ଜଡ଼ିତ ସମସ୍ତ ବିଭାଗ, ଅଧିକାରୀ ଏବଂ ହିତାଧିକାରୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ରାଜ୍ୟ ସରକାର ଆଗାମୀ ଦିନରେ ମଧ୍ୟ ନବୀକରଣଯୋଗ୍ୟ ଶକ୍ତି ଓ ପରିବେଶ ଅନୁକୂଳ ବିକାଶକୁ ପ୍ରାଥମିକତା ଦେବେ ବୋଲି ମୁଖ୍ୟମନ୍ତ୍ରୀ ସ୍ପଷ୍ଟ କରିଛନ୍ତି। ଏହି ସଫଳତା କେବଳ ଓଡ଼ିଶାର ଶକ୍ତି ଭିତ୍ତିଭୂମିକୁ ସୁଦୃଢ଼ କରିବ ନୁହେଁ, ବରଂ ଆତ୍ମନିର୍ଭର ଓଡ଼ିଶା ଗଠନ ଦିଗରେ ଆଉ ଏକ ମାଇଲଖୁଣ୍ଟ ସାବ୍ୟସ୍ତ ହେବ।

## କବିସୂର୍ଯ୍ୟନଗର ହାଜତ ମୃତ୍ୟୁ ମାମଲା

# ଏଫଆଇଆରରେ ନଥିଲା ମୃତ ସୁଶାନ୍ତଙ୍କ ନାଁ

## ଶବ ବ୍ୟବଚ୍ଛେଦ ଶେଷ ଭିସେରା ରିପୋର୍ଟକୁ ଅପେକ୍ଷା

କବିସୂର୍ଯ୍ୟନଗର/ବ୍ରହ୍ମପୁର, ୨।୬: ଗଞ୍ଜାମ ଜିଲ୍ଲା କବିସୂର୍ଯ୍ୟନଗର ଥାନାରେ ହାଜତ ମୃତ୍ୟୁ ମାମଲାରେ ଏକ ବଡ଼ ତଥ୍ୟ ସାମ୍ନାକୁ ଆସିଛି। ପୁଲିସକୁ ଆକ୍ରମଣ ଅଭିଯୋଗରେ ଯେଉଁ ସୁଶାନ୍ତ ସାହୁଙ୍କୁ ଥାନାକୁ ଉଠାଇ ନେଇ ନିସ୍ତୁକ ପିଟି ମାରି ଦିଆଗଲା, ତାଙ୍କ ନାଁ ଏଫଆଇଆରରେ ନଥିଲା। ଏହି ଏଫଆଇଆର ନିଜେ ଟ୍ରେନି ଆଇପିଏସ ଅଫିସର ନିତେଶ କୁମାର ମିଶ୍ର ଦେଇଥିଲେ। ଗତ ୨୦ ତାରିଖ ରାତିରେ ସୁବଳୟା ଗାଁରେ ଏକ ବେଆଇନ ପଥର କ୍ୱାରୀରେ ତାଙ୍କ ଉପସ୍ଥିତିରେ କେମିତି ହୋମଗାର୍ଡ କୃଷ୍ଣଚନ୍ଦ୍ର ପ୍ରଧାନଙ୍କୁ ଅଭିଯୁକ୍ତମାନେ ଠେଲି ତଳେ ପକାଇ ଦେବା ପରେ ହତ୍ୟା କରିବା ଉଦ୍ଦେଶ୍ୟରେ ତାଙ୍କ ମୁହଁ ଓ ମୁଣ୍ଡକୁ ପଥରରେ ଛେଚି ଦେଇଥିଲେ, ତାହା ସେ ଏଫଆଇଆରରେ ଲେଖିଛନ୍ତି। ଏହା ସହିତ ଅଭିଯୁକ୍ତମାନେ ତାଙ୍କ ସମେତ ସମସ୍ତ ପୁଲିସ କର୍ମଚାରୀଙ୍କ ଉପରକୁ ପଥର ଫିଙ୍ଗିଥିଲେ।

ଆଇପିଏସ୍ ଅଫିସର ଦେଇଥିବା ପ୍ଲେନ୍ ପେପର ଏଫଆଇଆରରେ ଅଭିଯୁକ୍ତମାନଙ୍କ ନାଁ ଉଲ୍ଲେଖ କରିଛନ୍ତି। ସେ ଯେଉଁମାନଙ୍କ ନାମ ଉଲ୍ଲେଖ କରିଛନ୍ତି, ସେମାନେ ହେଉଛନ୍ତି- ସୁବଳୟା ଗାଁର ବସନ୍ତ ସାହୁ, ଦିଲ୍ଲୀପ କୁମାର ସାହୁ, ବସନ୍ତ ସାହୁଙ୍କ ପତ୍ନୀ ପ୍ରତିମା ସାହୁ ଓ ପୁଅ ଈଶ୍ୱର କୁମାର ସାହୁ। ବସନ୍ତ ସାହୁ ଓ ଦିଲ୍ଲୀପ କୁମାର ସାହୁଙ୍କୁ ଘଟଣାସ୍ଥଳରୁ ଗିରଫ କରାଯାଇଥିବା ଓ ଅନ୍ୟମାନେ ଫେରାର ହୋଇଯାଇଥିବା କଥା ବି ଲେଖାଯାଇଛି। କିନ୍ତୁ ପୂରା ଏଫଆଇଆରରେ କେଉଁଠି ବି ମୃତ ସୁଶାନ୍ତ ସାହୁଙ୍କ ନାଁ ନାହିଁ। ଏଫଆଇଆରରୁ ସ୍ପଷ୍ଟ ହେଉଛି ଯେ ସୁଶାନ୍ତ ଘଟଣାସ୍ଥଳରେ ନଥିଲେ। ତା' ସତ୍ତ୍ୱେ ପୁଲିସ କାହିଁକି ସୁଶାନ୍ତଙ୍କୁ ସପ୍ତାହେ କାଳ ଥାନାରେ ବେଆଇନ ଭାବେ ଅଟକ ରଖି ନିର୍ଯାତନା ଦେଇଥିଲା ବୋଲି ପ୍ରଶ୍ନ ଉଠିଛି। ଏମିତି ନିର୍ଯାତନା ଦେଲେ ଯେ ଶେଷରେ ତାଙ୍କର ମୃତ୍ୟୁ ହୋଇଗଲା।

ଅନ୍ୟପକ୍ଷରେ ଏନଏଚଆରସିଙ୍କ ଗାଇଡ ଲାଇନ ଅନୁସାରେ ସୁଶାନ୍ତଙ୍କ ମୃତଦେହର ବ୍ୟବଚ୍ଛେଦ କରାଯାଇଛି। ବ୍ରହ୍ମପୁର ସ୍ଥିତ ଏମକେସିଜି ମେଡିକାଲ କଲେଜ ଓ ହସ୍‌ପିଟାଲର ଏଫଏମଟିର ବିଭାଗୀୟ ମୁଖ୍ୟ ପ୍ରଫେସର ଡାକ୍ତର ସୁଦୀପା ଦାସଙ୍କ ନେତୃତ୍ୱରେ ତିନି ଜଣ ବରିଷ୍ଠ ଡାକ୍ତରଙ୍କ ଦ୍ୱାରା ସୁଶାନ୍ତଙ୍କ ବ୍ୟବଚ୍ଛେଦ କରାଯାଇଛି। ତାଙ୍କ ଭିସେରା ରିପୋର୍ଟ ରାଜ୍ୟ ଫରେନସିକ ସାଇନ୍ସ ଲାବୋରୋଟାରୀକୁ ପଠାଯାଇଛି। ସମସ୍ତ ରିପୋର୍ଟ ଆସିବା ପରେ ସୁଶାନ୍ତଙ୍କ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ। ତେବେ ସୁଶାନ୍ତଙ୍କ ଶରୀରର ବିଭିନ୍ନ ସ୍ଥାନରେ କ୍ଷତ ଚିହ୍ନ ଥିଲା ବୋଲି ଜଣାପଡ଼ିଛି।

ଏହି ଘଟଣାର ପ୍ରାଥମିକ ତଦନ୍ତ ରିପୋର୍ଟକୁ ଭିତ୍ତିକରି କବିସୂର୍ଯ୍ୟନଗର ଥାନାର ସ୍ୱାଧୀନ ଦାୟିତ୍ୱରେ ଥିବା ଟ୍ରେନି ଆଇପିଏସ୍ ନିତେଶ କୁମାର ମିଶ୍ରଙ୍କୁ ତତ୍କାଳ ପ୍ରଭାବରୁ ଜିଲ୍ଲା ପୁଲିସ ମୁଖ୍ୟାଳୟକୁ ବଦଳି କରାଯାଇଛି। ଥାନାର ସବଇନସପେକ୍ଟର ସମୀର କୁମାର ରାଉତ, ବାଲିଛାଇ ଫାଣ୍ଡିର ଏଏସଆଇ ବୈକୁଣ୍ଠ ଜେନା ଓ କନେଷ୍ଟବଳ ସୁମନ କୁମାର ସାହୁଙ୍କୁ ଚାକିରିରୁ ନିଲମ୍ବନ କରାଯାଇଛି। ସେହିପରି ଦାୟିତ୍ୱରେ ଅବହେଳା ପାଇଁ ଗାଡ଼ି ଡ୍ରାଇଭର ହୋମଗାର୍ଡ କୃଷ୍ଣଚନ୍ଦ୍ର ପ୍ରଧାନଙ୍କୁ ଚାକିରିରୁ ବହିଷ୍କାର ପାଇଁ ମଧ୍ୟ ପ୍ରକ୍ରିୟା ଆରମ୍ଭ ହୋଇଛି। ତଦନ୍ତ ପ୍ରକ୍ରିୟାକୁ ନିରପେକ୍ଷ ଓ ପ୍ରଭାବମୁକ୍ତ କରିବା ପାଇଁ କବିସୂର୍ଯ୍ୟନଗର ଥାନା ଓ ବାଲିଛାଇ ଫାଣ୍ଡିର ସମସ୍ତ କର୍ମଚାରୀଙ୍କୁ ଅନ୍ୟ ପୁଲିସ ସବଡିଭିଜନକୁ ବଦଳି କରାଯାଇଛି।

## ରିପୋର୍ଟ ମାଗିଲେ ଏନ୍ଏଚ୍ଆସି

ଗଞ୍ଜାମ ଜିଲ୍ଲା କବିସୂର୍ଯ୍ୟନଗର ଥାନାରେ ଦିବ୍ୟାଙ୍ଗ ଯୁବକ ସୁଶାନ୍ତ ସାହୁଙ୍କ ସନ୍ଦିଗ୍ଧ ହାଜତ ମୃତ୍ୟୁ ଘଟଣା ଏବେ ଜାତୀୟ ସ୍ତରରେ ଚର୍ଚ୍ଚାର ବିଷୟ ପାଲଟିଛି। ପୋଲିସ ନିର୍ଯାତନା ଯୋଗୁଁ ସୁଶାନ୍ତଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗକୁ ଗମ୍ଭୀରତାର ସହ ନେଇ ଜାତୀୟ ମାନବାଧିକାର ଆୟୋଗ (ଏନ୍ଏଚ୍ଆର୍‌ସି) ଗଞ୍ଜାମ ଜିଲ୍ଲାପାଳ ଓ ଏସପିଙ୍କୁ କଡ଼ା ନୋଟିସ୍ ଜାରି କରିଛି। ଆସନ୍ତା ୩ ସପ୍ତାହ ମଧ୍ୟରେ ଘଟଣା ସମ୍ପର୍କିତ ସମ୍ପୂର୍ଣ୍ଣ 'ଆକ୍ସନ୍ ଟେକେନ୍ ରିପୋର୍ଟ' (ଏଟିଆର୍) ଦାଖଲ କରିବାକୁ ଆୟୋଗ ନିର୍ଦ୍ଦେଶ ଦେଇଛି। ହ୍ୟୁମାନ୍ ରାଇଟ୍ସ ଫ୍ରଣ୍ଟ ଇଣ୍ଡିଆ ଅଧ୍ୟକ୍ଷ ମନୋଜ ଜେନାଙ୍କ ପକ୍ଷରୁ ଦାଖଲ ହୋଇଥିବା ଅଭିଯୋଗ ଆଧାରରେ ଏହି ମାମଲାକୁ ବିଚାରକୁ ନେଇଛି। ଅଭିଯୋଗ ଅନୁଯାୟୀ, ଗତ ମେ ୩୧ ଓ ଜୁନ୍ ୧ ତାରିଖ ମଧ୍ୟରେ କବିସୂର୍ଯ୍ୟନଗର ଥାନାରେ ଅମାନବୀୟ ନିର୍ଯାତନାର ଶିକାର ହୋଇ ସୁଶାନ୍ତଙ୍କ ମୃତ୍ୟୁ ଘଟିଥିଲା। ମାମଲାର ଗୁରୁତ୍ୱକୁ ଦୃଷ୍ଟିରେ ରଖି ଗଞ୍ଜାମ ପ୍ରଶାସନ ନିକଟରୁ ୧୪ଟି ଗୁରୁତ୍ୱପୂର୍ଣ୍ଣ ଦସ୍ତାବିଜ ଏବଂ ରିପୋର୍ଟ ମାଗିଛି। ଏଥିରେ ମୃତ୍ୟୁର ପରିସ୍ଥିତି, ଏଫ୍ଆଇଆର କପି, ଆରେଷ୍ଟ ମେମୋ, ପରିବାରକୁ ଦିଆଯାଇଥିବା ସୂଚନା, ମେଡିକାଲ୍ ରେକର୍ଡ, ପୋଷ୍ଟମର୍ଟମ ରିପୋର୍ଟ, ଭିଡିଓ ରେକର୍ଡିଂ, ମାଜିଷ୍ଟ୍ରେଟ୍ ତଦନ୍ତ ରିପୋର୍ଟ ଓ ବିଭାଗୀୟ କାର୍ଯ୍ୟାନୁଷ୍ଠାନର ବିବରଣୀ ସାମିଲ ରହିଛି।

## ମାଆ ଓ ପୁଅଙ୍କୁ ଥାର୍ଡ ଡିଗ୍ରୀ ଘଟଣା

# ଆଇଆଇସିଙ୍କ ବିରୁଦ୍ଧରେ ମାମଲା ରୁଜୁ



ପଟ୍ଟାମୁଣ୍ଡାଇ, ୨।୬: କେନ୍ଦ୍ରାପଡ଼ା ଜିଲ୍ଲା ତାଳଚୁଆ ସାମୁଦ୍ରିକ ଥାନା ଅଧିକାରିଣୀଙ୍କ ପାଇଁ ଅଡୁଆ ବଢ଼ିଛି । ଅଭିଯୋଗ ପାଇଁ ଆସିଥିବା ମାଆ ଏବଂ ପୁଅକୁ ଥାର୍ଡ ଡିଗ୍ରୀ ଦେବା ଘଟଣାରେ ନିଲମ୍ବିତ ଆଇଆଇସି ସନ୍ଧ୍ୟାରାଣୀ ଜେନାଙ୍କ ବିରୁଦ୍ଧରେ ମାମଲା ରୁଜୁ ହୋଇଛି । ଗତ ମେ ୨୫ ତାରିଖରେ ତାଳଚୁଆ ଗିରିଆପାହି ଗାଁର ଅନ୍ନପୂର୍ଣ୍ଣା ମଣ୍ଡଳ ଏବଂ ତାଙ୍କ ପୁଅ ଅନନ୍ତ ମଣ୍ଡଳ ସ୍ୱାମୀ ପବନ ମଣ୍ଡଳଙ୍କ ବିରୁଦ୍ଧରେ ଅଭିଯୋଗ ପାଇଁ ସାମୁଦ୍ରିକ ଥାନାକୁ ଯାଇଥିଲେ। ମାତ୍ର ପୋଲିସ ଅଭିଯୋଗକାରୀଙ୍କ ଗୁହାରୀ ଶୁଣିବା ବଦଳରେ ଓଲଟା ତାଙ୍କୁ ନିସ୍ତୁକ ମାଡ଼ ମାରିଥିଲେ । ଏମିତିକି ଅନ୍ନପୂର୍ଣ୍ଣାଙ୍କୁ ଅର୍ଦ୍ଧଲଗ୍ନ କରି ମାରିବା ସହିତ ଅଶାଳୀନ ଭାଷାରେ ଗାଳି ଗୁଲଜ କରିଥିଲେ । ସେହିପରି ପୁଅ ଅନନ୍ତଙ୍କୁ ମଧ୍ୟ ପାଇଖାନା ଭିତରେ ମାଡ଼ ମାରିଥିବାରୁ ଅଭିଯୋଗ ହୋଇଥିଲା । ଏନେଇ ଉଭୟ ପଟ୍ଟାମୁଣ୍ଡାଇ ଏସଡିପିଓଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ପରେ ମେ ୨୭ରେ ଡିଜିପି ୱାଇ ବି ଖୁରାନିଆ ଆଇଆଇସି ସନ୍ଧ୍ୟାରାଣୀ ଜେନାଙ୍କୁ ନିଲମ୍ବିତ କରିଥିଲେ । ଏହା ସହିତ ପୀଡ଼ିତାଙ୍କ ଅଭିଯୋଗ ଅନୁସାରେ ତାଳଚୁଆ ସାମୁଦ୍ରିକ ଥାନାରେ ମାମଲା ରୁଜୁ କରାଯାଇଛି। ଭାରତୀୟ ନ୍ୟାୟ ସଂହିତାର ଧାରା ୨୯୬, ୭୪, ୧୧୫, ୩୫୧ ଓ ୩୦୮ ରେ ମାମଲା ରୁଜୁ ହୋଇଥିବା ଜଣାପଡିଛି

# ସୁନ୍ଦରଗଡ଼ ସାଙ୍ଗଠନିକ ଜିଲ୍ଲା ଭାଜପାର ମାସିକ ବୃତ୍ତ ବୈଠକ



ସୁନ୍ଦରଗଡ଼,୨।୬ (ଆନିସ): ଭାରତୀୟ ଜନତା ପାର୍ଟି ସୁନ୍ଦରଗଡ଼ ସାଙ୍ଗଠନିକ ଜିଲ୍ଲାର ମାସିକ ବୃତ୍ତ ବୈଠକ ଜିଲ୍ଲା ସଭାପତି ଗିରିଶ ଚନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ଭାଜପା ଜିଲ୍ଲା କାର୍ଯ୍ୟାଳୟ, ଭୋଜପୁର ଠାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସଂଗଠନର ବିଭିନ୍ନ କାର୍ଯ୍ୟକ୍ରମ, ଆଗାମୀ କାର୍ଯ୍ୟପନ୍ଥା ଏବଂ ନିର୍ବାଚନୀ ପ୍ରସ୍ତୁତିକୁ ନେଇ ବିସ୍ତୃତ ଆଲୋଚନା ହୋଇଥିଲା। ବୈଠକରେ ଜିଲ୍ଲା ପ୍ରଭାରୀ ରାମଚନ୍ଦ୍ର ହାଁସଦା ଓ ରାଉରକେଲା ସାଙ୍ଗଠନିକ ଜିଲ୍ଲା ପ୍ରଭାରୀ ବଟକିଶୋର ମିଶ୍ର ଉପସ୍ଥିତ ରହି କେନ୍ଦ୍ର ସରକାରଙ୍କ ୧୨ ବର୍ଷର ସଫଳତା ଏବଂ ରାଜ୍ୟ ସରକାରଙ୍କ ୨ ବର୍ଷର ବିକାଶମୂଳକ କାର୍ଯ୍ୟକୁ ଜନସାଧାରଣଙ୍କ ନିକଟରେ ପହଞ୍ଚାଇବା ପାଇଁ ଆୟୋଜିତ ହେବାକୁ ଥିବା ବିଭିନ୍ନ ଜନସମ୍ପର୍କ କାର୍ଯ୍ୟକ୍ରମ ଓ ସାଙ୍ଗଠନିକ ଅଭିଯାନ ସମ୍ପର୍କରେ ମାର୍ଗଦର୍ଶନ ପ୍ରଦାନ କରିଥିଲେ। ବୈଠକରେ ରାଜ୍ୟ ଉପସଭାନେତ୍ରୀ ତଥା ସୁନ୍ଦରଗଡ଼ ନିର୍ବାଚନମଣ୍ଡଳୀର ବିଏଲଏ ୧ ସଂଯୋଜିକା କୁସୁମ ଟେଟେ, ରାଜ୍ୟ ସଂଖ୍ୟାଲଘୁ ମୋର୍ଚ୍ଚା ଉପସଭାପତି ତଥା ରାଜଗାଙ୍ଗପୁର ନିର୍ବାଚନମଣ୍ଡଳୀର ବିଏଲଏ ୧ ସଂଯୋଜକ କୁଲଦୀପ ସିଂହ, ଜିଲ୍ଲା ସାଧାରଣ ସମ୍ପାଦକ ତଥା ତଳସରା ନିର୍ବାଚନମଣ୍ଡଳୀର ବିଏଲଏ ୧ ସଂଯୋଜକ ଅମୀର ନାଏକ ଏବଂ ଜିଲ୍ଲା ସାଧାରଣ ସମ୍ପାଦକ ତଥା ଏସଆଇଆର ଟୋଲୀର ଜିଲ୍ଲା ସଂଯୋଜକ ସୁରେନ୍ଦ୍ର ଦେହୁରୀ ଭୋଟର ତାଲିକାର ସଠିକତା, ବୁଥ୍ ସ୍ତରର ସାଙ୍ଗଠନିକ ସମନ୍ୱୟ ଓ ସ୍ୱତନ୍ତ୍ର ସଂଘନ ସଂଶୋଧନ କାର୍ଯ୍ୟକ୍ରମର ସଫଳ ରୂପାୟନ ନେଇ ବିସ୍ତୃତ ଆଲୋଚନା କରିଥିଲେ। ବକ୍ତାମାନେ ମତ ପ୍ରକାଶ କରିଥିଲେ ଯେ, ଦଳର ଶକ୍ତି ବୁଥ୍ ସ୍ତରର କାର୍ଯ୍ୟକର୍ତ୍ତାଙ୍କ ନିଷ୍ଠା ଓ ସକ୍ରିୟତା ଉପରେ ନିର୍ଭରଶୀଳ। ତେଣୁ ପ୍ରତ୍ୟେକ ବୁଥ୍‌ରେ ସଂଗଠନକୁ ଅଧିକ ସୁଦୃଢ଼ କରିବା, ନୂତନ ଭୋଟରଙ୍କୁ ଯୋଡ଼ିବା ଏବଂ ଭୋଟର ତାଲିକାର ତ୍ରୁଟି ସଂଶୋଧନ କାର୍ଯ୍ୟକୁ ପ୍ରାଥମିକତା ଦେବାକୁ ଆହ୍ୱାନ ଦିଆଯାଇଥିଲା। ଏହାସହ ଆଗାମୀ ଦିନରେ ଦଳର ବିଭିନ୍ନ ସାଙ୍ଗଠନିକ, ସେବାମୂଳକ ଓ ଜନଜାଗରଣ କାର୍ଯ୍ୟକ୍ରମକୁ ସଫଳ ରୂପେ କାର୍ଯ୍ୟକାରୀ କରିବା ପାଇଁ ଏକ ସୁସଂଗଠିତ ଓ ସୁସ୍ପଷ୍ଟ କାର୍ଯ୍ୟଯୋଜନା ପ୍ରସ୍ତୁତି ଉପରେ ମଧ୍ୟ ଗୁରୁତ୍ୱାରୋପ କରାଯାଇଥିଲା। ଏହି ବୈଠକରେ ଜିଲ୍ଲା ପଦାଧିକାରୀ, ବିଭିନ୍ନ ମୋର୍ଚ୍ଚାର ସଭାପତି, ଜିଲ୍ଲା ସାଧାରଣ ସମ୍ପାଦକ, ମଣ୍ଡଳ ସଭାପତି ଏବଂ ବରିଷ୍ଠ କାର୍ଯ୍ୟକର୍ତ୍ତାମାନେ ଉପସ୍ଥିତ ରହି ସଂଗଠନକୁ ଅଧିକ ଗତିଶୀଳ ଓ ସଶକ୍ତ କରିବା ପାଇଁ ନିଜ ମତାମତ ପ୍ରଦାନ କରିଥିଲେ।

# ପୁରୀ ମହାନଗର ନିଗମ ଦୁର୍ନୀତିର ଗନ୍ତାଘର ପାଲଟିଛି



ପୁରୀ ,୨।୬ (ଆନିସ): ପୁରୀ ମହାନଗର ନିଗମ ରେ ବିଭିନ୍ନ ଅନିୟମିତତା ଓ ଅବ୍ୟବସ୍ଥାକୁ ନେଇ ସାଧାରଣ ମହଲ ରେ ଅସନ୍ତୋଷ ପ୍ରକାଶ ପାଉଛି ଟ୍ୟାକ୍ସ କଲେକ୍ଟର ଦୋଳ ଗୋବିନ୍ଦ କରୁଛନ୍ତି କଣ ଦୋଳ ଗୋବିନ୍ଦ ପାଇଁ ମହାନଗର ନିଗମ ଏବଂ ପୁରୀ ଜେନେଲାର ଏ.ଡି.ଏମ. ବଦନାମ ହେଉଛନ୍ତି । ଲକ୍ଷ ଲକ୍ଷ ଟଙ୍କା ଜିନିଷ ଖତ ଖାଉଛି ପୁରୀ ମହାନଗର ନିଗମ ଅଧିନରେ ଶହ ଶହ ଗାଡି ଯଥା ଡମ୍ପର, ଡ୍ରୋଜର,ଟାକ୍ଟର, ଟ୍ୟାକ୍ସି , ଅଟୋ,ଏପରିକି ଏହି ଅଫିସର ମାନଙ୍କର ଗାଡି ମାନଙ୍କ ରେ ଫିଟିନେସ,ଇନ୍ସୁରାନ୍ସ, ପଲ୍ୟୁସନ ନ ଥିବା ଘଟଣା ବର୍ତ୍ତମାନ ପଦାରେ ପଡିବା ପରେ ଆମ ପ୍ରତିନିଧି ପୁରୀ ଗାଡିଖାନା ଅନୁଧ୍ୟାନ କରିବା ସମୟରେ (ଏହି ଅଫିସର ଟ୍ୟାକ୍ସ କଲେକ୍ଟରର ଦୋଳ ଗୋବିନ୍ଦ ମହାନ୍ତି ଏହାକୁ ସତ୍ୟ କିନ୍ତୁ )ଏ ଭୁଲ ପାଇଁ ଦାୟୀ,ପୁରୀ ଜେନେଲାର ଏଡିଏମ, ଏମ୍ଭ ପୁରୀ ମହାନଗର ନିଗମର ବଡ ଅଫିସର ମାନେ କେବଳ ଦାୟୀ ଏତିକି ନୁହେଁ, ଏହି ଅଫିସର ମାନେ ପୁରୀ ପ୍ରଶାସନ ମୁଖିଆଙ୍କ ଜାଣତରେ ଦିବ୍ୟାଙ୍ଗ ପାଇଁ ଆସିଥିବା ସାଇକେଲ ରିକ୍ସା ଓ ହଜାର ହଜାର ଗାଡି ବର୍ଷ ବର୍ଷ ଧରି ପକାଇ, ନଷ୍ଟ କରୁଛନ୍ତି ଯଦି ଏହି ଗାଡି ସମାଜ କଲ୍ୟାଣ ଅଧିକାରି ଦ୍ୱାରା ଦିବ୍ୟାଙ୍ଗ ମାନଙ୍କୁ ଦିଆଯାଇ ଥାନ୍ତା ଦିବ୍ୟାଙ୍ଗ ମାନେ ଉପକୃତ ହେଇଥାନ୍ତେ ।ସାଧାରଣରେ ଚର୍ଚ୍ଚା ହେଉଛି ବିଜେପି ସରକାରକୁ ବଦନାମ କରିବା ପାଇଁ ଏହି ଟ୍ୟାକ୍ସ କଲେକ୍ଟର ସହିତ, ପୁରୀ ପ୍ରଶାସନ ଅଫିସର ମାନଙ୍କର ଏକ ସୁଚିନ୍ତିତ ଚକ୍ରାନ୍ତ ଅଟେ ।

# ନୂଆଗାଁ ବ୍ଲକ ପରିସରରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି



ସୁନ୍ଦରଗଡ଼, ୨।୬ (ଆନିସ): ନୂଆଗାଁ ବ୍ଲକ କାର୍ଯ୍ୟାଳୟ ପରିସର ସ୍ଥିତ ପଂଚାୟତ ସମିତି ସଭାକକ୍ଷ ରେ ସୋମବାର ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲ୍ଲାପାଳ ଡାକ୍ତର ଶୁଭଙ୍କର ମହାପାତ୍ର ଓ ସୁନ୍ଦରଗଡ ଆରକ୍ଷୀ ଅଧିକ୍ଷକ ଅମ୍ରିତପାଲ କୌର ଉପସ୍ଥିତ ରହି ଜନସାଧାରଣଙ୍କର ଅଭିଯୋଗ ଗୁଡ଼ିକର ଶୁଣାଣି କରିଥିଲେ।ମୋଟ ୬୦ ଗୋଟି ଅଭିଯୋଗର ମଧ୍ୟରୁ ୧୭ ଗୋଟି ବ୍ୟକ୍ତିଗତ ଅଭିଯୋଗ ରହିଥିବା ବେଳେ ୪୧ ଟି ସାମୁହିକ ଅଭିଯୋଗ ରହିଥିଲା। ଏଥି ମଧ୍ୟରୁ ୨ ଗୋଟି ଅଭିଯୋଗର ତତ୍ କ୍ଷଣାତ ସମାଧାନ କରାଯାଇଥିଲା। ଏହା ବ୍ୟତୀତ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠି ଆର୍ଥିକ ସହାୟତା ପାଇଁ ଦୁଇ ଜଣ ବ୍ୟକ୍ତି ଆବେଦନ କରିଥିଲେ ଆସିଥିବା ଅଭିଯୋଗ ଗୁଡ଼ିକ ମଧ୍ୟରୁ ମୁଖ୍ୟତଃ ରାସ୍ତା ଘାଟ ସମସ୍ୟା, ପେନସନ, ବିଦ୍ୟୁତ୍ ସମସ୍ୟା, ରାସନ୍ କାର୍ଡ ସମସ୍ୟା, ପାନୀୟ ଜଳ ସମସ୍ୟା ଆଦି ପ୍ରମୁଖ ରହିଥିଲା। ଏହି ଯୁଗ୍ମ ଜନ ଅଭିଯୋଗ ଶୁଣାଣିରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ସୁରଂଜନ ସାହୁ, ପାନପୋଷ ଉପଜିଲ୍ଲାପାଳ ଚନ୍ଦ୍ରକାନ୍ତ ମଲ୍ଲିକ, ପିଏଆଇଟିଡିଏ ପାନପୋଷ ବିକ୍ରାଣୀ କିସପଟ୍ଟା, ନୂଆଁ ଗାଁ ଗୋଷ୍ଠି ଉନ୍ନୟନ ଅଧିକାରୀ ଜ୍ୟୋତିବିକାଶ ଦାଶ ସମେତ ସମସ୍ତ ବିଭାଗୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେ ।

# ଜିଲ୍ଲାସ୍ତରୀୟ ଜନ ଶୁଣାଣି, ୮୮ ଅଭିଯୋଗ ଶୁଣିଲେ ଜିଲ୍ଲାପାଳ



ଫୁଲବାଣୀ, ୨।୬ (ଆନିସ): ସୋମବାର ଜିଲ୍ଲା ପାଳ ଙ୍କ କାର୍ଯ୍ୟାଳୟର ସଦଭାବନା ଗୃହ ରେ ଜିଲାପାଳ ଙ୍କ ଉପସ୍ଥିତିରେ ଜିଲ୍ଲା ସ୍ତରୀୟ ଅଭିଯୋଗ ଶୁଣାଣି କରିଥିଲେ ମୋଟ ୯୮ ଟି ମାମଲାର ଶୁଣାଣୀ କରିଥିଲେ ଜିଲ୍ଲାପାଳ ବେଦ ଭୂଷଣ ସେଥି ମଧ୍ୟରେ ୮୨ ଟି ବ୍ୟକ୍ତିଗତ ସମସ୍ୟା ଥିବା ବେଳେ ୧୬ଟି ସାମୁହିକ ଅଭିଯୋଗ ଥିଲା ବିଭିନ୍ନ ଭତ୍ତା, ଆୟୁଷ୍ମାନ ଯୋଜନା, ରାସ୍ତା ସମସ୍ୟ, ଆବାସ ଯୋଜନା ଆଦି ଅଭିଯୋଗ ର ଶୁଣାଣି କରିଥିଲେ ସେହିପରି ୬ ଜଣ ଙ୍କୁ ମୁଖ୍ୟ ମନ୍ତ୍ରୀ ରିଲିଫ ଫଣ୍ଡ ଓ ଜଣଙ୍କୁ ରେଡକ୍ରସ ରୁ ଆର୍ଥିକ ସହାୟତା ଯୋଗାଇ ଦିଆଯାଇଥିଲା ଏହି ଜନ ଶୁଣାଣୀ ରେ ଏସପି ରମେନ୍ଦ୍ର ପ୍ରସାଦ, ଅତିରିକ୍ତ ଜିଲ୍ଲା ପାଳ କୁଶଳ ଚନ୍ଦ୍ର ନାୟକ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ଜିଲ୍ଲା ପରିଷଦ ମୁଖ୍ୟ ନିର୍ବାହୀ ଶମ୍ଭୁ ନାଥ ନନ୍ଦୀ, ପ୍ରବେଶନର ଆଇ ଏ ଏସ ୟସ କିରଣ ସିଂହ, ଉପ ଜିଲ୍ଲାପାଳ ଭିକାରୀ ସାହୁ ଙ୍କ ସମେତ ବହୁ ଜିଲ୍ଲା ସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ

# ମହିଳା ସୁରକ୍ଷା ସୁନିଶ୍ଚିତ କରିବା ଆମର ଦାୟିତ୍ୱ - ଏସପି



ବରଗଡ଼, ୨।୬ (ଆନିସ): ମହିଳା ସୁରକ୍ଷା ସୁନିଶ୍ଚିତ କରିବା ଆମର ସର୍ବୋଚ୍ଚ ପ୍ରାଥମିକତା ରହିବ ଏବଂ ମହିଳା ବିରୋଧୀ ଅପରାଧକୁ ଦୃଢ଼ ହସ୍ତରେ ଦମନ କରାଯିବ ବୋଲି ବରଗଡ଼ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ରବୀନ୍ଦ୍ର ଶତପଥୀ ବରଗଡ଼ ମହିଳା ସମିତି ସହ ସୌଜନ୍ୟମୂଳକ ଆଲୋଚନାରେ ପ୍ରକାଶ କରିଛନ୍ତି। ଏହି ଅବସରରେ ସେ କହିଥିଲେ ଯେ, ଜିଲ୍ଲାରେ ଏକ ସୁରକ୍ଷିତ ପରିବେଶ ନିର୍ମାଣ ଏବଂ ବିଶ୍ୱାସ ବୃଦ୍ଧି କରିବା ପୋଲିସ ବିଭାଗର ପ୍ରମୁଖ ପଦକ୍ଷେପ ଏବଂ ଏଥିପାଇଁ ନିଷ୍ଠାର ସହ ଆମେ କାମ କରିବୁ ବୋଲି ଦର୍ଶାଇ ଅପରାଧ ତତ୍ତ୍ୱଙ୍କୁ ଦମନ ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ବରଗଡରେ ଏକ ମହିଳା ଥାନାର ଜରୁରୀ ଆବଶ୍ୟକତା ଥିବା ସମିତିର ଦୀର୍ଘ ଦିନର ଦାବି ପ୍ରତି ତାଙ୍କ ଦୃଷ୍ଟି ଆକର୍ଷଣ କରାଯିବାରୁ ମହିଳା ଥାନା ନିଶ୍ଚିତ ଭାବେ ସ୍ଥାପିତ ହେବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ବରଗଡ଼ ମହିଳା ସମିତିର ସଭାନେତ୍ରୀ ମନ୍ଦାକିନୀ ପତିଙ୍କ ନେତୃତ୍ୱରେ ଏହି ପ୍ରତିନିଧି ଦଳ ସମ୍ପାଦିକା ରିନୁ ପତି, ମମତା ମିଶ୍ର, ରାଧାରାଣୀ ମିଶ୍ର, ଇନ୍ଦ୍ରାଣୀ ଶତପଥୀ, ଜୟନ୍ତୀ ପ୍ରଧାନ, ମୀନାକ୍ଷୀ କର, ଦିବ୍ୟକାନ୍ତୀ ଭୋଇ ଓ ମୀନା ପଣ୍ଡା ପ୍ରମୁଖ ସାମିଲ ହୋଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ସମିତି ପକ୍ଷରୁ ଏସପି ଶ୍ରୀ ଶତପଥୀଙ୍କୁ ସମିତି ପକ୍ଷରୁ ପୁଷ୍ପଗୁଚ୍ଛ ଓ ଉପଢୌକନ ଦେଇ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା।

# ରାଇରଙ୍ଗପୁର କଲ୍ୟାଣମଣ୍ଡପରେ ପରିକ୍ରମାର ମେଧା ସମ୍ବର୍ଦ୍ଧନା ଉତ୍ସବ



ରାଇରଙ୍ଗପୁର, ୨।୬ (ଆନିସ): ମୟୂରଭଞ୍ଜ ଜିଲ୍ଲାର ଅଗ୍ରଣୀ ସାମାଜିକ ସାଂସ୍କୃତିକ ଅନୁଷ୍ଠାନର ସାଂସ୍କୃତିକ ଜାଗରଣର ଆନ୍ଦୋଳନର ଅନନ୍ୟ ଅନୁଷ୍ଠାନ ପରିକ୍ରମାର ଅଧ୍ୟକ୍ଷ ତଥା ସଭାପତି ଇଶାନ ମିଶ୍ର ଙ୍କ ସଭାପତିତ୍ୱରେ ମେଧା ସମ୍ବର୍ଦ୍ଧନା ସମାରୋହ ମହାଆଡମ୍ବରରେ ଅନୁଷ୍ଠିତ ହୋଇଯାଇଛି ଗତକାଲି ହୋଇଥିବା ଉକ୍ତ ମେଧା ସମାରୋହରେ ମୁଖ୍ୟଅତିଥି ଭାବେ ବାମନଘାଟୀ ଅତିରିକ୍ତ ଉପ ଜିଲ୍ଲାପାଳ ବାସନ୍ତୀ ଲାକ୍ରା ଯୋଗ ଦେଇଥିଲା ବେଳେ ସମ୍ମାନିତ ଅତିଥି ଭାବେ ମୁଖ୍ୟ କାର୍ଯ୍ୟନିର୍ବାହୀ ମନୋଜ ଦାସ, ସମ୍ପାଦକ ସୁବାଷ ମଣ୍ଡଳ, କେରଳା ପବ୍ଲିକ ସ୍କୁଲର ଅଧ୍ୟକ୍ଷା ଗୀତାଞ୍ଜଳି ତ୍ରିପାଠୀ, ସମାଜସେବୀ ଗୋପାଳ ଚନ୍ଦ୍ର ବେସ୍ରା, ଇଂଜିନିୟର ପ୍ରସନ୍ନ କୁମାର ସାହୁ, ରାଇରଙ୍ଗପୁର ଓକିଲ ସଂଘ ସଭାପତି ଅକ୍ଷୟ କୁମାର ମହାନ୍ତି ଓ ଉପଖଣ୍ଡ ସୂଚନା ଓ ଲୋକସଂପର୍କ ଅଧିକାରୀ ବିକାଶ ରଂଜନ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶିକ୍ଷକ ରଂଜନ କୁମାର ନନ୍ଦ ଅତିଥି ପରିଚୟ ଦେବା ସହ ସଭା ପରିଚାଳନା କରିଥିବା ବେଳେ ପରିକ୍ରମାର କାର୍ଯ୍ୟନିର୍ବାହୀ ମନୋଜ ଦାସ ନିଜର ସ୍ୱାଗତ ଭାଷଣରେ ୨୦୨୫-୨୬ ମସିହାର ସିବିଏସଇ, ଆଇସିଏସଇ ଓ ବିଏସଇ ମେଟ୍ରିକ ବାର୍ଷିକ ପରୀକ୍ଷାରେ ବାମନଘାଟୀ ଉପଖଣ୍ଡ ର ଶତକଡା ୯୦% ଓ ତା ଠାରୁ ଅଧିକ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଥିବା ୪୩ ଜଣ ଛାତ୍ରଛାତ୍ରୀ ଏବଂ ୨ ଜଣ ସ୍ୱତନ୍ତ୍ର ଛାତ୍ରଛାତ୍ରୀଙ୍କୁ ପରିକ୍ରମା ପକ୍ଷରୁ ସ୍ମୃତିଚିହ୍ନ, ପୁରସ୍କାର, ସାର୍ଟିଫିକେଟ ଓ ଚାରାଗଛ ପ୍ରଦାନ କରାଯାଇଥିଲା । କାର୍ଯ୍ୟକ୍ରମ ରେ ମୁଖ୍ୟଅତିଥି ଭାବେ ବାମନଘାଟୀ ଅତିରିକ୍ତ ଉପଜିଲ୍ଲାପାଳ ଜିଲ୍ଲାପାଳ ବାସନ୍ତୀ ଲାକ୍ରା ନିଜ ବକ୍ତବ୍ୟରେ କହିଥିଲେ ଛାତ୍ରଛାତ୍ରୀ ମାନେ ସମାଜରେ ପ୍ରତିଷ୍ଠିତ ହୋଇ ନିଜ ବିଦ୍ୟାଳୟ ତଥା ଜନ୍ମମାଟିର ନାମ ଗୌରବାନ୍ୱିତ କରନ୍ତୁ ବୋଲି ଅଭିହିତ ଦେଇଥିଲେ ଏଥି ସହିତ ଏହି କାର୍ଯ୍ୟକ୍ରମରେ ଜଡିତ ଥିବା ସମସ୍ତ କର୍ମକର୍ତ୍ତା ଉଚ୍ଚ ପ୍ରଶଂସାର ପାତ୍ର ହୋଇପାରିଥିଲେ ସଭାପତି ତଥା ଅଧ୍ୟକ୍ଷ ଇଶାନ ମିଶ୍ର ସଭାପତିତ୍ୱ ବକ୍ତବ୍ୟ ପ୍ରଦାନ ରେ ଛାତ୍ର ଛାତ୍ରୀଙ୍କ ଉଦ୍ଦେଶ୍ୟ ରେ ଯେପରି ମେଧା ସମ୍ବର୍ଦ୍ଧନା ପର୍ବରେ ସିବିଏସଇ, ଆଇସିଏସଇ ଓ ବିଏସଇ ବୋର୍ଡରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀମାନେ ହେଲେ ବିଏସଇ ବୋର୍ଡରେ ରାଇରଙ୍ଗପୁର ଶିଶୁ ବିଦ୍ୟାମନ୍ଦିର ର ପ୍ରାଚୀ ମିଶ୍ର ୯୧.୬୬%, ସିବିଏସଇ ବୋର୍ଡରେ ପିଏମ ଶ୍ରୀ କେନ୍ଦ୍ରିୟ ବିଦ୍ୟାଳୟ, ମହୁଲଡିହାଁ ର ଆୟୁଷ୍ମାନ ନନ୍ଦ ୯୯.୨% ଏବଂ ଆଇସିଏସଇ ବୋର୍ଡରେ ରାଇରଙ୍ଗପୁର, କେରଳା ପବ୍ଲିକ ସ୍କୁଲ ର ଅନୟା ଅଗ୍ରୱାଲ ୯୭.୬୦% ନମ୍ବର ରଖି କୃତକାର୍ଯ୍ୟ ହୋଇଛନ୍ତି ଏଥିସହିତ ୨ ଜଣ ସ୍ୱତନ୍ତ୍ର ଭାବେ ପୁରସ୍କୃତ ହୋଇଥିଲେ, ସେମାନେ ହେଲେ ରାଇରଙ୍ଗପୁର କଲେଜ ୩ କର୍ମସ (ସମ୍ମାନ) ରେ ୮୦.୧୫% ନମ୍ବର ରଖିଥିବା ଆଦିତ୍ୟ କୁମାର ରାମ ଏବଂ ଓଡିଶା ଆଦର୍ଶ ବିଦ୍ୟାଳୟ, ସାନମୌଦା ୨ କର୍ମସ ରେ ସାରା ଓଡିଶା ଟପର ହୋଇଥିବା ୯୬.୮% ଦିଶା ସାହା କୃତକାର୍ଯ୍ୟ ହୋଇଛନ୍ତି ପରିଶେଷରେ ପରିକ୍ରମା ଅନୁଷ୍ଠାନ ର ସମ୍ପାଦକ ସୁବାଷ ମଣ୍ଡଳ ଧନ୍ୟବାଦ ଅର୍ପଣ କରିଥିଲେ ଏହି ଭବ୍ୟ ସଭାରେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଦିଲ୍ଲୀପ କୁମାର ମହାନ୍ତି, ରାଜେଶ ପ୍ରଜାପତି, ଦୁଷ୍ମନ୍ତ ଦାସ, କଟି ପରିଛା ଓ ପ୍ରଣବ ସୁନ୍ଦର ବେହେରା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ ଏବଂ ସମସ୍ତ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀ ଶିକ୍ଷକ ଶିକ୍ଷୟତ୍ରୀ ତଥା ଅଭିଭବକ ମାନେ ଉପସ୍ଥିତ ଥିଲେ ।

# ବିଞ୍ଝାରପୁର ବ୍ଲକରେ ନୂତନ ବିଡିଓଙ୍କ ଯୋଗଦାନ

ବିଞ୍ଝାରପୁର, ୨/୬ (ଆନିସ): ବିଞ୍ଝାରପୁର ବ୍ଲକର ପ୍ରଶାସନିକ ବ୍ୟବସ୍ଥାକୁ ନୂତନ ପ୍ରଗତି ଦେବା ଲକ୍ଷ୍ୟରେ ନୂତନ ବିଡିଓ ଭାବେ ଛବିରାଣୀ ସାହୁ ସୋମବାର ଦିନ ଆନୁଷ୍ଠାନିକ ଭାବରେ ଦାୟିତ୍ୱଭାର ଗ୍ରହଣ କରିଛନ୍ତି। ଯୋଗଦାନ ପୂର୍ବରୁ ସେ ଯାଜପୁରର ଅଧିଷ୍ଠାତ୍ରୀ ଦେବୀ ମା ବିରଜା ଏବଂ ଅରେଇସ୍ଥିତ ବାବା ବରୁଣେଶ୍ୱରଙ୍କ ଦର୍ଶନ କରି ଆଶୀର୍ବାଦ ଗ୍ରହଣ କରିଥିଲେ। ପରେ ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ପହଞ୍ଚି ଭାରପ୍ରାପ୍ତ ବିଡିଓ ଆକାଶ ପଟ୍ଟନାୟକଙ୍କ ଠାରୁ ସେ ଆନୁଷ୍ଠାନିକ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ।



ନୂତନ ବିଡିଓଙ୍କ କାର୍ଯ୍ୟାଳୟ ପ୍ରବେଶ ପରେ ବ୍ଲକର ବିଭିନ୍ନ ବିଭାଗୀୟ ଅଧିକାରୀ, କର୍ମଚାରୀ ଓ କାର୍ଯ୍ୟାଳୟ ସଦସ୍ୟମାନେ ତାଙ୍କୁ ଉଷ୍ମ ସ୍ୱାଗତ ଜଣାଇ ଶୁଭେଚ୍ଛା ଅର୍ପଣ କରିଥିଲେ। ଏହାସହ ବିଞ୍ଝାରପୁର ସାମ୍ବାଦିକ ୟୁନିଅନର ସଭାପତି ଓ ସଦସ୍ୟ ମାନେ ମଧ୍ୟ ନୂତନ ବିଡିଓଙ୍କୁ ତାଙ୍କ କାର୍ଯ୍ୟାଳୟରେ ସାକ୍ଷାତ କରି ଶୁଭେଚ୍ଛା ଓ ଶୁଭକାମନା ଜଣାଇଥିଲେ। ପୂର୍ବରୁ ଛବିରାଣୀ ସାହୁ ଗୋପ ବ୍ଲକର ବିଡିଓ ଭାବେ ଦାୟିତ୍ୱ ନିର୍ବାହ କରି ପ୍ରଶାସନିକ କ୍ଷେତ୍ରରେ ଅନୁଭବ ସଂଗ୍ରହ କରିଥିଲେ। ଉଲ୍ଲେଖଯୋଗ୍ୟ ଯେ, ବିଞ୍ଝାରପୁର ବ୍ଲକର ବିଡିଓ ପଦବୀ ଦୀର୍ଘ ପ୍ରାୟ ସାତ ମାସ ଧରି ଖାଲି ରହିଥିବାରୁ ଅନେକ ପ୍ରଶାସନିକ ଏବଂ ବିକାଶମୂଳକ କାର୍ଯ୍ୟର ପରିଚାଳନାରେ କିଛି ବାଧା ସୃଷ୍ଟି ହେଉଥିଲା। ଏପରି ପରିସ୍ଥିତିରେ ନୂତନ ବିଡିଓଙ୍କ ଯୋଗଦାନ ବ୍ଲକର ବିକାଶ ଯାତ୍ରାକୁ ନୂତନ ପ୍ରଗତି ଦେବ ବୋଲି ସାଧାରଣ ଲୋକମାନଙ୍କ ମଧ୍ୟରେ ଆଶା ଓ ଆଗ୍ରହର ପରିବେଶ ସୃଷ୍ଟି ହୋଇଛି।ଦାୟିତ୍ୱ ଗ୍ରହଣ ପରେ ଛବିରାଣୀ ସାହୁ କହିଛନ୍ତି ଯେ, ବ୍ଲକରେ ଚାଲୁଥିବା ସମସ୍ତ ସରକାରୀ ଯୋଜନାର ସଠିକ୍ ଓ ସଫଳ ରୂପାୟନ, ସାଧାରଣ ଲୋକଙ୍କ ସମସ୍ୟାର ଶୀଘ୍ର ସମାଧାନ ଏବଂ ସରକାରୀ ସେବାକୁ ଅଧିକ ଫଳପ୍ରଦ, ସ୍ୱଚ୍ଛ ଓ ଜନମୁଖୀ କରିବା ତାଙ୍କର ପ୍ରମୁଖ ପ୍ରାଥମିକତା ରହିବ। ଲୋକମୁଖୀ ପ୍ରଶାସନ ଓ ବିକାଶମୂଳକ କାର୍ଯ୍ୟକୁ ଅଧିକ ସକ୍ରିୟ କରିବା ଦିଗରେ ସମନ୍ୱିତ ପଦକ୍ଷେପ ନିଆଯିବ ବୋଲି ସେ ପ୍ରକାଶ କରିଥିଲେ।

# ସ୍ୱଚ୍ଛ ପାନୀୟ ଜଳ ଯୋଗାଣ ଦିଗରେ ଯନ୍ତ୍ରୀଙ୍କ ପ୍ରୟାସ

ଫୁଲବାଣୀ, ୨।୬ (ଆନିସ): ଏବେ ପ୍ରବଳ ଖରା ସାଙ୍ଗକୁ ଗରମ ହେଉଥିବାରୁ ଏହାକୁ ଦୃଷ୍ଟି ରେ ରଖି ଚକାପାଦ ଗ୍ରାମ୍ୟ ଜଳ ଯୋଗାଣ ବିଭାଗ ଦାୟିତ୍ୱ ରେ ଥିବା ଯନ୍ତ୍ରୀ ଇଁ. ମୌସୁମୀ ପଟ୍ଟନାୟକଓ ଇଁ. ଅସିତ୍ କୁମାର ସୁନ୍ଦର ରାୟ ପ୍ରମୁଖ ଗ୍ରାମାଂଚଳ ର ଲୋକେ ଯେପରି ସ୍ୱଚ୍ଛ ପାନୀୟ ଜଳ ପାଇବାରୁ ବଞ୍ଚିତ ଯେପରି ନ ହୁଅନ୍ତି ସଦା ସର୍ବଦା ତତ୍ପର ରହି ତତ୍କାଳ ଲୋକଂକ ନିକଟରେ ପହଂଚି କାର୍ଯ୍ୟ କରୁଥିବା ଦେଖିବକୁ ମିଳିଛି ଗ୍ରୀଷ୍ମ ପୂର୍ବରୁ ବ୍ଲକ୍ ଅନ୍ତର୍ଗତ ସମସ୍ତ ୧୨ଟି ପଂଚାୟତ ରେ ଥିବା ନଳକୂପ ଗୁଡ଼ିକ ମରାମତି ପାଇଁ ପଦକ୍ଷେପ ନେଇ ସବୁ ଗୁଡ଼ିକ ସଚଳ କରି ଥିଲେ ବସୁଧ ଯୋଜନା ରେ ନିର୍ମାଣ ହୋଇଥିବା ପ୍ରକଳ୍ପ ଜରିଆରେ ଲୋକେ ଯେପରି ସୁବିଧାରେ ହାତ ପା ଆ ନ୍ତା ରେ ପାଣି ପାଇବେ ସେ ଦିଗରେ ମଧ ଯନ୍ତ୍ରୀ ପଟ୍ଟନାୟକ ଓ ସୁନ୍ଦରରାୟ ଦୃଷ୍ଟି ଦେଇ କାର୍ଯ୍ୟ କରିବା ଫଳରେ କାଁ ଭାଁ କିଛି ସ୍ଥାନରେ ସମସ୍ୟା ଦେଖା ଦେବାରୁ ତୁରନ୍ତ ସମାଧାନ କରିଥିଲେ ଫଳରେ ବ୍ଲକ୍ ଅଞ୍ଚଳ ରେ ଚଳିତ ବର୍ଷ ପାନୀୟ ଜଳ ଯୋଗାଣ ସମସ୍ୟା ସୃଷ୍ଟି ହୋଇନଥିବା କୁହାଯାଇଛି ଯେଉଁ ଗ୍ରାମରେ ଜଳ କଷ୍ଟ ଦେଖାଦେଇଛି ସେଠାରେ ପଂଚାୟତ ପକ୍ଷରୁ ଟ୍ୟାଙ୍କ ର ଯୋଗେ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା କରାଯାଉଛି ବିଶେଷ କରି ଇଁ ମୌସୁମୀ ପଟ୍ଟନାୟକ ଓ ଇଁ. ଅସିତ୍ କୁମାର ସୁନ୍ଦର ରାୟ ଙ୍କ ନିରନ୍ତର ଉଦ୍ୟମ,ଆନ୍ତରିକତା, କାର୍ଯ୍ୟ ଦକ୍ଷତା ଯୋଗୁଁ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା ରେ ସୁଧାର ଆସିଥିବା ଦେଖିବାକୁ ମିଳିଛି ସରକାର ଅନୁଦାନ ପ୍ରଦାନ କଲେ ସଂପୃକ୍ତ ଅଞ୍ଚଳ ପାଇଁ ଆଗାମୀ ଦିନରେ ଅନେକ ଗୁଡ଼ିଏ ନୂତନ ପ୍ରକଳ୍ପ ପ୍ରତିଷ୍ଠା କରାଯିବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି

# ଶିକ୍ଷାନୁଷ୍ଠାନ ନିକଟରେ ତମାଖୁ ବିକ୍ରୟ ବିରୋଧରେ ମିଳିତ ଚଢ଼ାଉ
# ୬ଟି ଦୋକାନରୁ ୭୦୦ ଟଙ୍କା ଜରିମାନା ଆଦାୟ

ବାରିପଦା/ତିରିଂ, ୨।୬ (ଆନିସ): ମୟୁରଭଞ୍ଜ ଜିଲ୍ଲାର ତିରିଂ ଥାନା ଅଞ୍ଚଳରେ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ, ପୋଲିସ ବିଭାଗ, ଡ୍ରଗ ଇନ୍ସପେକ୍ଟର, ମୟୂରଭଞ୍ଜ ରେଞ୍ଜ-୨ ଏବଂ ଅବକାରୀ ବିଭାଗ ପକ୍ଷରୁ ମିଳିତ ଭାବେ ତମାଖୁଜାତ ନିଶାଦ୍ରବ୍ୟ ବିକ୍ରୟ ବିରୋଧରେ ଚଢ଼ାଉ ଓ ଯାଞ୍ଚ ଅଭିଯାନ କରାଯାଇଥିଲା । ଗତ କାଲି ହୋଇଥିବା ଉକ୍ତ ଅଭିଯାନ ସମୟରେ ତିରିଂ ଥାନା ଅଞ୍ଚଳର ବିଭିନ୍ନ ଶିକ୍ଷା ଅନୁଷ୍ଠାନ ନିକଟସ୍ଥ ଅଞ୍ଚଳ ଓ ବଜାର ପରିସରରେ ଥିବା ପାନ ଦୋକାନ, ଗ୍ରୋସେରୀ ଦୋକାନ ଏବଂ ଅନ୍ୟାନ୍ୟ ଛୋଟ ବ୍ୟବସାୟିକ ପ୍ରତିଷ୍ଠାନ ଗୁଡିକରେ ଅଚାନକ ଯାଞ୍ଚ କରାଯାଇଥିଲା । ଯାଞ୍ଚ ବେଳେ ବିଭିନ୍ନ ପ୍ରକାର ତମାଖୁଜାତ ନିଶାଦ୍ରବ୍ୟ ବିକ୍ରୟ କରାଯାଉଥିବା ଦେଖାଯାଇଥିଲା । ଶିକ୍ଷା ଅନୁଷ୍ଠାନ ନିକଟରେ ତମାଖୁଜାତ



ସାମଗ୍ରୀ ବିକ୍ରୟ ନିଷିଦ୍ଧ ଥିବା ସତ୍ତ୍ୱେ ନିୟମ ଉଲ୍ଲଂଘନ କରି ବିକ୍ରୟ କରାଯାଉଥିବା ଅଭିଯୋଗରେ ମୋଟ ୬ଟି ଦୋକାନକୁ ଚିହ୍ନଟ କରାଯାଇ ମୋଟ ୭୦୦ ଟଙ୍କା ଜରିମାନା ଆଦାୟ କରାଯାଇଥିଲା । ଏହାସହ ସେମାନଙ୍କୁ ଭବିଷ୍ୟତରେ ଏପରି ନିୟମ ଉଲ୍ଲଂଘନ ନ କରିବା ପାଇଁ ସତର୍କ କରାଯାଇଥିଲା ।

ଜନସ୍ୱାସ୍ଥ୍ୟ ସୁରକ୍ଷା ଏବଂ ଶିକ୍ଷା ଅନୁଷ୍ଠାନ ପରିସରକୁ ତମାଖୁମୁକ୍ତ ରଖିବା ଲକ୍ଷ୍ୟରେ ଆଗାମୀ ଦିନରେ ମଧ୍ୟ ଏଭଳି ମିଳିତ ଚଢ଼ାଉ ଓ ଯାଞ୍ଚ ଅଭିଯାନ ଜାରି ରହିବ ବୋଲି ଏହି ମିଳିତ ଟିମ୍ ପକ୍ଷରୁ ସୂଚନା ଦିଆଯାଇଛି । ଆଜିର ଏହି ଯାଞ୍ଚ ଅଭିଯାନରେ ଡ୍ରଗ ଇନ୍ସପେକ୍ଟର ପ୍ରଦୀପ କୁମାର ସାହୁ, ତିରିଂ ଥାନା ର ଏଏସାଇ ସଞ୍ଜୟ କୁମାର ନାୟକ ଓ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ତରଫରୁ ନିହାର ରଞ୍ଜନ ପୃଷ୍ଟି ସାମିଲ୍ ଥିଲେ ।



# ଆସନ୍ତା ୯ରୁ ସଦର ମହକୁମା ଡାକ୍ତରଖାନରେ ଅଲଟ୍ରା ସାଉଣ୍ଡ ପରୀକ୍ଷା ଆରମ୍ଭ

ଫୁଲବାଣୀ ୨/୦୬(ଆନିସ): ଫୁଲବାଣୀସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସା ଳୟ ରେ ଆସନ୍ତା ୯ ତାରିଖ ଠାରୁ ସାଧାରଣ ରୋଗୀ ଙ୍କ ପାଇଁ ଆବଶ୍ୟକ ପଡୁଥିବା ଅଲଟ୍ରା ସାଉଣ୍ଡ ଟେଷ୍ଟ ଆରମ୍ଭ ହେବାକୁ ଯାଉଛି। ଏହା ପ୍ରତି ସପ୍ତାହର ମଙ୍ଗଳବାର, ବୁଧବାର ଓ ଗୁରୁବାର ଏପରି ୩ଦିନ ଧରି ଏହି ସେବା ମିଳିବ ବୋଲି ଆଜି ହସ୍ପିଟାଲ କର୍ତୃପକ୍ଷ ପକ୍ଷରୁ ଏକ ନିର୍ଦ୍ଦେଶ ନାମା ପ୍ରକାଶ ପାଇଛି। ବହୁ ପ୍ରତିକ୍ଷୀତ ଏହି ଅଲଟ୍ରା ସାଉଣ୍ଡ ପ୍ରତିଷ୍ଠା ପାଇଁ ଦୀର୍ଘ ଦିନ ହେଲା ବିଭିନ୍ନ ସଙ୍ଗଠନ ପକ୍ଷରୁ ଦାବୀ ହୋଇ ଆସୁଥିଲା। କେବଳ ପ୍ରସୂତୀ ବିଭାଗ ରେ ଗର୍ଭବତୀ ମହିଳାଙ୍କ ଚିକିତ୍ସା ରେ ଅଲଟ୍ରା ସାଉଣ୍ଡ ବ୍ୟବହୃତ ହେଉଥିଲା। ପୂର୍ବତନ ଜିଲ୍ଲା ଚିକିତ୍ସା ଓ ସ୍ୱାସ୍ଥ୍ୟ ଅଧିକାରୀ ଡ .ସନ୍ତୋଷ କୁମାର ପାଢ଼ୀ ଙ୍କ ଆନ୍ତରିକତା ଯୋଗୁଁ ଛତ୍ରପୁର ସ୍ଥିତ ବିରଳ ମୃତିକା ସଂସ୍ଥା ପକ୍ଷରୁ ଅଲଟ୍ରା ସାଉଣ୍ଡ ଯନ୍ତ୍ରପାତି ଯୋଗାଇଦିଆଯାଇଥିଲା। ତେବେ ବିଭିନ୍ନ ଆଇନ ଗତ ସମସ୍ୟା ଯୋଗୁଁ ଏହା ପ୍ରତିଷ୍ଠା ରେ ବିଳମ୍ବ ଘଟି ଥିଲା। ତେବେ ଆଜି ର ନିଷ୍ପତି ପରେ ଜନସାଧାରଣ ଆଶ୍ୱସ୍ତି ଲାଭ କରିଛନ୍ତି।

# ମହେନ୍ଦ୍ର ମେଳାର ଶୁଭାରମ୍ଭ, କଳସ ଯାତ୍ରାରେ ୧୦ ହଜାରରୁ ଉର୍ଦ୍ଧ୍ୱ ମହିଳା ସାମିଲ

## ବେଦ, ମନ୍ତ୍ର, ଶଙ୍ଖ ଧ୍ୱନିରେ ପ୍ରକମ୍ପିତ ହେଲା ମହେନ୍ଦ୍ରଗିରି



ପାରଳାଖେମୁଣ୍ଡି,୨।୬ (ଆନିସ): ପୁରାଣ ପ୍ରସିଦ୍ଧ ଅତି ପ୍ରାଚୀନ ଶୈବପୀଠ ମହେନ୍ଦ୍ରଗିରିରେ ମହେନ୍ଦ୍ର ମେଳାର ଶୁଭାରମ୍ଭ ହୋଇଯାଇଛି। ୧୦ ହଜାରରୁ ଉର୍ଧ୍ୱ ମହିଳା ପବିତ୍ର ପର୍ଶୁରାମ କୁଣ୍ଡରୁ ଜଳ ଗ୍ରହଣ କରି ପୂର୍ଣ କଳସକୁ ଧରି ୭ କିମି ପାହାଡିଆ ରାସ୍ତାରେ ପାଦ ଚଲାରେ ଯାଇ ପହଞ୍ଚ ଥିଲେ. ମହେନ୍ଦ୍ରମେଳା ପ୍ରାରମ୍ଭରେ ବେଦ ମନ୍ତ୍ର ଉଚ୍ଚାରଣ ଓ ଶଙ୍ଖଧ୍ୱନିରେ ମହେନ୍ଦ୍ରଗିରି ପର୍ବତରେ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଛି। ପ୍ରଥମ ଥର ପାଇଁ ମହେନ୍ଦ୍ର ଶିଖରରେ ବୃହତ୍ ଓ ଭବ୍ୟ ଧାର୍ମିକ କାର୍ଯ୍ୟକ୍ରମ ଆୟୋଜନ ହୋଇଥିବାରୁ ଶ୍ରଦ୍ଧାଳୁଙ୍କ ମଧ୍ୟରେ ବେଶ୍ ଉତ୍ସାହ ଓ ଆଗ୍ରହ ପରିଲକ୍ଷିତ ହୋଇଥିଲା. ମେଳାର ପ୍ରଥମ ଦିନରେ ଜଳଯାତ୍ରା, ଦୀକ୍ଷା ଗ୍ରହଣ ଓ ଅଙ୍କୁରାରୋପଣ ଭଳି ବିଭିନ୍ନ ରୀତିନୀତି ସମ୍ପନ୍ନ ହୋଇଥିଲା। ମହାଯଜ୍ଞରେ ବ୍ରାହ୍ମଣମାନଙ୍କ ବେଦ ମନ୍ତ୍ର ଉଚ୍ଚାରଣରେ ପର୍ବତମାଳା ପ୍ରକମ୍ପିତ ହୋଇଉଠିଥିଲା. ସେହିପରି ଯଜ୍ଞଶାଳାରେ ପୂର୍ବରୁ ସ୍ୱତନ୍ତ୍ର ପୂଜାର୍ଚ୍ଚନା, ବେଦପାଠ, ହୋମ ଓ ଯଜ୍ଞ ସମ୍ପର୍କିତ ପ୍ରାରମ୍ଭିକ କାର୍ଯ୍ୟ ଆରମ୍ଭ ହୋଇଥିଲା। ଦେଶର ବିଭିନ୍ନ ପ୍ରାନ୍ତରୁ ଆସିଥିବା ଶତାଧିକ ସାଧୁସନ୍ଥ ଓ ଧର୍ମଗୁରୁ ପ୍ରବଚନ ପ୍ରଦାନ କରିଥିଲେ. ଗତକାଲି ଠାରୁ ଆରମ୍ଭ ହୋଇଥିବା ଏହି ମହେନ୍ଦ୍ରମେଳାରେ ଆଜି ବିଧିବଦ୍ଧ ଭାବେ ମହାଯଜ୍ଞ ଆରମ୍ଭ ହୋଇଛି. ୯ ଦିନ ବ୍ୟାପୀ ପ୍ରବଚନ, ଧାର୍ମିକ ସଭା ଓ ବିଭିନ୍ନ ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ମହେନ୍ଦ୍ରମେଳା ଅନୁଷ୍ଠିତ ହେବ ଶ୍ରଦ୍ଧାଳୁଙ୍କ ସୁବିଧା, ସୁରକ୍ଷା ଓ ଯାତାୟାତ ପରିଚାଳନା ପାଇଁ ପ୍ରଶାସନ ଓ ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି।

# ପ୍ରଧାନମନ୍ତ୍ରୀ ସୂର୍ଯ୍ୟ ଘର ମୁକ୍ତ ବିଜୁଳି ଯୋଜନା ଶୁଭ ଉଦଘାଟନ



ହିଞ୍ଜିଳିକାଟୁ,୨।୬ (ଆନିସ): ହିଞ୍ଜିଳିକାଟୁ ବ୍ଲକ୍ ଅନ୍ତର୍ଗତ ସାହାପୁର ଗ୍ରାମରେ ପ୍ରଧାନମନ୍ତ୍ରୀ ସୂର୍ଯ୍ୟ ଘର ମୁକ୍ତ ବିଜୁଳି ଯୋଜନାର ଶୁଭ ଉଦଘାଟନ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ହିଞ୍ଜିଳି ଗୋଷ୍ଠୀ ଉନ୍ନୟନ ଅଧିକାରୀ ମୁଖ୍ୟ ଅତିଥି ଭାବେ ଓ ଅତିରିକ୍ତ ତହସିଲଦାର,ଜିଲ୍ଲା ପରିଷଦ ସଦସ୍ୟା ପ୍ରୀତି ସାହୁ ,ବ୍ଲକ୍ ଉପାଧ୍ୟକ୍ଷ ସୁନିଲ ଗନ୍ତୟତ,ସ୍ଥାନୀୟ ସରପଞ୍ଚ ବନ୍ଦନା ପ୍ରଧାନ ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ରିବନ କଟି ଶୁଭ ଉଦଘାଟନ କରିଥିଲେ । ଏହି ପିଏମ ସୂର୍ଯ୍ୟ ଘର ମୁକ୍ତ ବିଜୁଳି ଯୋଜନା ହିଞ୍ଜିଳିକାଟୁ ବ୍ଲକ୍ ର ବିଭିନ୍ନ ପଞ୍ଚାୟତ ସ୍ତରରେ ୨୦୦ ଜଣ ହିତାଧିକାରୀଙ୍କ ପଞ୍ଜିକରଣ କରାଯାଇଅଛି ।

ସେହି ପରି ସାହାପୁର ଗ୍ରାମ ପଞ୍ଚାୟତ ଟିପିଏସଓଡିଏଲ ପକ୍ଷରୁ ରୁଫଟପ ମଡେଲରେ ପ୍ରାୟ ୭୫ ହିତାଧିକାରୀଙ୍କ ନାମ ପଞ୍ଜିକରଣ ହୋଇଥିବା ବେଳେ ୫୪ ଜଣ ହିତାଧିକାରୀଙ୍କ ଘରେ ଏହି ସୌର ସୋଲାର ପ୍ୟାନେଲ ମାତ୍ର ୧୮୭୫ ଟଙ୍କା ଦେଇ ୧କିଲୋ ୱାଟ ବିଦ୍ୟୁତ ଲାଭ ପାଇ ପାରିବେ ବୋଲି ଟିପିଏସଓଡିଏଲ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଶ୍ରୀ ଗୋପାଳ କୃଷ୍ଣ ପଣ୍ଡା ମତ ପ୍ରକାଶ କରିଛନ୍ତି । ଏହି ଯୋଜନା ହେଉଛି କେନ୍ଦ୍ର ସରକାରଙ୍କ ବୃହତ ଯୋଜନା । ଯାହା ମାଧ୍ୟମରେ ଘର ଛାତ ଉପରେ ସୌର ପ୍ୟାନେଲ ଲଗାଇବା ପାଇଁ ସରକାରୀ ସବସିଡ ପ୍ରଦାନ କରାଯାଏ । ଏହି ଯୋଜନାରେ ମାସିକ ୧୦୦ୟୁନିଟ ପର୍ଯ୍ୟନ୍ତ ବିଜୁଳି ମାଗଣା ମିଳିଥାଏ ଏହା ମଧ୍ୟ ସେ କହିଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ,ସମିତି ସଭ୍ୟ ,ପିଇଓ ଚିନ୍ତାମଣି ଗଉଡ଼ ,ଅମୂଲ୍ୟ ଏଣ୍ଟରପ୍ରାଇଜର ସମସ୍ତ କର୍ମଚାରୀ ଏବଂ ଟିପିଏସଓଡିଏଲର କର୍ମଚାରୀ ମାନେ ଉପସ୍ଥିତ ଥିଲେ ।

# ଘୁ.ଉଦୟଗିରି ଲ୍ୟାମ୍ପସରେ ପ୍ରଥମ ଆମ୍ବ ମଣ୍ଡିର ଶୁଭାରମ୍ଭ କଲେ ଉପ ଜିଲ୍ଲାପାଳ, ଉପକୃତ ହେବେ ଚାଷୀ



ଘୁ.ଉଦୟଗିରି,୨।୬ (ଆନିସ): ସମବାୟ ବିଭାଗ,ଓଡିଶା ସରକାରଙ୍କ ପକ୍ଷରୁ ଆମ୍ବ ଚାଷୀମାନଙ୍କ ଠାରୁ ସିଧାସଳଖ ଲ୍ୟାମ୍ପସ ଓ ଆରଏମସି ମାଧ୍ୟମରେ ମଣ୍ଡି କରି ଆମ୍ବ କ୍ରୟ ଓ ବିପଣନ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। ଏପରି ସ୍ଥଳେ ଶୁକ୍ରବାର କନ୍ଧମାଳ ଜିଲ୍ଲା ଘୁ.ଉଦୟଗିରି ଲ୍ୟାମ୍ପସ ଜରିଆରେ ଆମ୍ବ ମଣ୍ଡି କରି ଆମ୍ବ କ୍ରୟ ଓ ବିପଣନ ଆରମ୍ଭ ହୋଇଥିବା ବେଳେ ମୁଖ୍ୟ ଅତିଥି ଭାବେ ଉପ ଜିଲ୍ଲାପାଳ,ବାଲିଗୁଡା (ଆଇଏଏସ) ପ୍ରଣୀତା ଦାସ ଯୋଗଦେଇ ଅନୁଷ୍ଠାନିକ ଶୁଭାରମ୍ଭ କରିଥିଲେ।ଏହି ଅବସରରେ ଉପ ଜିଲ୍ଲାପାଳ ଶ୍ରୀମତୀ ଦାସ କନ୍ଧମାଳ ଆମ୍ବ ରାଜ୍ୟ ଏବଂ ଦେଶରେ ପରିଚିତ ହେବା ସହ ଆମ୍ବ ଚାଷୀମାନଙ୍କର ଆର୍ଥୀକ ବିକାଶ କାମନା କରିଥିଲେ। ଆୟୋଜିତ କାର୍ଯ୍ୟକ୍ରମରେ ସମ୍ମାନୀତ ଅତିଥି ଭାବେ ଡେପୁଟି ରେଜିଷ୍ଟର ସନ୍ତୋଷ କୁମାର ଦାସ,ଡେପୁଟି ଡାଇରେକ୍ଟର ହର୍ଟୀକଲଚର ଏସ୍.ମହାନ୍ତି, ଘୁ.ଉଦୟଗିରି ବିଡିଓ ସତ୍ୟନାରାୟଣ ମିଶ୍ର, ଘୁ.ଉଦୟଗିରି ତହସିଲଦାର ସମୁଦ୍ର ମିଶ୍ର, ଏଆରସିଏସ ବାଲିଗୁଡା ସୁକାନ୍ତ କୁମାର ପାଢୀ, ଏଆରସିଏସ ଫୁଲବାଣୀ ଲଳିତ କୁମାର ମାଝି, ଆରଏମସି ସମ୍ପାଦକ ସୁରେଶ କୁମାର ବେହେରା, ଲ୍ୟାମ୍ପସ ସଭାପତି ଜମେଶ ଚନ୍ଦ୍ର ପ୍ରଧାନ ପ୍ରମୁଖ ମଞ୍ଚାସିନ ଥିଲେ।ଅଞ୍ଚଳର ବହୁ ଚାଷୀ ଆମ୍ବ ବିକ୍ରୀ କରିବାକୁ ଲ୍ୟାମ୍ପସକୁ (ମଣ୍ଡି) ଆଣିଥିବା ବେଳେ ସେମାନଙ୍କୁ ଆମ୍ବର ଉଚିତ ମୁଲ୍ୟ ଡିବିଟି ମାଧ୍ୟମରେ ପ୍ରଦାନ କରାଯାଇଥିଲା।ବଜାର ମୁଲ୍ୟ ଠାରୁ ଅଧିକ ଦାମରେ ଏଠି ବିକ୍ରୀ କରାଯାଉଥିବାରୁ ଚାଷୀ ଅଧିକ ଲାଭବାନ ହେବେ ବୋଲି ଚାଷୀ ଅକ୍ଷୟ କୁମାର ପ୍ରଧାନ କହିଛନ୍ତି। ଲ୍ୟାମ୍ପସ ଏମଡି ଶିଶିରକାନ୍ତ ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲ୍ଲା ପରାଷଦ ସଭ୍ୟା ଲିଲିମା ପ୍ରଧାନ,ସଭ୍ୟ କିଶୋର ନାୟକ,ବିନୋଦ ବିହାରୀ ଦାସ,ସଚିକାନ୍ତ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।କାର୍ଯ୍ୟକ୍ରମ ପରିଚାଳନାରେ ହିସାବ ରକ୍ଷକ ପିତାମ୍ବର ସାହୁଙ୍କ ସହିତ ଲ୍ୟାମ୍ପସର ସମସ୍ତ କର୍ମଚାରୀ ସହଯୋଗ କରିଥିବା ବେଳେ ନରେଶ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# ସ୍କୁଟିରୁ ପଡ଼ି କଂଗ୍ରେସ ନେତାଙ୍କ ମୃତ୍ୟୁ

କୁକୁଡାଖଣ୍ଡି,୨।୬ (ଆନିସ): କୁକୁଡାଖଣ୍ଡି ଗ୍ରାମର ବରିଷ୍ଠ କଂଗ୍ରେସ ନେତା ତଥା ଜନପ୍ରିୟ ସମାଜସେବୀ କୌଳାସ ଚନ୍ଦ୍ର ନାୟକ (୬୧) ସ୍କୁଟିରୁ ପଡି ପରଲୋକ ଘଟିଛି। ତାଙ୍କ ଅକାଳ ବିୟୋଗରେ କୁକୁଡାଖଣ୍ଡି ସମେତ ସମଗ୍ର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।ସୂଚନା ଅନୁଯାୟୀ, ସୋମବାର ମଧ୍ୟାହ୍ନରେ ଶ୍ରୀ ନାୟକ ଜଣେ ପରିଚିତ ବ୍ୟକ୍ତିଙ୍କ ସ୍କୁଟିରେ ବସି ବ୍ରହ୍ମପୁର ଅଭିମୁଖେ ଯାଉଥିବା ବେଳେ ଜଗଦଲପୁର ଗ୍ରାମ ନିକଟରେ ଅସାବଧାନତାବଶତଃ ଗାଡ଼ିରୁ ତଳେ ପଡ଼ିଯାଇଥିଲେ।ସେ ଗୁରୁତର ଆହତ ହୋଇଥିଲେ। ପରେ ସ୍ଥାନୀୟ ଲୋକଙ୍କ ସହଯୋଗରେ ତାଙ୍କୁ ତୁରନ୍ତ ଆମ୍ବୁଲାନ୍ସ ଯୋଗେ ବ୍ରହ୍ମପୁର ବଡ଼ ମେଡିକାଲ କୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।ପୁଲିସ ପକ୍ଷରୁ ମୃତଦେହ ଜବତ କରାଯାଇ ଶବ ବ୍ୟବଚ୍ଛେଦ ପାଇଁ ପଠାଯାଇଥିଲା। ମଙ୍ଗଳବାର ମଧ୍ୟାହ୍ନ ସମୟରେ ଶବ ବ୍ୟବଚ୍ଛେଦ ପରେ ତାଙ୍କ ମୃତଦେହ ନିଜ ବାସଭବନକୁ ଅଣାଯାଇଥିଲା। ସେଠାରେ ପରିବାର ସଦସ୍ୟ, ବନ୍ଧୁବାନ୍ଧବ, ଶୁଭେଚ୍ଛୁ ଏବଂ ବିଭିନ୍ନ ରାଜନୈତିକ ଦଳର ନେତା ତଥା ପୂର୍ବତନ ବ୍ଲକ କଂଗ୍ରେସ ସଭାପତି ପି ଶିବପ୍ରସାଦ ଦୋରା, ପୂର୍ବତନ ସରପଂଚ ଅଦଳ ଭରତ ସହ ଅନେକ କର୍ମୀମାନେ ଉପସ୍ଥିତ ରହି ଶେଷ ଦର୍ଶନ କରିଥିଲେ।ଶ୍ରୀ ନାୟକ ଜଣେ ମିଷ୍ଟଭାଷୀ, ମେଳାପୀ ଓ ନିଷ୍ଠାବାନ କଂଗ୍ରେସ କର୍ମୀ ଭାବେ ଅଞ୍ଚଳରେ ପରିଚିତ ଥିଲେ। ତାଙ୍କ ବିୟୋଗରେ ରାଜନୈତିକ ଓ ସାମାଜିକ ମହଲରେ ଗଭୀର ଶୋକ ପ୍ରକାଶ ପାଇଛି।

# ବିଭିନ୍ନ ମୌଳିକ ସମସ୍ୟା ନେଇ ବ୍ଲକ ଘେରାଉ କଲେ ପଞ୍ଚାୟତବାସୀ



ବୁଗୁଡ଼ା,୨।୬ (ଆନିସ): ଗଞ୍ଜାମ ଜିଲ୍ଲା ବୁଗୁଡ଼ା ବ୍ଲକ ବିରଞ୍ଚିପୁର ଗ୍ରାମପଞ୍ଚାୟତ ରେ ବିଭିନ୍ନ ଉନ୍ନତି ମୂଳକ କାର୍ଯ୍ୟ ନହେବା ଏବଂ ବିଭାଗୀୟ ଅଧିକାରୀଙ୍କ ମନମୁଖୀ କାର୍ଯ୍ୟକଳାପ ରେ ଅତିଷ୍ଠ ହୋଇ ଶତାଧିକ ପଞ୍ଚାୟତ ବାସୀ ଏକତ୍ରିତ ହୋଇ ବ୍ଲକ ଅଫିସ ଘେରାଉ ସହିତ ବିଡିଓ ଙ୍କୁ ଏକ ଲିଖିତ ଅଭିଯୋଗ ପତ୍ର ପ୍ରଦାନ କରିଛନ୍ତି। ରାଜ୍ୟ ସରକାର ଗ୍ରାମାଞ୍ଚଳର ବିକାଶ ପାଇଁ ଅନେକ ଯୋଜନା କାର୍ଯ୍ୟକାରୀ କରୁଥିବା ବେଳେ ବିରଞ୍ଚିପୁର ପଞ୍ଚାୟତ ପାଇଁ ବିକାଶ ସାତସପନ ପାଲଟିଥିବା ଅଭିଯୋଗ ହୋଇଛି। ଯଦି ସାତଦିନ ମଧ୍ୟରେ ଏହାର ସମାଧାନ ନହୁଏ ତେବେ ପଞ୍ଚାୟତ ବାସୀ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଥିବାବେଳେ ସାତଦିନ ମଧ୍ୟରେ ଏହାର ସମାଧାନ କରି ବିକାଶ ମୂଳକ କାର୍ଯ୍ୟ କରାଯିବ ସହିତ ତ୍ୱରାନ୍ୱିତ କରାଯିବ ବୋଲି ଗୋଷ୍ଠି ଉନ୍ନୟନ ଅଧିକାରୀ ଦୁତିକୃଷ୍ଣ ପାତ୍ର କହିଛନ୍ତି ।

# ସଦର ପୋଲିସର ଫ୍ଲାଗ୍ ମାର୍ଚ୍ଚ- ଅପରାଧୀ ଦମନ ପାଇଁ ଚାଲିଛି ପ୍ରୟାସ



ବ୍ରହ୍ମପୁର,୨।୬ (ଆନିସ): ଅଞ୍ଚଳରେ ଆଇନ ଶୃଙ୍ଖଳା ପରିସ୍ଥିତିକୁ ସୁଦୃଢ଼ କରିବା ଏବଂ ସାଧାରଣ ଜନତା ଙ୍କ ମନରେ ସୁରକ୍ଷା ର ଭାବନା ସୃଷ୍ଟି କରିବା ଉଦ୍ଦେଶ୍ୟରେ ବ୍ରହ୍ମପୁର ଉପକଣ୍ଠ ସଦର ପୋଲିସ ପକ୍ଷ ରୁ ସୋମବାର ସନ୍ଧ୍ୟା ସମୟ ରେ ଏକ ବ୍ୟାପକ ଫ୍ଲାଗ୍ ମାର୍ଚ୍ଚ ଅନୁଷ୍ଠିତ ହୋଇଯାଇଛି।ସଦର ଥାନା ଅଧିକାରୀ ସନ୍ତୋଷ କୁମାର ବେହେରା ଙ୍କ ନେତୃତ୍ୱରେ ଆୟୋଜିତ ଏହି ଫ୍ଲାଗ୍ ମାର୍ଚ୍ଚରେ ପୋଲିସ ବିଭାଗର ବହୁ କର୍ମଚାରୀ ତଥା ଲକ୍ଷ୍ମୀକାନ୍ତ ପ୍ରଧାନ ସହ ପୋଲିସ ବାହିନୀ ସାମିଲ ହେଇଥିଲେ।ସଦର ଥାନା ଅଞ୍ଚଳର ବିଭିନ୍ନ ପ୍ରମୁଖ ରାସ୍ତା, ଜନଗହଳିପୂର୍ଣ୍ଣ ବଜାର ଦେଇ ଏହି ଫ୍ଲାଗ୍ ମାର୍ଚ୍ଚ କାର୍ଯ୍ୟକ୍ରମ ହୋଇଥିଲା।ପୋଲିସର ଏହି ପଦକ୍ଷେପ ମାଧ୍ୟମରେ ଅଞ୍ଚଳରେ ଶାନ୍ତି, ଶୃଙ୍ଖଳା ଓ ସୁରକ୍ଷା ବଜାୟ ରଖିବା ପାଇଁ କଡ଼ା ସନ୍ଦେଶ ଦିଆଯାଇଛି। ବିଶେଷ କରି ଅସାମାଜିକ ବ୍ୟକ୍ତି ଏବଂ ଅପରାଧୀ ମାନଙ୍କ ଉପରେ ନଜର ରଖାଯାଉଥିବା ବେଳେ ସେମାନଙ୍କ ମନରେ ପୋଲିସ ପ୍ରତି ଭୟ ସୃଷ୍ଟି କରିବା ଏହି ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ ବୋଲି କୁହାଯାଇଛି।ଏହି ଅବସରରେ ଥାନା ଅଧିକାରୀ ସନ୍ତୋଷ କୁମାର ବେହେରା କହିଥିଲେ ଯେ, ଅଞ୍ଚଳ ରେ ଆଇନ ଶୃଙ୍ଖଳା ପରିସ୍ଥିତିକୁ ନିୟନ୍ତ୍ରଣରେ ରଖିବା ଏବଂ ସାଧାରଣ ଲୋକଙ୍କ ଜୀବନ ଓ ସମ୍ପତ୍ତିର ସୁରକ୍ଷା ସୁନିଶ୍ଚିତ କରିବା ପୋଲିସର ପ୍ରାଥମିକ ଦାୟିତ୍ୱ। ଏହି ଫ୍ଲାଗ୍ ମାର୍ଚ୍ଚ ଦ୍ୱାରା ସାଧାରଣ ଲୋକଙ୍କ ମନରେ ପୋଲିସ ପ୍ରତି ବିଶ୍ୱାସ ବୃଦ୍ଧି ପାଇବା ସହିତ ଅପରାଧୀମାନେ ଆଇନର ଭୟ ଅନୁଭବ କରିବେ। କୌଣସି ପ୍ରକାର ଅପରାଧିକ କାର୍ଯ୍ୟକଳାପ କୁ ବରଦାସ୍ତ କରାଯିବ ନାହିଁ ବୋଲି ସେ ସ୍ପଷ୍ଟ କରିଥିଲେ।ଫ୍ଲାଗ୍ ମାର୍ଚ୍ଚ ସମୟରେ ସ୍ଥାନୀୟ ଲୋକମାନେ ପୋଲିସର ଏହି ପଦକ୍ଷେପକୁ ସ୍ୱାଗତ କରିଥିବା ଦେଖିବାକୁ ମିଳିଥିଲା। ଏଭଳି କାର୍ଯ୍ୟକ୍ରମ ନିୟମିତ ଭାବେ ଜାରି ରହିଲେ ଅଞ୍ଚଳରେ ଅପରାଧ ହ୍ରାସ ପାଇବା ସହ ଶାନ୍ତିପୂର୍ଣ୍ଣ ପରିବେଶ ବଜାୟ ରହିବ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି। ପୋଲିସ ପକ୍ଷରୁ ଆଗାମୀ ଦିନରେ ମଧ୍ୟ ଏଭଳି ସଚେତନତା ଓ ସୁରକ୍ଷାମୂଳକ ଅଭିଯାନ ଜାରି ରହିବ ବୋଲି ସୂଚନା ମିଳିଛି।

## ଗଜପତିରେ କାଳ ବୈଶାଖୀର ତାଣ୍ଡବ

# ବଜ୍ରଘାତ ଯୋଗୁଁ ୪ ଜଣ ମହିଳା ଆହତ, ୩ ବଳଦ ମୃତ



ପାରଳାଖେମୁଣ୍ଡି, ୨।୬ (ଆନିସ): ଗଜପତି ଜିଲ୍ଲାରେ କାଳ ବୈଶାଖୀର ତାଣ୍ଡବ ଯୋଗୁଁ ପ୍ରବଳ ବଜ୍ରଘାତ ଜନିତ ଘଟଣାରେ ୪ ଜଣ ମହିଳା ଆହତ ହୋଇଥିବା ବେଳେ ୩ଗୋଟି ବଳଦର ମୃତ୍ୟୁ ହୋଇଥିବା ସୂଚନା ମିଳିଛି। ଗତକାଲି ସନ୍ଧ୍ୟା ସମୟରେ ଗଜପତି ଜିଲ୍ଲାର ଗୁମ୍ମା ଓ ଗୋଷଣୀ ବ୍ଲକ ଅଞ୍ଚଳରେ ଏହି ଅଘଟଣ ଘଟିଛି. ଗୁମ୍ମା ବ୍ଲକରେ ୪ ଜଣ ମହିଳା ବଜ୍ରାଘାତ ଯୋଗୁଁ ଆହତ ହୋଇଛନ୍ତି. ସେମାନେ ହେଲେ ତାଲାଜିଙ୍ଗ ଗ୍ରାମର ମନିକା ମଣ୍ଡଳ, ଜୁସ୍କା ମଣ୍ଡଳ, ଜୁସ୍ ?ଟିଲା ମଣ୍ଡଳ ଓ ଖୁଲିମୁଣ୍ଡା ଗ୍ରାମର ରିବିକା ଶବର. ଏହି ୪ ଜଣ ଘରେ ବସିଥିବା ସମୟରେ ଘର ନିକଟରେ ବଜ୍ରପାତ ହୋଇଥିବାରୁ ସେମାନେ ଆହତ ହୋଇଥିଲେ। ପରିବାରବର୍ଗ ଓ ଗ୍ରାମବାସୀ ଏହି ୪ ଜଣ ଆହତ ମହିଳାଙ୍କୁ ଗୁମ୍ମା ଡାକ୍ତରଖାନାରେ ଭର୍ତି କରିଥିଲେ. ସେମାନଙ୍କୁ ଚିକିତ୍ସା କରାଯିବା ପରେ ସ୍ୱାସ୍ଥ୍ୟବସ୍ଥା ସ୍ଥିର ରହିଥିବା ସୂଚନା ମିଳିଛି। ସେହିପରି ଏହି ଜିଲ୍ଲାର ରାୟଗଡ଼ ବ୍ଲକ୍? ଅଧୀନସ୍ଥ ମାର୍ଲବା ପଞ୍ଚାୟତ ପୁତି ସାହି ଗ୍ରାମର ତେନ୍ତୁଳି ଗଛ ନିକଟରେ ଆଶ୍ରୟ ନେଇଥିବା ୩ଟି ବଳଦ କାଳ ବୈଶାଖୀ ଜନିତ ବଜ୍ରଘାତ ଯୋଗୁଁ ଗତକାଲି ସନ୍ଧ୍ୟାରେ ମୃତ୍ୟୁ ହୋଇଛି। ମୃତ ବଳଦଗୁଡ଼ିକ ଚାଷୀ ଗେଡ଼ୁ ବଡରଇତ, ମାମିନା ବଡ଼ ରଇତ ଏବଂ ଦୁଆରି ଗମାଙ୍ଗଙ୍କର ବୋଲି ଚିହ୍ନଟ କରାଯାଇଛି। କ୍ଷତିଗ୍ରସ୍ତ ଚାଷୀଙ୍କୁ ସହାୟତା ଯୋଗାଇ ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

# ଅଟୋ ଦୁର୍ଘଟଣା ଘଟି ୬ ଆହତ, ଜଣେ ଗୁରୁତର

ପାତ୍ରପୁର,୨।୬ (ଆନିସ):ଜରଡା ଥାନା ଖାରିଆଗୁଡା ଫାଣ୍ଡି ଅନ୍ତର୍ଗତ ସୁରଙ୍ଗୀ ସାଗର ନିକଟରେ ଗୋଟିଏ ଅଟୋ ଭାରସାମ୍ୟ ହରାଇ ଦୁର୍ଘଟଣା ଗ୍ରସ୍ତ ହୋଇଛି। ଫଳରେ ଅଟୋରେ ଯାଉଥିବା ୭ ଜଣ ଆହତ ହୋଇଥିବା ବେଳେ ସେ ମଧ୍ୟରୁ ଜଣେ ଗୁରୁତର ହୋଇଥିବା ଜଣାପଡ଼ିଛି। ସୂଚନା ଅନୁସାରେ ମଙ୍ଗଳବାର ସକାଳ ସମୟରେ ଗୋଟିଏ ଅଟୋରେ ଦେଉଳିଆ ଗ୍ରାମର ସାତ ଜଣ ଅଟୋ ସାହାଯ୍ୟରେ ପାତ୍ରପୁର ଆଡ଼କୁ ଯାଉଥିବା ବେଳେ ସୁରଙ୍ଗୀ ସାଗର ନିକଟରେ ଅଟୋଟି ଭାରସାମ୍ୟ ହରାଇ ଓଲଟି ପଡିଥିଲା। ଫଳରେ ଅଟୋରେ ଯାଉଥିବା ସାତ ଜଣ ଆହତ ହୋଇଥିବା ବେଳେ ଜଣେ ଗୁରୁତର ହୋଇଥିବା ଜଣାପଡ଼ିଛି। ସମସ୍ତ ଆହତ ମାନଙ୍କୁ ସ୍ଥାନୀୟ ଲୋକେ ନିକଟସ୍ଥ ସୁରଙ୍ଗୀ ମେଡ଼ିକାଲକୁ ସ୍ଥାନାନ୍ତର କରିଥିବା ବେଳେ ଜଣେ ଗୁରୁତର ହୋଇଥିବା ଯୋଗୁଁ ତାଙ୍କୁ ପାତ୍ରପୁର ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଥିଲା। ପରେ ସେଠାରୁ ବ୍ରହ୍ମପୁର ବଡ଼ ମେଡ଼ିକାଲକୁ ସ୍ଥାନାନ୍ତର କରିଥିବା ଜଣାପଡ଼ିଛି।

# ଶୀତଳ ଶଷ୍ଠୀ ଯାତ୍ରା ପାଇଁ ଶୁଭ ଖୁଣ୍ଟି ସ୍ଥାପନା



ଘୁ. ଉଦୟଗିରି,୨।୬ (ଆନିସ): ଘୁ. ଉଦୟଗିରି ରେ ହେବାକୁ ଥିବା ଶୀତଳ ଷଷ୍ଠୀ ଯାତ୍ରା ପାଇଁ ଆଜି ଗାନ୍ଧୀ ଛକ ରେ ଶୁଭ ଖୁଣ୍ଟି ସ୍ଥାପନ କରାଯାଇଛି। ଶୀତଳ ଷଷ୍ଠୀ ଯାତ୍ରା କମିଟି ତରଫରୁ ଏଥି ପାଇଁ ପ୍ରସ୍ତୁତି କରାଯାଇଥିବା ବେଳେ କମିଁଟି ସଭାପତି ଜିତେନ୍ଦ୍ର କୁମାର ଦାଶ ଙ୍କ ତତ୍ୱାବଧାନ ରେ ସ୍ଥାପନା କରାଯାଇଛି। ଆୟୋଜିତ ଏହି କାର୍ଯ୍ୟକ୍ରମ ରେ କମିଟି ତରଫରୁ ଉପ ସଭାପତି ନୀଳ ମାଧବ ମହାପାତ୍ର, ସହ ସମ୍ପାଦକ ସୁରଜ ମାଝୀ, କୋଷାଧକ୍ଷ ଶେଖର ପରିଛା, ଙ୍କ ସହିତ ଦଣ୍ଡପାଣି ପାଢ଼ୀ, ଲାଲୁ ପରିଛା ଅଶୋକ ପାତ୍ର,ଶରଣ ପଞ୍ଜର ମାଝୀ, ପଣ୍ଡିତ ସୂର୍ଯ୍ୟ କାନ୍ତ ଆଚାର୍ଯ୍ୟ, ସୁଧାଂଶୁ ଆଚାର୍ଯ୍ୟ, ସଞ୍ଜୟ ଆଚାର୍ଯ୍ୟ, ପ୍ରତାପ ପଣ୍ଡା, ସନ୍ତୋଷ ଆଚାର୍ଯ୍ୟ, ପ୍ରଶାନ୍ତ ମୁନି,ପ୍ରମୁଖ ଉପସ୍ଥିତ ଥିଲେ।

# ବ୍ରହ୍ମପୁରରେ ୫ମ ରାଜ୍ୟ ପୋଲିସ ବ୍ୟାଡମିଣ୍ଟନ ଚାମ୍ପିଅନଶିପ୍ ଉଦ୍‌ଘାଟିତ




ବ୍ରହ୍ମପୁର, ୨।୬ (ଆନିସ): ୫ମ ରାଜ୍ୟ ପୋଲିସ ବ୍ୟାଡମିଣ୍ଟନ ଚାମ୍ପିଅନଶିପ୍ ୨୦୨୬-୨୭ର ଉଦ୍ଘାଟନୀ ସମାରୋହ ଆଜି ସକାଳେ ବ୍ରହ୍ମପୁର ଆମ୍ବପୁଆସ୍ଥିତ ରିଜର୍ଭ ପୋଲିସ ଗ୍ରାଉଣ୍ଡରେ ଅନୁଷ୍ଠିତ ହୋଇଯାଇଛି। ଏହି ବାର୍ଷିକ ରାଜ୍ୟସ୍ତରୀୟ ଚାମ୍ପିଅନଶିପ୍‌ରେ ଓଡ଼ିଶାର ବିଭିନ୍ନ ସ୍ଥାନରୁ ପୋଲିସ କର୍ମଚାରୀମାନେ ଅଂଶଗ୍ରହଣ କରି ପ୍ରତିଯୋଗିତାମୂଳକ ବ୍ୟାଡମିଣ୍ଟନ ଖେଳରେ ଭାଗ ନେଉଛନ୍ତି। ଶ୍ରୀ ନୀତି ଶେଖର, ଆଇପିଏସ୍, ଆଇ.ଜି. ପୋଲିସ (ଦକ୍ଷିଣ ରେଞ୍ଜ), ବ୍ରହ୍ମପୁର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଚାମ୍ପିଅନଶିପ୍‌ର ଶୁଭ ଉଦ୍ଘାଟନ କରିଥିଲେ। ଡ଼ଃ ସରବଣ ବିବେକ ଏମ୍, ଆଇପିଏସ୍, ଏସ୍.ପି., ବ୍ରହ୍ମପୁର ମଧ୍ୟ ଉଦ୍ଘାଟନୀ ସମାରୋହରେ ଉପସ୍ଥିତ ଥିଲେ।

ଏହି ଚାମ୍ପିଅନଶିପ୍‌ରେ ବିଭିନ୍ନ ପୋଲିସ ରେଞ୍ଜ ଏବଂ ବାଟାଲିୟନର ଦଳଗୁଡ଼ିକୁ ମିଶାଇ ମୋଟ ୧୬ଟି ଦଳ ଅଂଶଗ୍ରହଣ କରୁଛନ୍ତି। ଏହି ଦଳଗୁଡ଼ିକ ଓଡ଼ିଶା ପୋଲିସର ବିଭିନ୍ନ ୟୁନିଟ୍‌ର ପ୍ରତିନିଧିତ୍ୱ କରୁଛନ୍ତି ଏବଂ ଆଗାମୀ କିଛି ଦିନ ଧରି ବିଭିନ୍ନ ବର୍ଗରେ ପ୍ରତିଯୋଗିତା କରିବେ। ବହୁ ସଂଖ୍ୟକ ପ୍ରତିଯୋଗୀଙ୍କୁ ଦୃଷ୍ଟିରେ ରଖି ବ୍ରହ୍ମପୁରର ଦୁଇଟି ସ୍ଥାନରେ ମ୍ୟାଚ୍‌ଗୁଡ଼ିକ ଆୟୋଜନ କରାଯାଉଛି। ଏଥିରେ ବ୍ରହ୍ମପୁର ମହାନଗର ନିଗମର ଦୁଇଟି ବ୍ୟାଡମିଣ୍ଟନ କୋର୍ଟ, ସ୍ପୋର୍ଟସ୍ ଆରେନା ଏବଂ ୟୁସିପି କଲେଜ ଗ୍ରାଉଣ୍ଡ ଅନ୍ତର୍ଭୁକ୍ତ ରହିଛି। ଏହି ବିକେନ୍ଦ୍ରୀକୃତ ଭେନ୍ୟୁ ବ୍ୟବସ୍ଥା ମାଧ୍ୟମରେ ବିଭିନ୍ନ ବର୍ଗର ମ୍ୟାଚ୍‌ଗୁଡ଼ିକୁ ସୁଚାରୁ ଏବଂ ଏକାସାଙ୍ଗରେ ପରିଚାଳନା କରାଯାଉଛି।

ବ୍ରହ୍ମପୁର ପୋଲିସର ସାମଗ୍ରିକ ତତ୍ତ୍ୱାବଧାନରେ ଏହି ଚାମ୍ପିଅନଶିପ୍ ଆୟୋଜିତ ହେଉଥିବା ବେଳେ, କାର୍ଯ୍ୟରତ ପୋଲିସ କର୍ମଚାରୀମାନଙ୍କୁ ଏକ ସଂଗଠିତ କ୍ରୀଡ଼ା ପ୍ରତିଯୋଗିତାରେ ଅଂଶ ନେବାର ସୁଯୋଗ ପ୍ରଦାନ କରୁଛି।

# ଖରାରେ ଜଳୁଛି ପାତ୍ରପୁର, ଜଳଛତ୍ର ପ୍ରହସନ



ପାତ୍ରପୁର,୨।୬ (ଆନିସ): ପାତ୍ରପୁର ବ୍ଲକରେ ତାପମାତ୍ରା ଦିନକୁ ଦିନ ବଢ଼ୁଥିବା ବେଳେ ସାଧାରଣ ଲୋକଙ୍କ ପାଇଁ ମୌଳିକ ସୁବିଧା ତଥା ପିଇବା ପାଣି ବ୍ୟବସ୍ଥା କରିବାରେ ପ୍ରଶାସନର ଅବହେଳା ସ୍ପଷ୍ଟ ହୋଇପଡ଼ିଛି। ପ୍ରତିବର୍ଷ ଏପ୍ରିଲ ମାସରେ ଯେଉଁ ଜଳଛତ୍ର ଖୋଲି ଲୋକଙ୍କୁ ଆଶ୍ୱସ୍ତ କରାଯାଉଥିଲା, ଚଳିତ ବର୍ଷ ସେହି ବ୍ୟବସ୍ଥା କେଉଁଠି ହଜିଯାଇଛି ବୋଲି ପ୍ରଶ୍ନ ଉଠିଛି।

ରାସ୍ତାରେ ଯାଉଥିବା ଶ୍ରମିକ, ଛାତ୍ରଛାତ୍ରୀ, ବୃଦ୍ଧ ଓ ସାଧାରଣ ଯାତ୍ରୀମାନେ ବୁନ୍ଦେ ପାଣି ପାଇଁ ତହଳ ବିକଳ ହେଉଥିବା ବେଳେ ଦାୟିତ୍ୱରେ ଥିବା ଅଧିକାରୀମାନେ ନୀରବ ରହିଛନ୍ତି। କେବଳ କାଗଜକଲମରେ ଜଳଛତ୍ର ଖୋଲିବା କଥା କହି ହାତ ଝାଡ଼ି ଦେଲେ ଲୋକଙ୍କ ସମସ୍ୟା ସମାଧାନ ହୋଇପାରିବ କି ବୋଲି ପ୍ରଶ୍ନ ଉଠିଛି। ପ୍ରଚଣ୍ଡ ଖରାରେ ବିଭିନ୍ନ ଛକ ମାନଙ୍କରେ ବୁନ୍ଦାଏ ପିଇବା ପାଣି ପାଇଁ ତହଳ ବିକଳ ହେଉଛନ୍ତି ସାଧାରଣ ଲୋକ। ବାଧ୍ୟ ହୋଇ ବୋତଲ ପାଣି ଓ ପାଉଚ ଉପରେ ନିର୍ଭର ହେଉଥିବା ଦେଖିବାକୁ ମିଳିଛି। ଏନେଇ ସାଧାରଣ ଲୋକଙ୍କ ସହିତ ଯୋଗାଯୋଗ କରିବାରୁ ଖରା ଦିନରେ ମଧ୍ୟ ଜଳଛତ୍ରେ ଖୋଲିବା ସମ୍ଭବ ହେଉନାହିଁ । ତେବେ ଜନକଲ୍ୟାଣ ଯୋଜନାର ବାସ୍ତବ ଚିତ୍ର କଣ ରହିଛି ଏଥିରେ ଆପଣ ସନ୍ଦେହ କରି ପାରିବେ ବୋଲି କହିଛନ୍ତି। ତେବେ ଏନେଇ ପାତ୍ରପୁର ଜିପିଓଙ୍କ ସହିତ ଯୋଗାଯୋଗ କରିବାରୁ ଗତ ଏପ୍ରିଲ ମାସରେ ସମସ୍ତ ପଞ୍ଚାୟତ ମାନଙ୍କରେ ଜଳଛତ୍ର ଖୋଲିବା ପାଇଁ ଚିଠି କରାଯାଇଥିଲା। କିନ୍ତୁ କିଛି ପଞ୍ଚାୟତରେ ବର୍ତ୍ତମାନ ସୁଦ୍ଧା ଜଳଛତ୍ର ଖୋଲି ନଥିବା ଜଣାପଡ଼ିଛି। ସେହି ପଞ୍ଚାୟତ ମାନଙ୍କରେ ତୁରନ୍ତ ଜଳଛତ୍ର ଖୋଲିବା ପାଇଁ ଆଦେଶ ଦିଆଯିବ ବୋଲି କହିଛନ୍ତି। ତେବେ ବ୍ଲକ ପ୍ରଶାସନ ପକ୍ଷରୁ ଚିଠି କରାଯାଇଥିବା ସତ୍ତ୍ୱେ ବର୍ତ୍ତମାନ ସୁଦ୍ଧା ଜଳଛତ୍ର ଖୋଲି ନଥିବା ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କ ଉପରେ ବ୍ଲକ ପ୍ରଶାସନ କିପରି ପଦକ୍ଷେପ ଗ୍ରହଣ କରିବାକୁ ଯାଉଛନ୍ତି ତାହା ଦେଖିବାକୁ ବାକି ରହିଲା।

# ଆମ ଆଦମୀ ପାର୍ଟିର ସଦସ୍ୟ ସଂଗ୍ରହ ଅଭିଯାନ



ପାତ୍ରପୁର,୨।୬ (ଆନିସ): ଗଞ୍ଜାମ ଜିଲ୍ଲା ଚିକିଟି ନିର୍ବାଚନ ମଣ୍ଡଳୀ ଆମ୍ ଆଦମୀ ପାର୍ଟି ର ସଦସ୍ୟ ସଂଗ୍ରହ ଅଭିଯାନ ବିଧାୟକ ପ୍ରାର୍ଥୀ ତଥା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶ୍ରୀନିବାସ ରେଡ୍ଡୀ ଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ସାମନ୍ତରାପୁର ଠାରେ ଶିବ ରାମ ଗୌଡ, ଆଲୋକ ରେଡ୍ଡୀ, ଆଦିତ୍ୟ ରେଡ୍ଡୀ, ଶ୍ରୀକାନ୍ତ ପ୍ରଧାନ ,ଶଙ୍କର ଗୌଡ ଓ ବିନୋଦ ଗୌଡ ପ୍ରମୁଖ ଆମ୍ ଆଦମୀ ପାର୍ଟିର ସଦସ୍ୟତା ଗ୍ରହଣ କରିଥିବା ବେଳେ ନୂତନ ସଦସ୍ୟ ମାନଙ୍କୁ ଶ୍ରୀନିବାସ ରେଡ୍ଡୀ ଉତ୍ତରୀୟ ଓ ଦଳୀୟ ଟୋପି ପରିଧାନ କରି ଦଳକୁ ସ୍ୱାଗତ କରିଥିଲେ। ଆମ ଆଦମୀ ପାର୍ଟିର ପ୍ରତିଷ୍ଠାତା ଅରବିନ୍ଦ କେଜ୍ରିୱାଲଙ୍କ ନିର୍ଦ୍ଦେଶ କ୍ରମେ ଜୁନ୍ ୧ ତାରିଖ ଠାରୁ ୧୦ ତାରିଖ ପର୍ଯ୍ୟନ୍ତ ଘର ଘର ବୁଲି ନୂତନ ସଦସ୍ୟ ସଂଗ୍ରହ ଅଭିଯାନ କରାଯାଉଛି। ଏହି ପରିପ୍ରେକ୍ଷୀରେ ଆଗାମୀ ଦିନରେ ଚିକିଟୀ ନିର୍ବାଚନ ମଣ୍ଡଳୀର ପ୍ରତ୍ୟେକ ପଞ୍ଚାୟତରେ ନୂତନ ସଦସ୍ୟ ସଂଗ୍ରହ କରାଯାଇ ଆମ୍ ଆଦମୀ ପାର୍ଟିକୁ ସୁଦୃଢ଼ କରାଯିବ ବୋଲି ଶ୍ରୀ ରେଡ୍ଡୀ ପ୍ରକାଶ କରିଛନ୍ତି।

ପ୍ରଣିପତ୍ୟ ଜଗନ୍ନାଥଂ ସର୍ବଜନ ବରାର୍ଜିତଂ ।
ସର୍ବବୁଦ୍ଧମୟଂ ସିଦ୍ଧି ବ୍ୟାପିନଂ ଗଗନୋପମମ୍ ॥

# ଶିଷ୍ଟାଚାର ହେଉଛି ପାରିବାରିକ ଆଦର୍ଶ

ଶିଷ୍ଟାଚାର ହେଉଛି ପରିବାରର ନିୟମ ଯାହା ବ୍ୟକ୍ତିର ଚରିତ୍ର, ଆଚରଣ ଏବଂ ବ୍ୟକ୍ତିତ୍ୱକୁ ଗଢ଼ି ତୋଳିଥାଏ। ପରିବାର ହେଉଛି ଜଣେ ବ୍ୟକ୍ତିଙ୍କର ପ୍ରଥମ ଶିକ୍ଷାନୁଷ୍ଠାନ। ଏଠାରେ ହିଁ ଜଣେ ଭଲ ଏବଂ ମନ୍ଦ, ନୈତିକତା, କର୍ତ୍ତବ୍ୟ ଏବଂ ଅଧିକାର ଏବଂ ସାମାଜିକ ମୂଲ୍ୟବୋଧ ବିଷୟରେ ଶିଖେ। ଶିଷ୍ଟାଚାର ହେଉଛି ଏକ ସୁନ୍ଦର, ସଂଗଠିତ ଏବଂ ଭଲ ପରିବାରର ମୌଳିକ ଭିତ୍ତିଭୂମି। ଶିଷ୍ଟାଚାର ବିନା ଏକ ପରିବାରରେ ଶାନ୍ତି, ସମ୍ମାନ, ପ୍ରେମ ଏବଂ ସହଯୋଗର ପରିବେଶ ସୃଷ୍ଟି ହୋଇପାରିବ ନାହିଁ। ଶିଷ୍ଟାଚାର କେବଳ ବାହ୍ୟ ଆଚରଣ ନୁହେଁ, ଏହା ଜଣେ ବ୍ୟକ୍ତିଙ୍କ ଆଭ୍ୟନ୍ତରୀଣ ସଂସ୍କୃତି, ଶିଷ୍ଟାଚାର, ଦୟା ଏବଂ ମାନବିକତାର ପ୍ରକାଶ। ଯଦି ପରିବାରର ପ୍ରତ୍ୟେକ ସଦସ୍ୟ ଶିଷ୍ଟାଚାର ପାଳନ କରନ୍ତି ତେବେ ସେହି ପରିବାର ଏକ ଆଦର୍ଶ ପରିବାର ହୋଇଯାଏ। ଶିଷ୍ଟାଚାର ଶବ୍ଦଟି ଶିଷ୍ଟ ଏବଂ ଆଚାର ଦୁଇଟି ଶବ୍ଦରୁ ଉତ୍ପନ୍ନ ହୋଇଛି। ଶିଷ୍ଟ ଅର୍ଥ ହେଉଛି ଏକ ନମ୍ର, ସଭ୍ୟ ଏବଂ ସଂସ୍କୃତିସମ୍ପନ୍ନ ବ୍ୟକ୍ତି ଏବଂ ଆଚାର ଅର୍ଥ ହେଉଛି ଆଚରଣ। ତେଣୁ ଶିଷ୍ଟାଚାର ଅର୍ଥ ହେଉଛି ନମ୍ର ଏବଂ ସୌଜନ୍ୟପୂର୍ଣ୍ଣ ଆଚରଣ। ଶିଷ୍ଟାଚାରରେ ବଡ଼ମାନଙ୍କୁ ସମ୍ମାନ କରିବା, ସାନମାନଙ୍କୁ ପ୍ରେମ କରିବା, ଦୟାପୂର୍ଣ୍ଣ କଥା କହିବା, ଅନ୍ୟମାନଙ୍କ ଭାବନାକୁ ସମ୍ମାନ କରିବା, ସହଯୋଗ କରିବା ଏବଂ ନିଜ କର୍ତ୍ତବ୍ୟ ପାଳନ କରିବା ଅନ୍ତର୍ଭୁକ୍ତ। ଶିଷ୍ଟାଚାର ଜଣେ ବ୍ୟକ୍ତିକୁ ମହାନ କରିଥାଏ। ଧନ, ସମ୍ପତ୍ତି କିମ୍ବା ଉଚ୍ଚ ପଦବୀ ଦ୍ୱାରା ସମ୍ମାନ ଅର୍ଜନ ହୁଏ ନାହିଁ, ବରଂ ସେମାନଙ୍କର ଭଲ ଆଚରଣ ଏବଂ ଆଚରଣ ହିଁ ସେମାନଙ୍କୁ ସମାଜରେ ପ୍ରେମ ଏବଂ ସମ୍ମାନ କରିଥାଏ। ପରିବାର ହେଉଛି ସମାଜର ସବୁଠାରୁ ଛୋଟ ଏକକ। ପରିବାରରେ ପିଲା ଜୀବନର ପ୍ରଥମ ଶିକ୍ଷା ଶିଖେ। ପିତାମାତା, ଜେଜେବାପା, ଭାଇଭଉଣୀ ଏବଂ ପରିବାରର ଅନ୍ୟାନ୍ୟ ସଦସ୍ୟଙ୍କ ଆଚରଣ ପିଲା ଉପରେ ଗଭୀର ପ୍ରଭାବ ପକାଇଥାଏ। ଯେଉଁ ପରିବାରରେ ଶିଷ୍ଟାଚାର ପ୍ରଚଳିତ ହୁଏ, ସମସ୍ତେ ପରସ୍ପରକୁ ସମ୍ମାନ କରନ୍ତି, ଭଲ ପାଆନ୍ତି ଏବଂ ସହଯୋଗ କରନ୍ତି। ଏପରି ପରିବାର ସର୍ବଦା ଶାନ୍ତି ଏବଂ ସୁଖ ଅନୁଭବ କରେ।

ଶିଷ୍ଟାଚାର ଅଭାବ ଥିବା ପରିବାରଗୁଡ଼ିକ ଝଗଡା, ଅଶାନ୍ତି, ଅବିଶ୍ୱାସ ଏବଂ ଦ୍ୱନ୍ଦ୍ୱର ସମ୍ମୁଖୀନ ହୁଅନ୍ତି। ତେଣୁ ଏକ ସୁସ୍ଥ ପାରିବାରିକ ପରିବେଶ ପାଇଁ ଶିଷ୍ଟ୍ୟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଭାରତୀୟ ସଂସ୍କୃତି ବୟସ୍କମାନଙ୍କୁ ସମ୍ମାନ କରିବା ଉପରେ ବିଶେଷ ଗୁରୁତ୍ୱ ଦିଏ। ପିତାମାତା, ଶିକ୍ଷକ ଏବଂ ବୟସ୍କମାନଙ୍କୁ ସମ୍ମାନ କରିବା ଶିଷ୍ଟାଚାର ଏକ ପ୍ରମୁଖ ଲକ୍ଷଣ। ଯେତେବେଳେ ପରିବାରର ଛୋଟ ସଦସ୍ୟମାନେ ବୟସ୍କମାନଙ୍କୁ ସମ୍ମାନ କରନ୍ତି ସେତେବେଳେ ଭଲ ସମ୍ପର୍କ ଏବଂ ଶୃଙ୍ଖଳା ବଜାୟ ରଖାଯାଏ। ଭଦ୍ରତା କେବଳ ବୟସ୍କମାନଙ୍କୁ ସମ୍ମାନ କରିବା ପର୍ଯ୍ୟନ୍ତ ସୀମିତ ନୁହେଁ। ବୟସ୍କମାନେ ମଧ୍ୟ ଛୋଟମାନଙ୍କ ପ୍ରତି ସ୍ନେହ, ପ୍ରେମ ଏବଂ କରୁଣା ଦେଖାଇବା ଉଚିତ। ଏହା ପରିବାର ମଧ୍ୟରେ ପ୍ରେମ ଏବଂ ବିଶ୍ୱାସକୁ ବୃଦ୍ଧି କରେ। କୋମଳ ଶବ୍ଦ ଜଣେ ବ୍ୟକ୍ତିଙ୍କ ହୃଦୟକୁ ଜିତିପାରେ। ଭଦ୍ର ଭାଷା ଏବଂ ଆଚରଣ ପରିବାରରେ ଖୁସି ଏବଂ ଶାନ୍ତି ଆଣିଥାଏ। କଠୋର କଥା କିମ୍ବା ଅଭଦ୍ର ଆଚରଣ ଅଶାନ୍ତି ସୃଷ୍ଟି କରେ। ଏକ ଆଦର୍ଶ ପରିବାରର ଏକ ପ୍ରମୁଖ ଗୁଣ ହେଉଛି ପାରସ୍ପରିକ ସହଯୋଗ। ପ୍ରତ୍ୟେକେ ଘରର କାମ, ସମସ୍ୟା କିମ୍ବା ଆବଶ୍ୟକତାରେ ପରସ୍ପରକୁ ସାହାଯ୍ୟ କରିବା ଉଚିତ। ଏହା ଶିଷ୍ଟାଚାରର ଏକ ଗୁରୁତ୍ୱପୂର୍ଣ୍ଣ ଦିଗ। ପରିବାରର ପ୍ରତ୍ୟେକ ସଦସ୍ୟଙ୍କର ଏକ କର୍ତ୍ତବ୍ୟ ଅଛି। ପିତାମାତା ସେମାନଙ୍କ ପିଲାମାନଙ୍କର ଯତ୍ନ ନିଅନ୍ତି ଏବଂ ପିଲାମାନେ ସେମାନଙ୍କ ପିତାମାତାଙ୍କ କଥା ମାନି ଚାଲନ୍ତି। ଯଦି ସମସ୍ତେ ସଚ୍ଚୋଟତାର ସହିତ ସେମାନଙ୍କର କର୍ତ୍ତବ୍ୟ ପାଳନ କରନ୍ତି ତେବେ ପରିବାର ଏକ ଉଦାହରଣ ସୃଷ୍ଟି କରିପାରିବ। ପିଲାମାନେ ପରିବାରର ଭବିଷ୍ୟତ। ସେମାନେ ଯାହା ଦେଖନ୍ତି ଏବଂ ଶିଖନ୍ତି ତାହା ନିଜ ଜୀବନରେ ପ୍ରୟୋଗ କରନ୍ତି। ଯଦି ପରିବାରରେ ଶିଷ୍ଟାଚାରର ପରିବେଶ ଥାଏ ତେବେ ପିଲାମାନେ ମଧ୍ୟ ଭଦ୍ର, ଶୃଙ୍ଖଳିତ ଏବଂ ଦାୟିତ୍ୱବାନ ହୋଇ ବଡ଼ ହୁଅନ୍ତି।

ଏହି ଯୁଗରେ, ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟାର ବିକାଶ ସହିତ ଲୋକଙ୍କ ଜୀବନଶୈଳୀରେ ଅନେକ ପରିବର୍ତ୍ତନ ଆସିଛି। ମିଳିତ ପରିବାରର ତଥା ଯୌଥ ପରିବାର ସ୍ଥାନରେ ଏକାକୀ ରହିବା ବର୍ତ୍ତମାନ ଆରମ୍ଭ ହୋଇଛି। ମୋବାଇଲ୍? ଫୋନ୍, ଇଣ୍ଟରନେଟ୍? ଏବଂ ସୋସିଆଲ ମିଡିଆର ଅତ୍ୟଧିକ ବ୍ୟବହାର ଯୋଗୁଁ ପରିବାରର ସଦସ୍ୟଙ୍କ ମଧ୍ୟରେ ସମୟ ଏବଂ ସମ୍ପର୍କ ହ୍ରାସ ପାଉଛି। କେତେକ ସମୟରେ ଛୋଟ ପିଲାମାନେ ସେମାନଙ୍କର ବଡ଼ମାନଙ୍କୁ ସମ୍ମାନ କରନ୍ତି ନାହିଁ ଏବଂ ବଡ଼ମାନେ ମଧ୍ୟ ଧୈର୍ଯ୍ୟ ହରାଇ ବସନ୍ତି। ଫଳସ୍ୱରୂପ ପରିବାରରେ ଶିଷ୍ଟାଚାର ଅବନତି ପାଇଥାଏ । ଏହା ଏକ ଚିନ୍ତାର ବିଷୟ। ପରିବାର ମଧ୍ୟରେ ଶିଷ୍ଟାଚାର ଶିକ୍ଷା ଆରମ୍ଭ ହେବା ଉଚିତ। ପିତାମାତାମାନେ ସେମାନଙ୍କ ପିଲାମାନଙ୍କୁ ନିଜ ଆଚରଣ ମାଧ୍ୟମରେ ଶିକ୍ଷା ଦେବା ଉଚିତ। ବିଦ୍ୟାଳୟରେ ନୈତିକ ଶିକ୍ଷା ଦିଆଯିବା ଉଚିତ। ଏହା ମାଧ୍ୟମରେ ପିଲାମାନେ ଭଲ ଆଚରଣର ମୂଲ୍ୟ ବୁଝିପାରିବେ। ଭାରତୀୟ ସଂସ୍କୃତି ଏବଂ ପରମ୍ପରା ହେଉଛି ଶିଷ୍ଟାଚାରର ମୂଳଦୁଆ। ଏହି ଆଲୋଚନା ମାଧ୍ୟମରେ ପରିବାରରେ ଭଲ ନୈତିକ ମୂଲ୍ୟବୋଧ ବିକଶିତ ହୋଇପାରିବ। ଶିଷ୍ଟାଚାର ପାଳନ ପାଇଁ ଆତ୍ମନିୟନ୍ତ୍ରଣ ଆବଶ୍ୟକ। କ୍ରୋଧ, ଅହଂକାର ଏବଂ ସ୍ୱାର୍ଥପରତା ପରିତ୍ୟାଗ କରିବା ଉଚିତ। ପରିବାରର ସଦସ୍ୟମାନେ ପରସ୍ପର ସହିତ ସମୟ ବିତାଇବା ଉଚିତ। ଏହା ସମ୍ପର୍କକୁ ମଜବୁତ କରେ ଏବଂ ଶିଷ୍ଟାଚାର ବିକଶିତ କରେ। ଏକ ଆଦର୍ଶ ପରିବାରରୁ ଏକ ଆଦର୍ଶ ସମାଜ ନିର୍ମିତ ହୁଏ। ପରିବାରରେ ଶିଷ୍ଟାଚାର ଥିଲେ ସମାଜରେ ଶାନ୍ତି, ଶୃଙ୍ଖଳା ଏବଂ ସମନ୍ୱୟ ରହିବ। ଯେଉଁ ଦେଶରେ ପରିବାର ଶିଷ୍ଟାଚାରରେ ପରିପୂର୍ଣ୍ଣ ଥାଏ ସେ ଦେଶ ପ୍ରଗତି ଏବଂ ସମୃଦ୍ଧି ଆଡକୁ ଆଗେଇଥାଏ । ଶିଷ୍ଟାଚାର ଜଣେ ବ୍ୟକ୍ତିକୁ କେବଳ ଜଣେ ଭଲ ପରିବାର ସଦସ୍ୟ ନୁହେଁ ବରଂ ଜଣେ ଭଲ ନାଗରିକ ଏବଂ ଜଣେ ଭଲ ମଣିଷ ମଧ୍ୟ ଗଢ଼ି ତୋଳିବାରେ ସାହାଯ୍ୟ କରେ । ଏହା ସମାଜରେ ପ୍ରେମ, ଭାଇଚାରା ଏବଂ ସହଯୋଗକୁ ପ୍ରୋତ୍ସାହିତ କରିଥାଏ। ଶିଷ୍ଟାଚାର ହେଉଛି ପାରିବାରିକ ଜୀବନର ମୌଳିକ ମୂଳଦୁଆ। ଏହା ପରିବାରକୁ ସୁସଂଗଠିତ, ଖୁସି ଏବଂ ଆଦର୍ଶ କରିଥାଏ। ଶିଷ୍ଟାଚାର ପାରସ୍ପରିକ ସମ୍ମାନ, ସ୍ନେହ, ସହଯୋଗ ଏବଂ ଦାୟିତ୍ୱକୁ ପ୍ରୋତ୍ସାହିତ କରିଥାଏ। ଏହା କେବଳ ପରିବାରକୁ ନୁହେଁ ବରଂ ସମଗ୍ର ସମାଜ ଏବଂ ଦେଶକୁ ପ୍ରଗତି ପଥରେ ଆଗେଇ ନେଇଥାଏ। ତେଣୁ ପ୍ରତ୍ୟେକ ପରିବାରରେ ଶିଷ୍ଟାଚାର ବିଷୟରେ ଆଲୋଚନା ହେବା ଉଚିତ। ପିଲାମାନଙ୍କୁ ଛୋଟ ବୟସରୁ ହିଁ ସୌଜନ୍ୟ, ଆଚାର ଏବଂ ନୈତିକତା ଶିଖାଇବା ଉଚିତ। ଯେତେବେଳେ ପ୍ରତ୍ୟେକ ପରିବାର ଶିଷ୍ଟାଚାରକୁ ନିଜର ଆଦର୍ଶ ଭାବରେ ଗ୍ରହଣ କରିବ ସେତେବେଳେ ସେ ପରିବାରର ଭାବ ମାଧୁର୍ଯ୍ୟମୟ ହେବା ସହିତ ତାଙ୍କ ଦ୍ୱାରା ଏକ ସୁନ୍ଦର, ସୁସ୍ଥ ଏବଂ ଆଦର୍ଶ ସମାଜ ସୃଷ୍ଟି ହେବାରେ ସହାୟକ ହେବ ।

**ଡକ୍ଟର ଅମୂଲ୍ୟ କୁମାର ପଣ୍ଡା**
**ଅରଙ୍ଗାବାଦ, ବରୀ, ଯାଜପୁର**

# ଦୁର୍ନୀତି ମୁକ୍ତ ଭାରତ

ଭାରତୀୟ ରାଜନୀତିରେ ଆମେ ଅନେକ କିଛିକୁ ମୁକ୍ତ କରିବା କଥା ଶୁଣୁ । ଯେମିତି ବିଜେପି ଡାକରା ଦିଏ କଂଗ୍ରେସ ମୁକ୍ତ ଭାରତ, ବିରୋଧି ଦଳମାନେ ଡାକରା ଦିଅନ୍ତି ବିଜେପି ମୁକ୍ତ ଭାରତ, ପୁଣି କେତେବେଳେ ଗରୀବି ମୁକ୍ତ ଭାରତର ଡାକରା ଦିଅନ୍ତି ତ କେତେବେଳେ ବେକାରୀ ମୁକ୍ତ ଭାରତ କଥା କୁହନ୍ତି । ଏହା ସହିତ ବିଦ୍ୟୁତ୍? ଦେୟ ମୁକ୍ତ, ପାଣି ଦେୟ ମୁକ୍ତ ପରି କଥା ମଧ୍ୟ ଆସେ । ବିଭିନ୍ନ ରାଜ୍ୟରେ ବିଭିନ୍ନ ଦଳରୁ ମୁକ୍ତି ପାଇବା କଥାବି ଆସେ । ହେଲେ ଭ୍ରଷ୍ଟାଚାରରୁ ମୁକ୍ତି ପାଇବା କଥା ରାଜନୈତିକ ଦଳମାନଙ୍କ ପକ୍ଷରୁ ଶୁଣିବାକୁ ମିଳେନାହିଁ । ଏହାକୁ ମୁଖ୍ୟ ବିନ୍ଦୁଭାବେ ଗ୍ରହଣ କରିବା କଥା ଶୁଣା ଯାଏ ନାହିଁ । ରାଜନୈତିକ ଦଳମାନେ ଆନ୍ଦୋଳନ ଓ ସାଧାରଣ ଲୋକଙ୍କ ଚାପରେ ପଡି ଯଦିଓ ଏହାକୁ ନିଜ ଇସ୍ତାହାରର ଅନ୍ତର୍ଗତ କରିଥାନ୍ତି, କିନ୍ତୁ ଏହାକୁ ଏତେ ଗୁରୁତ୍ୱର ସହିତ ନିଅନ୍ତି ନାହିଁ । ଉପରେ ଭ୍ରଷ୍ଟାଚାର ହଟାଇବା କଥା ଜୋରରେ କହନ୍ତି, କାମ ବେଳକୁ ଉପାଦେୟ ପଦକ୍ଷେପ ନିଅନ୍ତି ନାହିଁ ।

ଭ୍ରଷ୍ଟାଚାରର ପରିଭାଷା ଭିନ୍ନଭିନ୍ନ ପ୍ରକାରର । ବ୍ୟାପକ ଅର୍ଥରେ ଦୁର୍ନୀତି, ଅନୀତି, ଅନିୟମିତତା, ଅସାଧୁତା, ଅବ୍ୟବସ୍ଥା ଇତ୍ୟାଦିକୁ ଏହି ଅର୍ଥରେ ନିଆଯାଏ । ତେବେ ସଂକୀର୍ଣ୍ଣ ଅର୍ଥରେ ସାଧାରଣ ଜନତା ଏହାକୁ ଉତ୍କୋଚ ନେବା ଓ ଦେବା ଅର୍ଥରେ ଗ୍ରହଣ କରନ୍ତି । କାରଣ ପ୍ରତ୍ୟକ୍ଷଭାବେ ସେମାନେ ଘୋଷଖୋରୀ କାରବାରର ଶୀକାର ହୁଅନ୍ତି । କୌଣସି ସରକାରୀ ଦପ୍ତରକୁ ଗଲେ ସେଠାରେ କିଛି ଉତ୍କୋଚ ନଦେଲେ କିଛି କାମ ହେବନାହିଁ ବୋଲି ତାଙ୍କ ବିଶ୍ୱାସ । ଏପ୍ରକାର ବିଶ୍ୱାସ ଅକସ୍ମାତ୍? ନୁହେଁ । ଏହା ସମାଜର ସାଧାରଣ ଅଭିଜ୍ଞତାରୁ ପ୍ରାପ୍ତ । ଏହା ପଛରେ ସତ୍ୟତା ମଧ୍ୟ ରହିଛି । ଏବେବି ଭ୍ରଷ୍ଟାଚାର ଜନିତ ଅନେକ ସମ୍ବାଦ ଖବର କାଗଜର ପୃଷ୍ଠା ମଣ୍ଡନ କରୁଛି । ଜନ୍ମ ପ୍ରମାଣ ପତ୍ରପାଇଁ ଉତ୍କୋଚ, ମୃତ୍ୟୁ ପ୍ରମାଣପତ୍ର ପାଇଁ ଉତ୍କୋଚ, ଚାକିରୀ ପାଇଁ ଉତ୍କୋଚ, ବିଭିନ୍ନ କାମପାଇଁ ଉତ୍କୋଚ, ବିଭିନ୍ନ ଅଫିସରେ ଉତ୍କୋଚ, ଏହିପରି ଅନେକ ଉତ୍କୋଚ ନେବାର ସମ୍ବାଦ ପ୍ରକାଶ ପାଉଛି । କୌଣସି କାମପାଇଁ ଫାଇଲ ବିନା ଉତ୍କୋଚରେ ଆଗକୁ ଯିବନାହିଁ । ଉତ୍କୋଚ ସମ୍ବନ୍ଧୀୟ ଯେଉଁ କେତୋଟି ଖବର ସମ୍ମୁଖକୁ ଆସୁଛି ତାହା ପୋଖରୀ ପାଣିରୁ ଆଞ୍ଜୁଳାଏ ମାତ୍ର । ପରଦା ତଳେ ଅସଂଖ୍ୟ ଘଟଣା ଲୁଚିଯାଉଛି।

ଦେଶରେ ଯେତେସବୁ ବିକାଶମୂଳକ କାର୍ଯ୍ୟ ହେଉଛି, ସେ ଗୁଡିକରେ ମଧ୍ୟ ଦୁର୍ନୀତିର ଅଭିଯୋଗ କିଛି କମ ନୁହେଁ । ରାସ୍ତା କାମରେ ଦୁର୍ନୀତି, ପୋଲ ତିଆରିରେ ଦୁର୍ନୀତି, କୋଠା ତିଆରିରେ ଦୁର୍ନୀତି, ନିର୍ମାଣ କାର୍ଯ୍ୟରେ ନିମ୍ନମାନ ଉପକରଣର ବ୍ୟବହାର, ଟେଣ୍ଡରରେ ଦୁର୍ନୀତି, ସରକାରୀ କିଣା ବିକାରେ ଦୁର୍ନୀତି, ଏପରି ଦୁର୍ନୀତି ଅଭିଯୋଗର ଲମ୍ବା ଧାଡ଼ି ରହିଛି । ସରକାରଙ୍କ ତରଫରୁ ଜନସାଧାରଣଙ୍କୁ ସେବା ପ୍ରଦାନ କ୍ଷେତ୍ରରେ ଅନେକ ଅନିୟମିତତାର ଅଭିଯୋଗ ଆସେ । କର୍ମଚାରୀମାନେ ଠିକ୍? ସମୟରେ କାର୍ଯ୍ୟାଳୟକୁ ନଆସିବା, କାମ ନକରି ଲୋକଙ୍କୁ ବାରମ୍ବାର ଫେରାଇବା, ହିତାଧିକାରୀ ତାଲିକାରେ ହେରଫେର କରିବା, ଖାତାପେନରେ ଦର୍ଶାଇ କାମ ନକରି ବିଲ ଉଠାଇନେବା, ହାତଗୁଞ୍ଜା ନଦେଲେ କାମ ନକରିବା, ସମସ୍ତ ପ୍ରକାର ଜାଲିଆତି, ପରୀକ୍ଷାରେ କପି କରିବା ଓ କରାଇବା, ଫାଇଲକୁ ମାସ ମାସଧରି କେତେକ କ୍ଷେତ୍ରରେ ବର୍ଷ ବର୍ଷଧରି ପକାଇ ରଖିବା ଅଭିଯୋଗ କାହାକୁ ଅଛପା ନାହିଁ । ଶାସନ ଓ ପ୍ରଶାସନିକ ସ୍ତରରେ ଜାଣିଶୁଣି ଭୁଲ ସିଦ୍ଧାନ୍ତ ନେବା ମଧ୍ୟ ଏକ ପ୍ରକାରର ଭ୍ରଷ୍ଟାଚାର ଅଟେ । ପୁଞ୍ଜିପତିଙ୍କୁ ସୁହାଇଲା ଭଳି ଓ ସାଧାରଣ ଜନତାଙ୍କୁ ଶୋଷଣ କଲାଭଳି ନିୟମ ପାରିତ କରିବା, ନିୟମର ଗୋଳା ବାଟଦେଇ କାହାକୁ ଅଯଥା ଅନୁଗ୍ରହ ଦେଖାଇବା, ଲୋକମାନଙ୍କୁ ମିଛରେ ଭ୍ରମିତ କରିବା ଇତ୍ୟାଦି ଏହାର ଅନ୍ତର୍ଗତ ଅଟେ । ସମ୍ବିଧାନ ଅନୁସାରେ ଆମ ଶାସନ ଚାଲେ । ଆବଶ୍ୟକ ସ୍ଥଳେ ଏହାର ସଂଶୋଧନ ପାଇଁ ବ୍ୟବସ୍ଥା ରହିଛି । ସମ୍ବିଧାନର ଅବମାନନା ହେଉଛି ସବୁଠାରୁ ବଡ ଭ୍ରଷ୍ଟାଚାର । ଗଣତାନ୍ତ୍ରିକ ମୂଲ୍ୟବୋଧକୁ ସମ୍ମାନ ନଦେବା ଏକ ପ୍ରକାରର ଭ୍ରଷ୍ଟାଚାର ।

ଭ୍ରଷ୍ଟାଚାର ଭାରତବର୍ଷର ଏକ ପ୍ରମୂଖ ସମସ୍ୟା । ଏହାକୁ ହଟାଇବା ପାଇଁ ରାଜନୈତିକ ଦଳମାନଙ୍କ ନିକଟରେ ବିଧିବଦ୍ଧ ଯୋଜନା ଓ ଆନ୍ତରୀକତା ଥିବାପରି ମନେହୁଏ ନାହିଁ । ଭ୍ରଷ୍ଟାଚାର ଯୋଗୁଁ ସାଧାରଣ ଜନତା ଅସ୍ତବ୍ୟସ୍ତ । ସାଧାରଣ ଜନତା ଏବେ ନିରୁପାୟ । ଭ୍ରଷ୍ଟାଚାର ବିରୋଧରେ ତାଙ୍କର ଦୃଢ଼ ସମର୍ଥନ ରହିଛି । ତେଣୁ ଯେତେବେଳେବି ଭ୍ରଷ୍ଟାଚାର ବିରୋଧରେ ଆନ୍ଦୋଳନ ଆରମ୍ଭ ହୋଇଛି । ଲୋକମାନେ ସ୍ୱତଃପ୍ରବୃତ୍ତ ଭାବରେ ଯୋଗ ଦେଇଛନ୍ତି । ଏହା ସହିତ ରାଜନୈତିକ ପରିବର୍ତ୍ତନକୁ ମଧ୍ୟ ଖୋଲା ହୃଦୟରେ ସମର୍ଥନ କରିଛନ୍ତି । ଭ୍ରଷ୍ଟାଚାର ବିରୁଦ୍ଧରେ ୧୯୭୫ ମସିହାରେ ଆରମ୍ଭ ହୋଇଥିବା ଲୋକନାୟକ ଜୟପ୍ରକାଶ(ଜେପି) ଆନ୍ଦୋଳନ ଅଭୂତପୂର୍ବ ଥିଲା । ପରବର୍ତ୍ତୀ ସମୟରେ ଏହା ସମ୍ପୂର୍ଣ୍ଣ କ୍ରାନ୍ତିକୁ ରୂପାନ୍ତରିତ ହୋଇଥିଲା । ଏହାର ଆଧାରରେ ସେ ସମୟରେ ଯେଉଁ ରାଜନୈତିକ ଦଳ ଗଠିତ ହୋଇଥିଲା ତାହାକୁ ପୂର୍ଣ୍ଣ ସମର୍ଥନ ମିଳିଥିଲା । ଯେଉଁ ଦଳର ନାମଥିଲା ଜନତା ପାର୍ଟି ଏବଂ ଏ ପାର୍ଟି ୧୯୭୭ ମସିହାରେ ପୂର୍ଣ୍ଣ ବହୁମତ ସହିତ କେନ୍ଦ୍ରରେ କ୍ଷମତାସୀନ ହୋଇଥିଲା । ସେହିପରି ଶ୍ରୀ ଭି ପି ସିଂ ବୋଫର୍ସ ଦୁର୍ନୀତି ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିଥିଲେ ଓ ୧୯୮୯ ମସିହାରେ ଜନତା ଦଳ ଗଠନକରି କେନ୍ଦ୍ର କ୍ଷମତାକୁ ଆସିଥିଲେ । ଚଳିତ ଶତାବ୍ଦୀର ଦ୍ୱିତୀୟ ଦଶକରେ ଆନ୍ନା ହଜାରେଙ୍କ ଭ୍ରଷ୍ଟାଚାର ବିରୋଧୀ ଆନ୍ଦୋଳନକୁ ନାହିଁ ନଥିବା ଜନ ସମର୍ଥନ ମିଳିଥିଲା । ଫଳରେ ତତକାଳୀନ କେନ୍ଦ୍ର କ୍ଷମତାସୀନ ୟୁପିଏ ସରକାର ୨୦୧୪ ସାଧାରଣ ନିର୍ବାଚନରେ ପରାଜିତ ହେଲା । ଏହା ସମ୍ଭବ ହେଲା ଲୋକଙ୍କ ମଧ୍ୟରେ ଭ୍ରଷ୍ଟାଚାର ବିରୋଧୀ ଜାଗରଣ ଯୋଗୁଁ ।ଭ୍ରଷ୍ଟାଚାର କେବଳ ଏକ ପ୍ରମୁଖ ସମସ୍ୟା ନୁହେଁ, ଏହା ଏକ ମୁଖ୍ୟ ରାଜନୈତିକ ଇସ୍ୟୁ ମଧ୍ୟ । ଏହାକୁ ମୁଖ୍ୟ ରାଜନୈତିକ ପ୍ରସଙ୍ଗରୂପେ ଗ୍ରହଣକରି ଯେଉଁ ରାଜନୈତିକ ଦଳ ନିର୍ବାଚନକୁ ଓହ୍ଲାଇବ ସେ ସଫଳତା ପାଇବାର ଯଥେଷ୍ଟ ସମ୍ଭାବନା ରହିଛି, ଯାହା ଅତୀତରେ ହୋଇଛି।

ଭ୍ରଷ୍ଟାଚାର ବିକାଶର ପରିପନ୍ଥୀ । ଏହା ଜନସାଧାରଣଙ୍କ ଦୁଃଖ ଓ ଦୁର୍ଗତିର କାରଣ । ଯେଉଁମାନେ ଭ୍ରଷ୍ଟାଚାରୀ ସେମାନେ ଚାହିଁବେ ନାହିଁ ଏହା ହଟୁବୋଲି । ଦୁଃଖର କଥା କିଛି ରାଜନୈତିକ ଦଳ ଭ୍ରଷ୍ଟାଚାରର ଦୃଢ଼ ସମର୍ଥକ । ଉପରେ ଭ୍ରଷ୍ଟାଚାର ବିରୋଧୀ ଭାବମୂର୍ତ୍ତି, କିନ୍ତୁ ଭିତରେ ଭିତରେ ଦେଶକୁ ଖୋଳ କରିସାରିଲେଣି । ରାଜନୀତିରେ ଭ୍ରଷ୍ଟାଚାରୀ ନେତାଙ୍କ ଭିଡ଼ ଜମୁଛି । ଗୋଟିଏ ଦଳର ଭ୍ରଷ୍ଟାଚାରୀ ନେତାଙ୍କୁ ଅନ୍ୟ ଦଳ ଖୁସିରେ ଗ୍ରହଣ କରିନେଇଛି । ଜଣେ ଭ୍ରଷ୍ଟାଚାରୀ ନେତା ଯାହା ବିରୁଦ୍ଧରେ ଅଭିଯୋଗର ଫର୍ଦ୍ଦ ରହିଛି ଓ ସେ ତଦନ୍ତର ପରିସରଭୁକ୍ତ ରହିଛି, ସେ ଯେତେବେଳେ ଶାସକ ଦଳକୁ ଚାଲିଯାଉଛି, ସେ ଗୋଟାପଣେ ସଚ୍ଚୋଟ ହୋଇଯାଉଛି । ତା ବିରୁଦ୍ଧରେ ଥିବା ସମସ୍ତ ଅଭିଯୋଗ ବାଏଁ ବାଏଁ ଉଡ଼ିଯାଉଛି, ସମସ୍ତ ତଦନ୍ତ ବନ୍ଦ ହୋଇଯାଉଛି । ରାଜନୀତି ଆଉ ସ୍ୱଚ୍ଚୋଟ ଲୋକଙ୍କ ପାଇଁ ନୁହେଁ । ଏଥିରେ ଭ୍ରଷ୍ଟାଚାରୀଙ୍କ ଭିଡ଼ ଜମୁଛି । ସବୁଠାରୁ ଅଧିକ ବିପଦଜନକ ବିଷୟ ହେଉଛି ଦେଶର ରାଜନୈତିକ ବ୍ୟବସ୍ଥା କ୍ରମେ ଦୁର୍ନୀତିଗ୍ରସ୍ତ ହୋଇଯାଉଛି । ଉପରେ ଭ୍ରଷ୍ଟାଚାର ଦମନର ସଲ୍‌ହାକୁସ୍ତି ହେଉଛି, କିନ୍ତୁ ଭିତରେ ବୁଝାମଣାରେ ସବୁ ଚାଲିଛି ।

ଏପରି ପରିସ୍ଥିତିରେ ସାଧାରଣ ଜନତାଙ୍କୁ ଜାଗିବାକୁ ପଡିବ । ଯେ କୌଣସି ସରକାରକୁ ବାଧ କରିବାକୁ ପଡିବ ଭ୍ରଷ୍ଟାଚାର ହଟାଇବା ପାଇଁ ଓ ଫଳପ୍ରଦ ପଦକ୍ଷେପ ନେବାକୁ । ଏହା ନହେଲେ ତାଙ୍କୁ ପରାଜୟର ଦ୍ୱାର ଦେଖାଇବାକୁ ପଡିବ । ରାଜନୈତିକ ଦଳମାନଙ୍କୁ ମଧ୍ୟ ନିଜର ଆଭିମୁଖ୍ୟ ବଦଳାଇବାକୁ ପଡିବ । ରାଜନୈତିକ ଦଳମାନେ ଭ୍ରଷ୍ଟାଚାର ଅଭିଯୁକ୍ତଙ୍କୁ ବିଦା କରିବା ଓ ଏପରି ବ୍ୟକ୍ତିଙ୍କୁ ଦଳ ମଧ୍ୟରେ ପୁରାଇ ନଦେବା ପରି ପଦକ୍ଷେପ ନେବାକୁ ହେବ । ଭ୍ରଷ୍ଟାଚାର ମୁକ୍ତ ଭାରତକୁ ମୁଖ୍ୟ ସ୍ଲୋଗାନଭାବେ ଗ୍ରହଣକରି ଆନ୍ତରିକତା ପ୍ରଦର୍ଶନ କଲେ ନିଶ୍ଚୟ ସଫଳତା ମିଳିବ । ଭ୍ରଷ୍ଟାଚାର ମୁକ୍ତ ଭାରତ ପାଇଁ ସାମଗ୍ରୀକ ରାଜନୈତିକ ଉଦ୍ୟମ ଲୋଡ଼ା । ଏପରି ସଂକଳ୍ପ ଅନେକ ପରିବର୍ତ୍ତନ ଆଣିବ ।

**ଅଧ୍ୟାପକ ଗୋପବନ୍ଧୁ**
**(ଅବସରପ୍ରାପ୍ତ, ଦର୍ଶନ ବିଭାଗ)**
**ବାରିପଦା, ମୟୂରଭଞ୍ଜ**

# ସେଇ ଏକାନ୍ତ ଗଛ ପରି ବାପା

ନିଛାଟିଆ ଗଛ ମୂଳେ ବସି ଆତ୍ମସମୀକ୍ଷା କରିବାକୁ ଭଲ ପାଆନ୍ତି ବାପା ଚନ୍ଦ୍ରକାନ୍ତ ବାବୁ । ଆଜି ସ୍ତ୍ରୀ ଏ ଦୁନିଆଁରେ ନାହାଁନ୍ତି । ପୁଅ ଝିଅ ଯିଏ ଯାହା ସଂସାରରେ ବ୍ୟସ୍ତ ଅଛନ୍ତି । ତଥାପି ତାଙ୍କୁ ଦୁଃଖ ହୁଏ ସ୍ତ୍ରୀ ମରିବା ପରେ ଦୁଇପୁଅ ତାଙ୍କୁ ଏକ ମାସ ଲେଖାଏଁ ବାଣ୍ଟି ନେଇ ଚଳେଇବାର ନିଷ୍ପତ୍ତି ନେଇଥିବାରୁ । ଯୋଉ ମାସ ଏକତିରିଶଆ ପଡେ ସେଦିନ ଆପେ ଆପେ ଚନ୍ଦ୍ରକାନ୍ତ ବାବୁ ଏଇ ଏକେଲା ଗଛ ଟି ମୂଳେ କଟାଇଦିଅନ୍ତି ଦିନ ଓ ରାତି ।ରୋମନ୍ଥନ କରନ୍ତି ଅତୀତ । ମନେପଡେ ପିତୃତ୍ୱର କର୍ତ୍ତବ୍ୟ ଓ ସ୍ୱାମୀତ୍ୱ ର ପରାକାଷ୍ଠା ।ସେଦିନ ମଧ ଏମିତି ମନ ଦୁଃଖରେ ଥିଲେ ବାପା ଚନ୍ଦ୍ରକାନ୍ତ । ଗୋଟିଏ ନହେଲେ ମଧ ଘରର ବଡ଼ ଝିଅ ବୋଲି ଶୁଶ୍ରୀ ଭାରି ଗେଲବସର ଥିଲା । ତାକୁ ପାଠ ପଢ଼ାଇ ସବୁ ଶାଠ ଶିଖାଇବା ସହ ପାଞ୍ଚ ଲୋକ କହନ୍ତି ଶୁଶ୍ରୀ ପରି ଶୁଶୀଳା ଝିଅ କୋଟିକରେ ଗୋଟିଏ । ସେତେବେଳେ ବାପା ଚନ୍ଦ୍ରକାନ୍ତ ବାବୁଙ୍କର ମନ କୁଣ୍ଢେମୋଟ ହୋଇଯାଏ ।ଯା ହେଉ ଉପଯୁକ୍ତ ସଂସ୍କାର ଦେଇ ସେ ଝିଅ ବଢ଼େଇଛନ୍ତି ।ସତକୁ ସତ ଝିଅର ଚାକିରୀ ପରେ ବାପା ମାଆ ଖୋଲିକି ପଚାରିଦେଇଥିଲେ ଝିଅକୁ ଯଦି କେହି ପସନ୍ଦର ପାତ୍ର ଅଛନ୍ତି ଖୋଲି କହିଦେ କିନ୍ତୁ ଶୁଶ୍ରୀ ଯେ କେବେ ନିଜ ପସନ୍ଦର ପୁଅ ବାଛିବ ଭାବିନଥିଲା ! ମୋ ବାପା ଯାହାକୁ ପସନ୍ଦ କରିବେ ତା ଘରକୁ ତୋ ଶାଢ଼ୀ ଓ ଗହଣା ପିନ୍ଧି ମୁଁ ଯିବି ମାଆ । ଝିଅର କଥାରେ ପେଟ ପୁରି ଯାଇଥିଲା ଚନ୍ଦ୍ରକାନ୍ତବାବୁଙ୍କର ତ ଖୋଜି ଖୋଜି ଡାକ୍ତର ବର ଆସିଥିଲା ସପରିବାର ସହିତ । ଝିଅ ଦେଖା, ଖିଆପିଆ ସରିବା ପରେ କଥା ପକ୍କା ହେବା ପରେ ଶୁଶ୍ରୀ କହୁଥିଲା ସେ ରାଜି ନୁହେଁ ତ ଆକାଶ ଛିଣ୍ଡି ପଡିଲା ଯେମିତି ଚନ୍ଦ୍ରକାନ୍ତଙ୍କ ମୁଣ୍ଡରେ । ଶୁଶ୍ରୀର ସର୍ତ୍ତ ଥିଲା ପାର୍କରେ ଏକାନ୍ତରେ କଥା ହେବ ସେ ଭାବୀ ବର ସହିତ । ତ ସେସବୁର ସୁନ୍ଦର ଆୟୋଜନ କରି ଗାନ୍ଧିଜୀ ପାର୍କରେ ଶୁଶ୍ରୀ ସାକ୍ଷାତ କରିଥିଲା ଡାକ୍ତର ବର ପ୍ରଦୀପକୁ । ହେଲେ ତା ପରେ ଶୁଶ୍ରୀର ଉତ୍ତର ନା ଥିଲା ତ ଦୁଃଖରେ ଭାଙ୍ଗିପଡିଲେ ଚନ୍ଦ୍ରକାନ୍ତ । ଦ୍ୱିତୀୟ ପ୍ରସ୍ତାବ ଇଞ୍ଜିନିଅର ଥିଲା । ଓ ଭାବି ବର ଅଶୋକ । ଏଠି ମଧ ଝିଅ ଦେଖା ପର୍ବ ସରିବା ପରେ ଓ ପୁଅ ଘରେ ରାଜି ହେଲାପରେ ଝିଅ ଶୁଶ୍ରୀ କହିଥିଲା ସେ କୌଣସି ହୋଟେଲରେ ଦେଖା କରିବାକୁ ଚାହେଁ ଅଶୋକଙ୍କୁ । ସ୍ତବ୍ଧ ଚକିତ ହେଲେ ବାପା ।ତଥାପି ରାଜି ହୋଇ ହୋଟେଲ ବ୍ଲୁ ବାର୍ଡରେ ସମସ୍ତ ଆୟୋଜନ କଲାପରେ ମଧ ଝିଅ ରାଜି ନୁହେଁ କହିଥିଲା ।ଦୁଃଖରେ ପୁଣି ଭାଙ୍ଗିପଡିଲେ ଚନ୍ଦ୍ରକାନ୍ତ ବାବୁ ଯେତେବେଳେ ତୃତୀୟ ପ୍ରସ୍ତାବ ମଧ ନିଜ ଘରେ ପୁଅ ଝିଅଙ୍କୁ କିଛି ସମୟ କଥା ହେବା ପାଇଁ ଛାଡ଼ିବା ପରେ ମଧ ବ୍ୟାଙ୍କ ଅଫିସର ଥିବା ପୁଅ ଆଲୋକର ପ୍ରସ୍ତାବ କାଟ ଖାଇଯାଇଥିଲା ଝିଅ ଶୁଶ୍ରୀର ବାରଣରେ । ବନ୍ଧୁବାନ୍ଧବ, ଚିହ୍ନା ପରିଚୟ ଏଣିକି ଯୋଉ ମୁହଁରେ ଶୁଶ୍ରୀର ଗୁଣଗାନ କରୁଥିଲେ ସେଇ ମୁହଁରେ ଏଣୁ ତେଣୁ ଗପିବାକୁ ଆରମ୍ଭ କରିଦେଇଥିଲେ ତ ବାପା ଚନ୍ଦ୍ରକାନ୍ତ ବାବୁ ବିଚଳିତ ହୋଇପଡିଲେ ।ସମସ୍ତଙ୍କ ଆଶଙ୍କା କୁ ସତ ପ୍ରମାଣିତ କରି ଖୁସି ଖୁସିରେ ଗାଁ ଛାଡି ନିରଞ୍ଜନ ସଙ୍ଗେ ଟ୍ରେନରେ ଆସିଲା ବେଳେ ଶୁଶ୍ରୀ କେବେ ଭାବିନଥିଲା ତାର ପୁଣି ସେଇ ଗାଁ କଥା ମନେପଡିବ । କାରଣ ତାକୁ ଖୁବ ଭୋକ ହେଉଥିଲା । ଏତେବେଳକୁ ଗାଁରେ ବୋଉ ତାକୁ ଖାଇବା ପାଇଁ ଖୁସାମତ କରୁ କରୁ ପଖାଳ ସାଙ୍ଗକୁ କେତେ କଣ ସଜାଡି ସାରାନ୍ତାଣି । ଏଠିକୁ କାଲି ରାତିରୁ ଆସି ଶୁଖିଲା ପାଉଁରୁଟି ଖଣ୍ଡେ ଖାଇ ସେତିକିବେଳୁ ତା ପେଟରେ ମୂଷା ଦଉଡିଲାଣି । ହୋଲି ବୋଲି ସକାଳୁ ସକାଳୁ ନିରଞ୍ଜନ ସାଙ୍ଗମାନଙ୍କ ସଙ୍ଗେ କୁଆଡେ ଯାଇଛି ଯେ ଯାଇଛି । ଗଲାବେଳେ ଅଟା ଓ ଆଳୁ ଦିଟା ଥୋଇଦେଇ ଯାଇଛି ଓ କହିଛି କରିକି ଖାଇକି ତା ପାଇଁ ରଖିବାକୁ ।ଦୁଇଟା ବାଜିବା ଉପରେ ହେଲାଣି, ନିରଞ୍ଜନର ଦେଖା ନାହିଁ ଏଯାଏଁ । ଚୁଲି ଜାଳି ରୁଟି ଆଳୁ ଭଜା କରି ତାର ବୋଉ କଥା ମନେପଡୁଛି । ପ୍ରତିବର୍ଷ ହୋଲିରେ ରଙ୍ଗ ବୋଳି ହୋଇ ସାଙ୍ଗମାନଙ୍କ ସଙ୍ଗେ ଆମ୍ବ ତୋଟାରେ ଆମ୍ବ ସାଙ୍ଗରେ ଲୁଣ ଲଙ୍କା ଓ ଜିରାଗୁଣ୍ଡ ମିଶାଇ ଖାଇ କୋଇଲିର ବୋଲି ଶୁଣୁ ଶୁଣୁ ବୋଉ ପହଁଞ୍ଚି ଯାଏ ଓ କହେ ପେଟ ଖରାପ ହେବ ବୋଲି ଜାଣିନୁ କି ଆ ଘରକୁ ଆ ଶୀଘ୍ର ଖାଇବୁ ଆ । ସାଙ୍ଗମାନେ ଆଜି ଖୋଜୁଥିବେ ତାକୁ ଆଉ ବୋଉ ପାଟିରେ ଭାଷା ନଥିବ କହିବାକୁ କିଛି ।ଆଉ ଯଦି କହିଥିବ ତ କହିଥିବ ଆଉ କେତେ ଗେଲବସର କରିଥିଲେ ଶୁଶ୍ରୀ ବୁଝିଥାଆନ୍ତା କେଜାଣି!ଘରୁ ଗୋଡ଼ କାଢିବା ଫଳ କଣ ଜାଣିବନିକି କହି କାନ୍ଦିଥିବ ମୋ ବୋଉ କେତେ!ସତରେ ଶୁଶ୍ରୀ କୁ ଖୁସିରେ ରଖିବାକୁ ବୋଉ ସହ ପରିବାର କଣ ନକରିଛିନ୍ତି ଯେ!ସେକଥା ତାର ଏବେ ମନେପଡୁଛି । ରୁଟି ସେକି ହାତର କାଣିଆଙ୍ଗୁଠି ପୋଡ଼ିଯାଇଥିବା ଦେଖି ବୋଉ ତାର କେତେ ବ୍ୟସ୍ତ ହୋଇପଡନ୍ତାଣି । ଘରୋଇ ଉପଚାରଠୁ ଆରମ୍ଭ କରି ଗାଁ ମୁଣ୍ଡ ଦୋକାନୀକୁ ପଚାରି କେତେ ଔଷଧ କିଣି ଆଣନ୍ତାଣି ଏତେବେଳକୁ ।

ଆଜି ହୋଲି ପରି ସେବର୍ଷ ବି ହୋଲି ଆସିଥିଲା ଗାଁକୁ । ଗାଁରେ ଡ୍ରାମା ହେଉଥିଲା ଯୋଉଥିରେ ନିରଞ୍ଜନ ହିରୋ ଥିଲା । ରାତିରେ ଡ୍ରାମା ଦେଖୁଥିଲା ବେଳେ ନିରଞ୍ଜନର ବେଶଭୁଷା ସାଙ୍ଗକୁ ତା ପ୍ରେମିକ ପଣର ସଂଳାପ ସବୁ ଛାତି ଚିରି ପକାଉଥିଲା ଶୁଶ୍ରୀ ର । ନିରଞ୍ଜନ ବିପକ୍ଷରେ ଥିବା ହିରୋଇନ ଯଦି ପୁଅ ହୋଇନଥାନ୍ତା ତେବେ ସେଦିନ ସହି ପାରିନଥାନ୍ତା ଶୁଶ୍ରୀ । ସେଇଦିନର ଚାରିଚକ୍ଷୁ ମିଳନ ତାର ମନରେ କି ଅଦ୍ଭୁତ କିମିଆ କଲା କେଜାଣି ନିରଞ୍ଜନ ଛଡା ଆଉ କେହି ତାକୁ ଦେଖାଗଲେ ନାହିଁ ।ସେ ଭୁଲିଗଲା ବାପା ଚନ୍ଦ୍ରକାନ୍ତ ଙ୍କ ଆଭିଜାତ୍ୟ ଓ ତା ପାଇଁ ଏତେସବୁ କରିଥିବା କଥା । ଭୁଲିଗଲା ବୋଉର ସ୍ନେହ, ଶ୍ରଦ୍ଧା ଓ ଆନ୍ତରିକତା, ଭୁଲିଗଲା ସାମାଜିକ ବାଧା ବନ୍ଧନ । ନୀଳମାଷ୍ଟ୍ରାଣୀ ଛାତିରେ ଅର୍ଜ୍ଜୁନଙ୍କ ପରି ପାର୍ଟିଆର ଛତା ହୋଇ ଛାତ ଦେଖାଇବା ଭଳି ଶୁଶ୍ରୀ ହୃଦୟରେ ନିରଞ୍ଜନର ପ୍ରେମ ଛାଇ ଯାଇଥିଲା । ନେଡିଗୁଡ଼ କହୁଣୀକୁ ବୋହି ଯିବା ପରେ ଭାବିବାର ମାନେ ଆଉ କଣ!ନିରଞ୍ଜନ ଫେରିଲା ହେଲେ ହୋଲି ଖେଳି ଯୋଉ ରଙ୍ଗୀନ ବେଶ ହୋଇଥିଲା ସବୁ ସାଙ୍ଗମାନେ ହୋଲି ରଙ୍ଗ ହୋଇ ଏକାପରି ଦେଖାଯାଉଥିଲେ ତ ତାଙ୍କ ଭିତରୁ କେହି ଜଣେ କହିଲା ନୂଆ ଭାଉଜ ତୁମ ଭଲ ପାଇବା ପରୀକ୍ଷା କରି ଦେଖି ଭାଇଙ୍କୁ ଚିହ୍ନି ନେଇଗଲ ଆମ ଭିତରୁ ତ ରାଗ ଦୁଃଖ ଓ ଅପମାନରେ ଶୁଶ୍ରୀ କହୁଥିଲା ମୁଁ ସତୀ ଅନସୂୟା ନୁହେଁ କି ସତୀ ସାବିତ୍ରୀ, ପାର୍ବତୀ ଅବା ମାଆ ଲକ୍ଷ୍ମୀ ବି ନୁହେଁ । ମୁଁ ସାଧାରଣ ଗାଁ ଝିଅଟିଏ ।ଯିଏ ପ୍ରେମ ପାଗଳି ହୋଇ ପଥ ହୁଡ଼ିଛି । ନିରଞ୍ଜନ କିଛି ବୁଝିଲାନାହିଁ ବରଂ ସାଙ୍ଗମାନଙ୍କୁ ଅପମାନ ଦେଉଛୁ କହି ପରସ୍ତେ ପିଟିଥିଲା ଶୁଶ୍ରୀ କୁ ।ଶୁଶ୍ରୀ ଏଭିତରେ ନିରଞ୍ଜନ ର ଅସଲ ଉଦେଶ୍ୟ ବିଷୟରେ ଜାଣିପାରିଥିଲା । ତା ଧନୀଘର ସାଙ୍ଗ ମାନଙ୍କ ସହିତ ନମିଶିଲେ ଏମିତି ଭୋକରେ ରହିବାକୁ ପଡିବ ବୋଲି ମୁହେଁ ମୁହେଁ ଶୁଣେଇ ଦେଇଥିଲା ନିରଞ୍ଜନ ଶୁଶ୍ରୀ କୁ ।ଭୋକ କି ଜାଣେ ମାନ ମହତ । ଏଣେ ପ୍ରତିଦିନ ରାତିରେ ମଦ ନିଶାରେ ଘରକୁ ଫେରି ନିରଞ୍ଜନ ନିଧୂମ ପିଟୁଥିଲା ଶୁଶ୍ରୀ କୁ । ଶେଷରେ ବରଷକେ ପରେ ହୋଲି ଦିନ ହିଁ ନିରଞ୍ଜନର ଖଣ୍ଡ ବିଖଣ୍ଡିତ ଶରୀରଟି ପଡିଥିଲା ଘର ଆଗରେ । କିଛି କାରଣ ନଥାଇ ମଧ ବିନା ପ୍ରମାଣରେ ଶୁଶ୍ରୀ ବନ୍ଧା ହୋଇ ହାଜତରେ ରହିଲା । ତା ପାଖରେ କିଛି ଠୋସ ପ୍ରମାଣ ନଥିଲା ନିରଞ୍ଜନର ସାଙ୍ଗମାନଙ୍କ କୁକାର୍ଯ୍ୟ ବିଷୟରେ ବରଂ ଭଲରେ ଗଣ୍ଡେ ଖାଇବାକୁ ତ ମିଳିଯାଉଛି ଭାବି ଶୁଶ୍ରୀ ସବୁ ସହି ଆସୁଥିଲା । ଏବେ ଆଖିରୁ ଲୁହ ଗଡାଇ ଚାଲିଥିଲା ଥାନା ହାଜତ ଭିତରେ ।ଏତିକି ବେଳେ ତାକୁ ବେଲ ମିଳିଯାଇଛି ତାର ମୁକ୍ତି ପାଇଁ ବୋଲି ତାକୁ ହାଜତରୁ ବାହାରକୁ ଯିବାକୁ କୁହାଯିବାରୁ ଶୁଶ୍ରୀ ଭାଂଗିପଡ଼ିଲା କିନ୍ତୁ ତା ଆଖି ଆଗରେ ବାପା ମାଆ, ଭାଇ ଭାଉଜ ଓ ସାନ ଭାଇ ଭଉଣୀଙ୍କୁ ଦେଖି ସେ ଆତ୍ମଗ୍ଳାନିରେ କାନ୍ଦୁଥିଲା । ଭାଉଜ କହୁଥିଲେ ଆମେ ସବୁ ତୁମ ପଛରେ ଅଛୁ ଶୁଶ୍ରୀ , ବ୍ୟସ୍ତ ହୁଅନାହିଁ । ପୁଣି ନୂଆକରି ଜୀନ ଜିଇଁବାକୁ ପ୍ରସ୍ତୁତ ହୋଇ ରୁହ । ଶୁଶ୍ରୀ ପାଟିରୁ ବାହାରିଥିଲା କେମିତି ଭାଉଜ?ତ ବୋଉ ତା ପଣତରେ ଅଶ୍ରୁ ପୋଛି ଦେଇ କହୁଥିଲା ସବୁ ଭୁଲିଯା ଝିଅ । ଆମେ ଅଛୁନା । ଭାଇ ଓ ବାପା ପାଖକୁ ଲାଗି ଆସି ବୁଝାଇ କେତେ କଥା କହୁଥିଲେ ଓ ଭାଇ କହୁଥିଲେ ମୋ ଓକିଲାତି ଉପରେ ଭରସା ରଖି ଶୁଶ୍ରୀ ।ସେ ନିରଞ୍ଜନର ସବୁ ସାଙ୍ଗ ଧରା ହେବେ ତ ହେବେ ପୁଣି ସତ ମାନିବେ ଯେ ତୋର, ନିରଞ୍ଜନ ସହିତ କେବେବି କୌଣସି ସମ୍ପର୍କ ନଥିଲା ।ମନ ଦୃଢ଼ କର । ସାନ ଭାଇ ଭଉଣୀମାନଙ୍କୁ ଙ୍କୁ ଶୁଶ୍ରୀ କହୁଥିଲା ମୋ ପରି ଭୁଲ ବାଟରେ କେବେ ଯିବନି ପରିବାର ଛାଡି କହି ଶୁଶ୍ରୀ ଆଗେଇଯାଉଥିଲା ନୂତନ ସୂର୍ଯୋଦୟ ସନ୍ଧାନରେ ଆଗକୁ ଆଗକୁ ।

ବାପା ଚନ୍ଦ୍ରକାନ୍ତ ଏବେ ଅତୀତ ରେ ଶୁଶ୍ରୀ ଭାଙ୍ଗି ଥିବା ସବୁ ପ୍ରସ୍ତାବର ପୁଅ ମାନଙ୍କୁ ଦେଖାକରିଥିଲେ ।ପ୍ରଥମ ପ୍ରସ୍ତାବ ଥିବା ପୁଅ ପ୍ରଦୀପଙ୍କୁ ଏକାନ୍ତରେ ଦେଖାକରିଥିଲେ ଓ ଶୁଶ୍ରୀର ପ୍ରଶ୍ନ ଓ ମିଳାମିଶାରେ କିଛି ମାନସିକ ବିକୃତି ଥିବାର ଲକ୍ଷ କରିଥିଲେକି ବୋଲି ପଚାରିଥିଲେ ବାପା ଚନ୍ଦ୍ରକାନ୍ତ । ଡାକ୍ତର ପ୍ରଦୀପ କହିଥିଲେ ଆପଣଙ୍କ ବଡ଼ପଣ ଦେଖି ମୁଁ ବିସ୍ମିତ ଓ ଆଶ୍ଚର୍ଯ୍ୟ ଏଇଥିପାଇଁ ଯେ ପ୍ରଥମତଃ ଆପଣ ଉଦାର ବୋଲି ମୋ ସହ ଦେଖାକରିବାକୁ ଆସିଛନ୍ତି ।ଦ୍ୱିତୀୟରେ ନିଜ ଝିଅକୁ ଖୁବ ଭଲ ପାଉଥିବାରୁ ସବୁ ଭୁଲିଯାଇ ବୁଝିବାକୁ ଆସିଛନ୍ତି ତାର ମାନସିକ ସ୍ଥିତି । ମୁଁ ନିଶ୍ଚୟ ସାହାଯ୍ୟ କରିବି ଓ ସତକଥା କହିବି ଆପଣଙ୍କୁ । ଡାକ୍ତର ପାଠ ପଢିବା ଭିତରେ ଡାକ୍ତର ହୋଇ ରୋଗୀ ସେବାରେ ରହି ଦେଶର ଜନନାୟକମାନଙ୍କ ବିଷୟରେ ମୁଁ କୌଣସି ଉତ୍ତର ଦେଇପାରିନଥିଲି ଆପଣଙ୍କ ଝିଅର ପ୍ରଶ୍ନ ସବୁର । ହଉ ଗାନ୍ଧିଜୀଙ୍କ କଥା ଛାଡ଼ନ୍ତୁ ଦେଶର ଅନ୍ୟ ବରପୁତ୍ରମାନଙ୍କ ବିଷୟରେ ଓ ସେମାନଙ୍କ ନିତି ଆଦର୍ଶ ବିଷୟରେ କିଛି କୁହନ୍ତୁ ପ୍ରଶ୍ନର ଉତ୍ତରରେ ମଧ ମୁଁ ସଠିକ ବରପୁତ୍ରମାନଙ୍କ ବିଷୟରେ କିଛି କହିପାରିନଥିଲି ତ ଆପଣଙ୍କ ଝିଅ କହିଥିଲେ ମୋ ବାପା ସେହି ପୁଅ ଓ ଝିଅଙ୍କୁ ପସନ୍ଦ କରନ୍ତି ଯାହାର ଜାତୀୟ ବରପୁତ୍ରମାନଙ୍କ ଉପରେ ଖୁବ ଜ୍ଞାନ ଥିବ କାରଣ ସେମାନଙ୍କ ଯୋଗୁଁ ଆମେ ଆଜି ସ୍ୱାଧୀନତାର ସ୍ୱାଦ ଚାଖୁଛୁ ।ବାପା ଚନ୍ଦ୍ରକାନ୍ତ ସେତିକିରେ ବୁଝିଗଲେ ଯେ ଶୁଶ୍ରୀ ଭଳି ଝିଅ କୋଟିକରେ ଗୋଟେ କିନ୍ତୁ କର୍ମ ବଳେ ନଳ ରାଜା ଘାସ କାଟିବା ଭଳି ଅବସ୍ଥା ହେଲା ତାର । ଏପରି ଭାବି ଓ ଡାକ୍ତର ଙ୍କୁ ଧନ୍ୟବାଦ ଦେଇ ଦ୍ୱିତୀୟ ପ୍ରସ୍ତାବ ଭାଙ୍ଗିଯାଇଥିବା ବଡ଼ ବ୍ୟବସାୟୀଙ୍କ ଇଞ୍ଜିନିଅର ପୁଅ ଅଶୋକଙ୍କୁ ଭେଟିଥିଲେ ।ସେ କହିଥିଲେ ହୋଟେଲରେ ଖାଦ୍ୟ ପରିବେଷଣ ବେଳେ ଥରେ ନୁହେଁ ଦୁଇ ଦୁଇ ଥର ଓ୍ୱେଟର ତାଙ୍କ ଉପରେ ଝୋଳ ଢାଳି ଦେଇଥିଲେ ତ ସେ ଓ୍ୱେଟର ଉପରେ ଖୁବ ବିରକ୍ତି ପ୍ରକାଶ କରିଥିଲେ ଓ ମ୍ୟାନେଜରଙ୍କୁ ଡାକି ତାର ଦରମା କାଟିବାକୁ କହିଥିଲେ । ସେତିକିରେ ଶୁଶ୍ରୀ ବିରକ୍ତି ଭାବ ପ୍ରକାଶ କରି କହିଥିଲେ ଏହି ଓ୍ୱେଟରମାନଙ୍କ ପରି କୃଷକ, ସୈନିକ, ଶ୍ରମିକମାନେ ସେବା ଯୋଗାଉନଥିଲେ ଆଜି ଆମେ ନିଜ କାମ ନିଜେ କରୁଥାଆନ୍ତେ ତେଣୁ ସେମାନଙ୍କୁ ସମ୍ମାନ ଦେବା ଆମର ପ୍ରଥମ କର୍ତ୍ତବ୍ୟ ବୋଲି ମୋ ବାପା କୁହନ୍ତି । ବାପା ଚନ୍ଦ୍ରକାନ୍ତ ବୁଝିଗଲେ ଝିଅ ର ଭାଗ୍ୟରେ ଥିବାରୁ ରାମଚନ୍ଦ୍ରଙ୍କ ପରି ତାକୁ ବନବାସ ଯୋଗ ପରି ଦୁର୍ଦ୍ଦିନ ଘେରିଥିଲା ।ଏଥର ସେଠୁ ଫେରି ଚନ୍ଦ୍ରକାନ୍ତ ବାବୁ ବ୍ୟାଙ୍କ ଅଫିସର ଆଲୋକଙ୍କୁ ଦେଖା କରି ଝିଅର ଭୁଲ ପାଇଁ କ୍ଷମା ମାଗିଥିଲେ କିନ୍ତୁ ଆଲୋକ କହିଲେ ନା ନା ଆଜ୍ଞା ଆପଣଙ୍କ ଝିଅ ମୋ ଆଖି ଖୋଲିଦେଇଛି କାରଣ ଆପଣଙ୍କ ଘରେ ଥିବା ଅଚଳନ୍ତି ହାତ ଘଣ୍ଟାଟିକୁ ଦେଖି ଏଇଟି କାହିଁକି ଘରେ ଅଛି? ଅଚଳନ୍ତି ଘଣ୍ଟା ବାସ୍ତୁ ଦୃଷ୍ଟିରୁ ଶୁଭ ନୁହେଁ କହିଥିଲି ତ ତା ଉତ୍ତରରେ ଆପଣଙ୍କ ଝିଅ କହିଥିଲେ ଯେ ସେଇ ଘଣ୍ଟାଟି ମୋ ବାପାଙ୍କୁ ତାଙ୍କ ପିତା ମାନେ ମୋ ଜେଜେ ପିଲାଦିନେ ମାଟ୍ରିକ ପରୀକ୍ଷାରେ ପ୍ରଥମ ଶ୍ରେଣୀରେ ପାଶ କରିଥିବାରୁ ଉପହାର ସ୍ୱରୂପ ଦେଇଥିଲେ ।ତାହା ଏବେ ଚାଲୁନଥିଲେ ମଧ ପିତା ମାତାଙ୍କ ଋଣ ତ ଶୁଝି ହୁଏନା ବରଂ ତାଙ୍କ ସ୍ମୃତିକୁ ସାଇତି ରଖି ମୋ ବାପା ତାଙ୍କ ପିତାଙ୍କୁ ସମ୍ମାନ ଦେଉଛନ୍ତି ଘଣ୍ଟାଟିକୁ ଏଯାଏଁ ସାଇତିକରି କହିସାରି ଶୁଶ୍ରୀ ପୁଣି କହିଥିଲେ ଆପଣ ତ ଆମ ଘରେ ପଶୁ ପଶୁ ଚାଳ ବାଜିଲାଣି, ଏ ଘରେ ଜୋଇଁ ହେବେ କେମିତି ?ତେଣୁ ମୁଁ ସଂଭ୍ରମରେ ଫେରିଆସିଥିଲି । ବାପା ଚନ୍ଦ୍ରକାନ୍ତବାବୁ କାନ୍ଦି ପକେଇଥିଲେ ଏସବୁ ଶୁଣି ।ଝିଅ ଶୁଶ୍ରୀ ପାଇଁ ଏବେ ଯେବେ ତାଙ୍କ ଦ୍ୱାରା ଆସିଥିବା ଚତୁର୍ଥ ପ୍ରସ୍ତାବ ପୁଅ ନିଖିଲ ମାମୁଲି କିରାଣୀ ଚାକିରୀ କରିଥିଲେ ମଧ ହୋଟେଲ ଓ ପାର୍କରେ ତଥା ଘରେ ଏକାନ୍ତରେ କିଛି ସମୟ କଥାବାର୍ତ୍ତା ପରେ ଶୁଶ୍ରୀ ସେହି ପୁଅକୁ ବାହା ହେବାକୁ ରାଜି ହୋଇଯାଇଥିଲା ସେତେବେଳେ ସେ ନିଜେ ବି ଜାଣିନଥିଲା ବାପା ଆଗରୁ ସେହି ପୁଅକୁ ସବୁକଥା କହିସାରିଥିଲେ ଯାହା ଅନ୍ୟ ତିନିଜଣଙ୍କ ସାଙ୍ଗରେ ଘଟିସାରିଥିଲା ।ସେହି ପୁଅ ଖାଲି ଶୁଶ୍ରୀଙ୍କ ସବୁ ପ୍ରଶ୍ନର ଉତ୍ତର ଦେଇନଥିଲେ ବରଂ କହିଥିଲେ ତୁମେ ଆମ ଜାତୀୟ ପକ୍ଷୀ,ମୋ ମନ ମୟୂରୀ ପରି ଖୁବ ସୁନ୍ଦର ।ସେତେବେଳକୁ ଭାଇ ଶୁଶ୍ରୀ ଙ୍କ କେଶ ଜିତି ସାରିଥିଲେ ତ ବାହାଘର ପରେ ଶୁଶ୍ରୀ ଓ ଜୋଇଁ ପଖାଳ ଖାଉଥିଲେ ବୋଉ ଓ ଭାଉଜ ଉଭୟଙ୍କ ହାତରୁ ।ଏବେ କିଏ ତାଙ୍କ ପାଖରେ ବସି ଲୁହ ଝରାଇ ଚାଲିଥିଲା ତ ସେଇ ଏକୁଟିଆ ଗଛ ମୂଳେ ଥାଇ ଚମକି ଚାହିଁଲେ ଚନ୍ଦ୍ରକାନ୍ତ । ଝିଅ ଶୁଶ୍ରୀ ହିଁ ଥିଲା । ଜୋଇଁ ନିଖିଲ କହୁଥିଲେ ଉଠନ୍ତୁ ବାପା । ମୋ ବାପା ମାଆ ଓ ଆପଣଙ୍କ ଝିଅ ଜୋଇଁ ସହ ଛୋଟ ନାତୁଣୀ ଓ ଟିକି ନାତି ସହ ମିଶି ରହିବା ପ୍ରସ୍ତାବ କୁ ଅନୁମୋଦନ କରନ୍ତୁ । ଝିଅ କିଛି ବି ନକହି ଲୁହ ଗଡେଇ ଚାଲିଥିଲା ନୀରବରେ ବାପାଙ୍କ ପାଖରେ ସେଇ ଏକାନ୍ତ ନିଛାଟିଆ ଗଛର ଛାଇ ତଳେ ।

**ସୁନନ୍ଦା ମହାନ୍ତି**
**ସାକ୍ଷୀଗୋପାଳ, ପୁରୀ**

# ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀଙ୍କ ଦୁର୍ନୀତି ପ୍ରତି କଡ଼ା ଆଭିମୁଖ୍ୟ ନେଇ ଚର୍ଚ୍ଚା

- ବିଷମକଟକ:ବଦଳି ଲ ଦୁର୍ନୀତିଗ୍ରସ୍ତ ଯନ୍ତ୍ରୀ
- ପିଇଓ ଉପରେ କାର୍ଯ୍ୟାନୁଷ୍ଠାନ କେବେ?

ରାୟଗଡା,୨।୬(ଆନିସ): ନିକଟରେ ବିଷମକଟକ ପଞ୍ଚାୟତ ପାଣ୍ଠି ଦୁରୁପଯୋଗ ନେଇ ଉଭୟ ଯନ୍ତ୍ରୀ ଏବଂ ପିଇଓ ଙ୍କ ବିରୁଦ୍ଧରେ ବିଭିନ୍ନ ଗଣମାଧ୍ୟମ ରେ ବାରମ୍ବାର ଖବର ପ୍ରକାଶ ପାଇଥିଲା, ଯାହାର ପ୍ରଭାବ ରେ ବିଷମକଟକ ପଞ୍ଚାୟତ ସମିତି କାର୍ଯ୍ୟାଳୟ ର ବିବାଦୀୟ ଯନ୍ତ୍ରୀଙ୍କ ବଦଳି ହୋଇଥିବା କୁହାଯାଉଛି । ଦୁର୍ନୀତି ବିରୁଦ୍ଧରେ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀଙ୍କ ଏହି କଡ଼ା ଆଭିମୁଖ୍ୟ ନେଇ ଚାରି ଆଡେ ଚର୍ଚ୍ଚା ହେଉଥିବା ବେଳେ କର୍ମଚାରିଙ୍କ ମଧ୍ୟରେ ସେତିକି ଭୟ ସଂଚାର କରିଥିବା କୁହାଯାଉଛି । ତେବେ ଯନ୍ତ୍ରୀଙ୍କ ପରେ ବିଷମକଟକ ର ଦୁର୍ନୀତି ଗ୍ରସ୍ତ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କ ଉପରେ କେବେ କାର୍ଯ୍ୟାନୁଷ୍ଠାନ ହେବ ସେ ନେଇ ଦାବି ଜୋର ଧରିଛି । ଏଠାରେ ପ୍ରକାଶ ଥାଉକି ବିଷମକଟକ ଗ୍ରାମ ପଞ୍ଚାୟତ ସ୍ଥିତ ପିଡ଼ିଏସ ଗୋଦାମ ମରାମତି ପ୍ରକଳ୍ପ କାର୍ଯ୍ୟରେ ଯନ୍ତ୍ରୀ ବିବି ବେହେରା ଦାୟତ ରେ ନଥିବା ସତ୍ୱେ ପ୍ରକୃତ କାମ ଅପେକ୍ଷା ମାତ୍ରାଧିକ ଟଙ୍କା ବିଲ କରିଥିବା ଅଭିଯୋଗ ହୋଇଥିଲା । ଅନୁରୂପ ଭାବେ ବିଷମକଟକ ପିଇଓ ପ୍ରଦୀପ କୁମାରଙ୍କ ବିରୁଦ୍ଧରେ ବିନା ବୈଠକ ଓ ସଭ୍ୟଙ୍କ ବିନା ସମ୍ମତି ରେ ପିଡ଼ିଏସ ପାଣ୍ଠି ରୁ ଚାରି ଲକ୍ଷ ଟଙ୍କା ବାହାର କରିବା ନେଇ ଅଭିଯୋଗ ହୋଇଥିଲା । ଖୋଦ ବିଷମକଟକ ସରପଞ୍ଚ କେବଳ ୨ ଲକ୍ଷ ଟଙ୍କା ଉଠାଯିବା ପାଇଁ ଫାଇଲ ରେ ଦସ୍ତଖତ ଏବଂ ସହମତି ଦେଇଥିବା ବେଳେ ଖାତା ରୁ ୪ ଲକ୍ଷ ଟଙ୍କା କେମିତି ଉଠିଲା ସେ ନେଇ ସନ୍ଦେହ ପ୍ରକାଶ କରିଥିଲେ । ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଶ୍ରୀ ଅକ୍ଷୟ ଖେମୁଣ୍ଡୁ ତଦନ୍ତ ପାଇଁ ଡିପିଓ ସୂର୍ଯ୍ୟ ନାରାୟଣ ମହାରଣାଙ୍କୁ ନିର୍ଦ୍ଦେଶ ଦେଇଥିଲେ । ସାତ ଦିନ ମଧ୍ୟରେ ତଦନ୍ତ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଥିଲେ ସୁଦ୍ଧା ଏ ଯାଏଁ ତଦନ୍ତ ରିପୋର୍ଟ ଡିପିଓଙ୍କ ଫାଇଲ ରେ ସିମିତ ହୋଇ ରହିଥିବା ଆଲୋଚନା ହେଉଥିଲା । ଇତି ମଧ୍ୟରେ ପତ୍ର ସଂଖ୍ୟା ୨୭୫୩, ୦୧.୦୬.୨୬ ରେ ଜାରି ହୋଇଥିବା ନିର୍ଦ୍ଦେଶନାମା ରେ ବିବାଦୀୟ ତଥା ଦୁର୍ନୀତି ଗ୍ରସ୍ତ ଯନ୍ତ୍ରୀଙ୍କ ଅନ୍ୟତ୍ର ବଦଳି ହୋଇଥିବା ଜଣାପଡିଛି । ତେବେ ପିଇଓଙ୍କ ବିରୁଦ୍ଧରେ କୌଣସି କାର୍ଯ୍ୟାନୁଷ୍ଠାନ ହୋଇନଥିବା ଜଣାପଡିଛି ।

ଏଠାରେ ପ୍ରକାଶ ଥାଉକି ବିଷମକଟକ ପିଇଓ ଙ୍କୁ ଜିଲ୍ଲାପାଳଙ୍କ ପତ୍ର ସଂଖ୍ୟା ୩୧୬ ଅନୁଯାଇ ମାଝୀଗୁଡା ପଞ୍ଚାୟତକୁ ୨୦୨୫ ରେ ବଦଳି ହୋଇଥିଲା । ହେଲେ ଜିଲ୍ଲା ପଞ୍ଚାୟତ ଅଧିକାରୀଙ୍କ ପତ୍ର ସଂଖ୍ୟା ୫୦୯/ ୨୦୨୫ ରେ ସମ୍ପୃକ୍ତ ପିଇଓ ଙ୍କ ବଦଳି ନିର୍ଦ୍ଦେଶ କୁ ବାତିଲ କରିଥିବା ବେଳେ ତାଙ୍କ ତତ୍ତ୍ୱବଧାନରେ ତଦନ୍ତଟି କିଭଳି ନିରପେକ୍ଷ ହେବ ସେ ନେଇ ସାଧାରଣଙ୍କ ମନରେ ଆଶଙ୍କା ଦେଖା ଦେଇଛି । ହେଲେ ମୁଖ୍ୟ ଉନ୍ନୟନ ଅଧିକାରୀଙ୍କ ବିଭାଗ ଦ୍ୱାରା ଯନ୍ତ୍ରୀ ଙ୍କ ଅନ୍ୟତ୍ର ବଦଳି ନିର୍ଦ୍ଦେଶ ସାର୍ବଜନୀନ ହେବା ପରେ ଦୁର୍ନୀତି କୁ ନେଇ ସିଡିଓଙ୍କର ଜିରୋ ଟୋଲୋରେନ୍ସ ଆଭିମୁଖ୍ୟ ସ୍ୱଷ୍ଟ ହୋଇଥିବା କୁହାଯାଉଛି ।

ଏଠାରେ ଉଲ୍ଲେଖ ଥାଉକି ବିଷମକଟକ ପିଡ଼ିଏସ ଗୋଦାମ ମରାମତି ବାବଦରେ ଚାରି ଲକ୍ଷ ଟଙ୍କା ରୁ ୩. ୭୫ ହଜାର ବିଲ କରାଯାଇଛି ।

ବିଷମକଟକ ଅତିରିକ୍ତ ସହକାରୀ ଯନ୍ତ୍ରୀ ରମେଶ ସାହୁ ଗଣମାଧ୍ୟମକୁ ନିଜ ପ୍ରତିକ୍ରିୟା ରେ ସ୍ୱଷ୍ଟ କରିଛନ୍ତି ଯେ ଉକ୍ତ ପ୍ରକଳ୍ପ ପାଇଁ ସେ କୌଣସି ପ୍ରକାର ଚେକ ମେଜରମେଣ୍ଟ କରି ନାହାନ୍ତି । ଏଭଳି ସ୍ଥଳେ ପିଇଓ ପଞ୍ଚାୟତ ଫାଇଲ ର ତତ୍ୱାବଧାରକ ହୋଇଥିବା ହେତୁ, ତାଙ୍କର ଭୂମିକା କୁ ଅସ୍ୱୀକାର କରି ହେବ ନାହିଁ ଗୋଟିଏ କାର୍ଯ୍ୟର ଦୁର୍ନୀତି ପାଇଁ ସମ ପରିମାଣରେ ଦାୟୀ ଥିବା ଦୁଇ ଜଣ ଅଧିକାରୀଙ୍କ ମଧ୍ୟରୁ ଯନ୍ତ୍ରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ହୋଇଛି । ତେବେ ପିଇଓ କ୍ଷେତ୍ରରେ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ କଣ ପଦକ୍ଷେପ ନେଉଛନ୍ତି ତାହା ଦେଖିବାକୁ ବାକି ରହିଲା । ବିଷମକଟକ ବ୍ଲକ ଉପାଧ୍ୟକ୍ଷ ଦେବୀ ପ୍ରସାଦ ପଟନାୟକ ଏହି ଘଟଣାର ତଦନ୍ତ ଜିଲ୍ଲା ବୈଷୟିକ ବିଭାଗର ଏକ ଦଳ କରିବା ନେଇ ଆଗ୍ରହ୍ୟ ପ୍ରକାଶ କରିଥିବା ବେଳେ ବିଷମକଟକ ପଞ୍ଚାୟତ ମଧ୍ୟରେ ହୋଇଥିବା ଦୁର୍ନୀତିର ଭିଜିଲାନ୍ସ ତଦନ୍ତ ପାଇଁ ବିଷମକଟକ ନାଗରିକ ମଞ୍ଚର ସଭାପତି ଗୋପାଳ କୃଷ୍ଣ ପଟନାୟକ ଦାବି କରିଛନ୍ତି ।

# ରାମନାଗୁଡାରେ ୧୦୮ କୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ ପାଇଁ ଭବ୍ୟ କଳସ ଯାତ୍ରା ଶୁଭାରମ୍ଭ



ରାମନାଗୁଡା,୨।୬ (ଆନିସ): ରାୟଗଡା ଜିଲ୍ଲା ରାମନାଗୁଡା ବ୍ଲକ ସଦର ମହକୁମାରେ ପୁର୍ବ ନିର୍ଦ୍ଧାରିତ କାର୍ଯ୍ୟକ୍ରମ ଅନୁସାରେ ୧୦୮ କୁଣ୍ଡୀୟ ବିଶ୍ୱ ଶାନ୍ତି ମହାଯଜ୍ଞ ପାଇଁ କଳସ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଭବ୍ୟ ଓ ଆଧାତ୍ମିକ ପରିବେଶ ମଧ୍ୟରେ ଶତାଧିକ ମହିଳା କଳସ ଯାତ୍ରାରେ ସାମିଲ ହୋଇଥିଲେ। ଶ୍ରଦ୍ଧାଳୁ ଓ ମହିଳା ଭକ୍ତମାନେ ମୁଣ୍ଡରେ ପବିତ୍ର କଳସ ଧାରଣ କରି ଭଜନ, କୀର୍ତ୍ତନ ଏବଂ ବେଦ ମନ୍ତ୍ରୋଚ୍ଚାରଣ ମଧ୍ୟରେ ଶୋଭାଯାତ୍ରାରେ ସାମିଲ ହୋଇଥିଲେ।ଏହି କଳସ ଯାତ୍ରା ପୁରୁଟିଗୁଡା ଗ୍ରାମ ନିକଟସ୍ଥ ଚିରସ୍ରୋତା ଝରଣାରୁ ପିତ୍ର ଜଳ ସଂଗ୍ରହକରାଯାଇଥିଲା।ଯୋଗୀଶ୍ରୀ ଚୈତନ୍ୟ ରାମଜୀ ସ୍ୱାମୀଙ୍କ ଦ୍ୱାରା କଳସର ପ୍ରାଣ ପ୍ରତିଷ୍ଠା କରାଯାଇ କଳସ ଯାତ୍ରାର ଶୁଭାରମ୍ଭ କରାଯାଇଥିଲା।ଏହି କଳସ ଯାତ୍ରା ରାମନାଗୁଡା ସହରର ବିଭିନ୍ନ ପ୍ରମୁଖ ରାସ୍ତା ପରିକ୍ରମା କରି ଯଜ୍ଞ ମଣ୍ଡପରେ ପହଞ୍ଚିଥିଲା। ଯାତ୍ରା ସମୟରେ ସମଗ୍ର ଅଞ୍ଚଳ ଭକ୍ତିମୟ ପରିବେଶ ସୃଷ୍ଟି କରିଥିଲା। ରାମନାଗୁଡା ସହର ଉତ୍ସବମୁଖର ହୋଇଉଠିଥିଲା। ମୂଖ୍ୟ ଆୟୋଜକ ରାମନାଗୁଡା ବ୍ଲକ୍? ଚେୟାରମେନ ରବିଶଙ୍କର ଗମାଙ୍ଗ ସମେତ ଯଜ୍ଞ ପରିଚାଳନା କମିଟିର ତାଙ୍ଗୁଡ଼ୁ ଶ୍ରୀଧର, ଚୀନା କଣ୍ଡାଗରି, ଗୁରୁମୂର୍ତ୍ତି ସ୍ୱାମୀ, ସୁଦର୍ଶନ ପଣ୍ଡା, କୃଷ୍ଣ ଚନ୍ଦ୍ର ସାହୁ, ଗଙ୍ଗାରାମ ମାଣ୍ଡାଙ୍ଗି, ମାଝୀ ନୀମାଲା, ଅଜିତ ପାତ୍ର,ପେଦିନା ଶ୍ରୀନୁ ସମେତ ରାୟଗଡ଼ା ଗାୟତ୍ରୀ ଶକ୍ତି ପୀଠର ସବିତା ତ୍ରିପାଠୀ, ମୀନା ପଟ୍ଟନାୟକ, କଳ୍ପନା ମହାପାତ୍ର, ପାର୍ବତୀ ସାହୁ,ଇନ୍ଦୁ ହୁଇକା, ନିତୁ ସିଂହ ପ୍ରମୁଖ ସହଜୋଗ କରିଥଲେ। ଯଂଜ୍ଞ କମିଟି ମୁଖ୍ୟ ସଂଯୋଜକ କୀର୍ତ୍ତି ଚନ୍ଦ୍ର ସାହୁ ଓ ସହ ସଂଯୋଜକ ରାମକୃଷ୍ଣ ପାଣିଗ୍ରାହୀଙ୍କ ସୂଚନା ଅନୁଯାୟୀ ଏହି ୧୦୮ କୁଣ୍ଡୀୟ ମହାଯଜ୍ଞ ୩ତାରିଖ ପର୍ଯ୍ୟନ୍ତ ଆୟୋଜିତ ହେବ. ଯଂଜ୍ଞ ମାଧ୍ୟମରେ ବିଶ୍ୱ ଶାନ୍ତି, ମାନବ କଲ୍ୟାଣ ଏବଂ ସାମାଜିକ ସଦ୍ଭାବନାର କାମନା କରାଯିବ। ଏହି ମହାନ ଧାର୍ମିକ ଆୟୋଜନରେ ବହୁ ସଂଖ୍ୟକ ଶ୍ରଦ୍ଧାଳୁଙ୍କ ସମାଗମ ଦେଖିବାକୁ ମିଳିଥିଲା।ଏଥିରେ ସ୍ଥାନୀୟ ଅଞ୍ଚଳର ଲୋକ ପ୍ରତିନିଧି, ବୁଦ୍ଧିଜୀବୀ, ଗଣମାଧ୍ୟମ ପ୍ରତିନିଧି,ସମାଜସେବୀଙ୍କ ସମେତ ଶତାଧିକ ପୁରୁଷ,ମହିଳା ଯୋଗ ଦେଇଥିଲେ।

# ଗଜପତିରେ ବିଏସଏନଲ ତାର ନେଲା ମହିଳାଙ୍କ ଜୀବନକ୍ଷତିପୂରଣ ଦାବିରେ ଅଞ୍ଚଳବାସୀଙ୍କ ରାସ୍ତାରୋକ





ପାରଳାଖେମୁଣ୍ଡି,୨।୬ (ଆନିସ): ଗଜପତି ଜିଲ୍ଲାରେ ବିଏସଏନଲ ତାର ଯୋଗୁ ଜଣେ ମହିଳାଙ୍କ ଶୋଚନୀୟ ମୃତ୍ୟୁ ଘଟିଥିବା ସୂଚନା ମିଳିଛି. ବିଭାଗୀୟ ଅଧିକାରୀଙ୍କ ନିଷ୍କ୍ରିୟତା ଓ ଅପାରଗତା ଯୋଗୁ ମୁଖ୍ୟ ରାସ୍ତାରେ ମୁକୁଳା ତାର ଝୁଲାଇ ରଖିବା ଯୋଗୁ ମହିଳାଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ କରି ଅଞ୍ଚଳବାସୀ କ୍ଷତିପୂରଣ ଦାବିରେ ରାସ୍ତାରୋକ କରିଛନ୍ତି । ଘଟଣାରୁ ପ୍ରକାଶ, ଗଜପତି ଜିଲ୍ଲା ଆର.ଉଦୟଗିରି ଥାନା ଅନ୍ତର୍ଗତ କେଏମ୍. ଭାଲିଆସାହି ମୁଖ୍ୟ ରାସ୍ତାରେ ଏହି ଅଘଟଣ ଘଟିଛି. ଝାଡ଼ପଡା ଗ୍ରାମର ଇନ୍ଦିରା ବେହେରଦଳେଇ ତାଙ୍କ ସମ୍ପର୍କୀୟ ଦିଅର ହରିଶ୍ଚନ୍ଦ୍ରଙ୍କ ସହ ବାଇକ୍‌ରେ ଛେଳିଗଡ଼ ବ୍ୟାଙ୍କକୁ ଯାଉଥିଲେ। କେଏମ୍. ଭାଲିଆସାହି ନିକଟରେ ରାସ୍ତା ଉପରେ ଓହଳି ରହିଥିବା ଟେଲିଫୋନ୍ ତାର ଇନ୍ଦିରାଙ୍କ ବେକରେ ଲାଗିଯିବାରୁ ସେ ବାଇକରୁ ଛିଟିକି ପଡ଼ି ଗୁରୁତର ଆହତ ହୋଇଥିଲେ। ତାଙ୍କୁ ତୁରନ୍ତ ଛେଳିଗଡ଼ ମେଡିକାଲକୁ ନିଆଯାଇଥିଲେ ମଧ୍ୟ ଡାକ୍ତର ସେଠାରେ ମୃତ ଘୋଷଣା କରିଥିଲେ। ଘଟଣା ପରେ ବିଭାଗୀୟ ଅଧିକାରୀଙ୍କୁ ଏହି ମୃତ୍ୟୁ ପାଇଁ ଦାୟୀ କରି ଅଞ୍ଚଳବାସୀ ଉତ୍ତେଜିତ ହୋଇ ମୃତକଙ୍କ ପରିବାରକୁ କ୍ଷତିପୂରଣ ଦାବିରେ ରାସ୍ତା ଅବରୋଧ କରିଥିଲେ। ଫଳରେ ଛେଳିଗଡ଼ -ରାମଗିରି ଓ ପାରଳାଖେମୁଣ୍ଡି ମାର୍ଗରେ ପ୍ରାୟ ୫ ଘଣ୍ଟା ଧରି ଯାତାୟାତ ବନ୍ଦ ରହିଥିଲା। ଖବର ପାଇ ରା.ଉଦୟଗିରି ପୁଲିସ ଓ ପ୍ରଶାସନିକ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ଆଲୋଚନା କରିଥିଲେ। ପରେ ରେଡକ୍ରସ୍ ପାଣ୍ଠିରୁ ୧୫ ହଜାର ଟଙ୍କା ସହାୟତା ପ୍ରଦାନ ଓ କ୍ଷତିପୂରଣ ପାଇଁ ପ୍ରତିଶ୍ରୁତି ମିଳିବା ପରେ ଲୋକେ ଅବରୋଧ ହଟାଇଥିଲେ।

# ଜଳବନ୍ଦୀ ଘେରରେ ଭୀମକେଲା ୧୧ନଂ ୱାର୍ଡବାସୀଙ୍କ ଅଭିଯୋଗ ଶୁଣିଲେ ବିଡ଼ିଓ



ନର୍ଲା ,୨।୬(ଆନିସ): ଗତ ୩୦ ତାରିଖ କାଳ ବୈଶାଖୀ ବର୍ଷାରେ ଆଣ୍ଠୁଏ ପାଣିରେ ଜଳମଗ୍ନ ହୋଇଥିଲା ନର୍ଲା ବ୍ଲକ ଅନ୍ତର୍ଗତ ଭୀମକେଲା ଗ୍ରାମର ୧୧ନଂ ୱାର୍ଡ। ଘଟଣାକୁ ନେଇ ଚାରିଆଡ଼େ ଚର୍ଚ୍ଚା ଜୋର୍ ଧରିଥିଲା। ଏହାକୁ ନେଇ ପଡାବାସୀ ମଧ୍ୟ ପୂର୍ବରୁ ସ୍ଥାନୀୟ ସରପଞ୍ଚଙ୍କୁ ଲିଖିତ ଅଭିଯୋଗ କରିଥିଲେ। ଏଠାରେ ସୂଚନା ଯୋଗ୍ୟ ୧୧ନଂ ୱାର୍ଡରୁ ବାହାରୁ ଥିବା ବର୍ଷା ପାଣି ଏକ ଛୋଟ ପୋଲ ଦେଇ ନିଷ୍କାସିତ ହୋଇଥାଏ। କଂକ୍ରିଟ ରାସ୍ତାର ତଳପଟେ ତପନ କୁର୍ମୀ ଘର ନିର୍ମାଣ ନାମରେ ଓ ମିନୀକେତନ କୁର୍ମୀ ( ମିଟୁ) ମାଟି ଓ ମୋରମ ପକାଇ ବର୍ଷା ପାଣିକୁ ଅଟକାଇବା ଯୋଗୁଁ ସୁନାରି ପଡାବାସୀ ଜଳବନ୍ଦୀ ଘେରରେ ରହିଥିଲେ। ତେବେ ଆଜି ନର୍ଲା ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିପିନ ବିହାରୀ ଦୀପ ଏହାକୁ ଗୁରୁତର ସହିତ ନେଇ ଖୁବ ଶୀଘ୍ର ବର୍ଷା ଜଳର ନିଷ୍କାସନ ବ୍ୟବସ୍ଥା ଉପରେ ଆମ ପ୍ରତିନିଧିଙ୍କୁ ପ୍ରତିଶ୍ରୁତି ଦେଇଥିବା ଜଣାଯାଏ।

# ମା ପାଟଖଣ୍ଡା ଆଞ୍ଚଳିକ ଗୋଁଣ୍ଡ ସମାଜର ବାର୍ଷିକ ମହାସଭା ଅନୁଷ୍ଠିତ



ଘୁ..ଉଦୟଗିରି,୨।୬ (ଆନିସ): ଚାଞ୍ଚେଡ଼ି ଗ୍ରାମ ବାସୀଙ୍କ ସହଯୋଗ ରେ ଶନିବାର ଦିନ କଳସ ଯାତ୍ରା ଏବଂ ରବିବାର ଦିନ କ.ନୂଆଗାଁ ବ୍ଲକ ଅନ୍ତର୍ଗତ ଚାଞ୍ଚେଡ଼ି ଗ୍ରାମରେ ଆଞ୍ଚଳିକ କେନ୍ଦ୍ର କମିଟି ସଭାପତି ତ୍ରିଲୋଚନ ପ୍ରଧାନଙ୍କ ଅଧ୍ୟକ୍ଷତା ରେ ମା ପାଟଖଣ୍ଡା ଆଞ୍ଚଳିକ ଗୋଁଣ୍ଡ ସମାଜ ତରଫରୁ ବାର୍ଷିକ ମହାସଭା ମହାଆଡମ୍ବର ରେ ଅନୁଷ୍ଠିତ ହୋଇ ଯାଇଛି । ଏହି କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ଭାବେ ଅଖିଳ ଭାରତୀୟ ଗୋଁଣ୍ଡୱାନା ଗୋଁଣ୍ଡ ମହାସଭାର ଓଡ଼ିଶା ପ୍ରଦେଶ ମହାସଚିବ ପ୍ୟାରୀ ମୋହନ ନାୟକ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ କନ୍ଧମାଳ ଜିଲ୍ଲା ଗୋଁଣ୍ଡ ସଭାପତି ବିଷ୍ଣୁ ଚରଣ ପ୍ରଧାନ,ରାଜ୍ୟ ଉପ-ସଭାପତି ଅକ୍ଷୟ କୁମାର ନାୟକ, ଅନୁଗୁଳ, ଗଣେଶ୍ୱର ନାୟକ, ଅନୁଗୁଳ ଜିଲ୍ଲା ସଦସ୍ୟ,ଶୈଳେନ୍ଦ୍ର ସିଂ,ରାଜ୍ୟ କର୍ମଚାରୀ ସଦସ୍ୟ, ତତସହିତ ରାଜ୍ୟ କମିଟିର ଅନ୍ୟ କର୍ମକର୍ତ୍ତା, କନ୍ଧମାଳ ଜିଲ୍ଲା କମିଟି, ବ୍ଲକ କମିଟି, ସମସ୍ତ ଆଞ୍ଚଳିକ କମିଟିର କର୍ମକର୍ତ୍ତା ଏବଂ ଗୋଁଣ୍ଡ ସମ୍ପ୍ରଦାୟର ଶତାଧିକ ମହିଳା ପୁରୁଷ, ଯୁବକ ଯୁବତୀ ଯୋଗ ଦେଇଥିଲେ । ଚଳିତ ବର୍ଷ ମେଟ୍ରିକ ଓ ଦ୍ୱାଦଶ ଶ୍ରେଣୀରୁ ୬୦ ପ୍ରତିଶତରୁ ଅଧିକ ନମ୍ବର ରହି ଉତୀର୍ଣ୍ଣ ହୋଇଥିବା ଛାତ୍ର ଓ ଛାତ୍ରୀ ମାନଙ୍କୁ ମେଧା ସମ୍ମାନରେ ସମ୍ମାନିତ କରାଯାଇଥିଲା । ବିଗତ ଦିନରେ ଗୋଁଣ୍ଡ ସମାଜର ସାଙ୍ଗଠନିକ ଦାୟିତ୍ୱ ତଥା ପଦାଧିକାରୀ ଥିବା ବହୁ ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି, ତେଣୁ ସେମାନଙ୍କ ସମ୍ମାନ ଦୃଷ୍ଟିକୋଣରୁ ତାଙ୍କ ପରିବାର ବର୍ଗ ଙ୍କୁ ମରଣତ୍ତୋର ସମ୍ମାନରେ ସମ୍ମାନିତ କରାଯାଇଛି ଏବଂ ବିଭିନ୍ନ ପ୍ରକାର ସାମାଜିକ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଛି । ଶେଷରେ ଚାଞ୍ଚେଡ଼ି କେନ୍ଦ୍ର ସଭାପତି ତ୍ରିଲୋଚନ ପ୍ରଧାନ ସମସ୍ତ ଙ୍କୁ ଧନ୍ୟବାଦ ଦେଇ ସଭାସାଙ୍ଗ କରିଥିଲେ ।

# ୨୨ଟି କଇଁଛ ଜବତ



ଉମରକୋଟ,୨।୬ (ଆନିସ): ନବରଙ୍ଗପୁର ଜିଲ୍ଲା ଉମରକୋଟ ବନାଞ୍ଚଳ ଅନ୍ତର୍ଗତ ୟୁଭି ୭ ନଂ ନୂଆ ଗୁଡା ଠାରେ କଇଁଛ ବିକ୍ରି ସମୟରେ ମାଡ଼ି ବସିଥିଲା ବନ ବିଭାଗ। ଏହି ଘଟଣାରେ ବନ ବିଭାଗ କାହାକୁ ଗିରଫ କରିନାହିଁ। ଚଢ଼ାଉ ବେଳେ ବନ ବିଭାଗ ୨୨ ଟି ବଞ୍ଚିଥିବା କଇଁଚ ଜବତ କରିବା ସହ ଏକ ବାଇକ୍ ଜବତ କରିଥିଲେ। ତେବେ ବନ ବିଭାଗକୁ ଦେଖି ଘଟଣାସ୍ଥଳରୁ କଇଁଚ ଚୋରା ଚାଲାଣକାରୀ ଫେରାର ହୋଇଯାଇଥିବା ସୂଚନା ମିଳିଛି। ଖବର ଅନୁଯାୟୀ, ଜଣେ ବ୍ୟକ୍ତି ହିରୋ ସ୍ପ୍ଲେଣ୍ଡର ବାଇକ୍ ଯୋଗେ ୟୁଭି ୭ ନଂ ନୂଆ ଗୁଡା ଠାରେ କଇଁଚ ବିକ୍ରି କରିବା ପାଇଁ ଆଣିଥିବା ସମୟରେ ଅଚାନକ ବନ ବିଭାଗ ଚଢ଼ାଉ କରିଥିଲା। ବନ ବିଭାଗ କର୍ମଚାରୀଙ୍କୁ ଅଚାନକ ସାମ୍ନାରେ ଦେଖି ଚୋରା ଚାଲାଣକାରୀ ଜଣକ ନିଜ ବାଇକ୍ ଛାଡ଼ି ଘଟଣାସ୍ଥଳରୁ ଖସି ଫେରାର ହୋଇଯାଇଥିଲା। ବନ ବିଭାଗର ସୂଚନା ଅନୁଯାୟୀ, ଜବତ ହୋଇଥିବା ଏହି କଇଁଚ ଗୁଡ଼ିକୁ କଳାହାଣ୍ଡି ଜିଲ୍ଲାରୁ ଚୋରା ଚାଲାଣ କରାଯାଇ ଆଣିଥିବା ଅନୁମାନ କରାଯାଉଛି। ଜିଲ୍ଲା ବନାଞ୍ଚଳ ଅଧିକାରୀ ଙ୍କ ନିର୍ଦ୍ଦେଶ ଆସିବା ପରେ ଏହି ସମସ୍ତ କଇଁଚକୁ କୌଣସି ପାଣି ଥିବା ପୋଖରୀ କିମ୍ବା ଡ୍ୟାମ୍‌ରେ ସୁରକ୍ଷିତ ଭାବେ ଛଡ଼ାଯିବ ବୋଲି ବନ ବିଭାଗ କହିଛି। ତେବେ ଏହି କଇଁଚ ଚୋରା ଚାଲାଣ ପଛରେ ଆଉ କାହାର ହାତ ରହିଛି ଏବଂ ଏହି ରାକେଟ୍‌ରେ କିଏ କିଏ ସାମିଲ ଅଛନ୍ତି, ସେ ନେଇ ବନ ବିଭାଗ ପକ୍ଷରୁ ଅଧିକ ତଦନ୍ତ ଜାରି ରହିଛି। ଏହି ଚଢାଉ ସମୟରେ ଉମରକୋଟ ଫରେଷ୍ଟର ଆକୁଳ ବୈରାଗୀ,ତେଲ ନଦୀ ବିଟ ଗାର୍ଡ ମଧୁସ୍ମିତା ପାଢୀ ଓ ପାରା କର୍ମଚାରୀ ସାମିଲ ଥିଲେ।

# ଗଜପତିର ୮୪ତମ ପୋଷ୍ୟ ସନ୍ତାନକୁ ଗ୍ରହଣ କଲେ ହରିୟାନାର ଏକ ପରିବାର



ପାରଳାଖେମୁଣ୍ଡି,୨।୬ (ଆନିସ): ଆଜି ଗଜପତି ଜିଲ୍ଲାରୁ ୮୪ତମ ଶିଶୁଙ୍କୁ ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ ପୋଷ୍ୟ ସନ୍ତାନ ଭାବେ ହରିୟାନା ରାଜ୍ୟର ଏକ ପରିବାରଙ୍କୁ ହସ୍ତାନ୍ତର କରିଛନ୍ତି। ଆଜକୁ ପ୍ରାୟ ୩ ମାସ ପୂର୍ବେ ପରିତ୍ୟକ୍ତ ଅବସ୍ଥାରେ ଉଦ୍ଧାର ହୋଇଥିବା ଏହି ଶିଶୁକୁ ଶିଶୁ ମଙ୍ଗଳ ସମିତିଙ୍କ ନିର୍ଦ୍ଦେଶ କ୍ରମେ ଯତ୍ନ ଓ ସୁରକ୍ଷା ନିମନ୍ତେ ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ର, ନିଶାନ ଶାଲୋମ, ରଣିପେଟାଠାରେ ରଖାଯାଇଥିଲା। ପରବର୍ତ୍ତି ମୁହୁର୍ତ୍ତରେ ଶିଶୁ ମଙ୍ଗଳ ସମିତି, ଗଜପତି ଶିଶୁଟିଙ୍କୁ ଆଇନତଃ ମୁକ୍ତ ଭାବେ ଘୋଷଣା କରିଥିଲେ ଏବଂ ଏହାପରେ ଶିଶୁଟିର ତଥ୍ୟ ମିଶନ ବାତ୍ସଲ୍ୟ ପୋର୍ଟାଲରେ ଅପଲୋଡ୍? କରାଯାଇଥିଲା, ଯାହାଦ୍ୱାରା ଶିଶୁଟି ପୋଷ୍ୟ ସନ୍ତାନ ଭାବେ ଯେକୌଣସି ଯୋଗ୍ୟ ପରିବାର ପାଖକୁ ଯାଇପାରିବ, ତାହା ସମସ୍ତଙ୍କୁ ପୋର୍ଟାଲ୍? ମାଧ୍ୟମରେ ଜଣାଇ ଦିଆଯାଇଥିଲା। ପୋଷ୍ୟ ସନ୍ତାନ ଗ୍ରହଣ ନିମନ୍ତେ ପ୍ରାୟ ୪ବର୍ଷରୁ ଉର୍ଦ୍ଧ ସମୟ ଧରି ଅନଲାଇନ୍? ମାଧ୍ୟମରେ ଦରଖାସ୍ତ ଦେଇ ଅପେକ୍ଷା କରି ରହିଥିବା ଉକ୍ତ ପରିବାରଙ୍କୁ କେନ୍ଦ୍ରୀୟ ପୋଷ୍ୟ ସନ୍ତାନ ସମ୍ବଳ କେନ୍ଦ୍ର ଅନୁମୋଦନ କରିଥିଲେ। ଉପରୋକ୍ତ ପରିବାର ଶାରିରୀକ ସ୍ତରରେ ଶିଶୁଟିକୁ ପସନ୍ଦ କରି ନେବାପାଇଁ ସ୍ଥିର କରିଥିଲେ। ତାପରେ ଆବଶ୍ୟକ ହେଉଥିବା ଦସ୍ତାବିଜ ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ର ଏବଂ ଜିଲ୍ଲା ଶିଶୁ ସୁରକ୍ଷା କାର୍ଯ୍ୟାଳୟ, ଗଜପତି ପ୍ରସ୍ତୁତ କରିଥିଲେ । ସମସ୍ତ ଦସ୍ତାବିଜକୁ ଜିଲ୍ଲାପାଳ ଯାଞ୍ଚ କରିବା ପରେ ଆଜି ଶିଶୁଟିଙ୍କୁ ଉକ୍ତ ପରିବାରଙ୍କୁ ହସ୍ତାନ୍ତର କରିଥିଲେ। ଶିଶୁଟିର ବୟସ ୯ମାସ ହୋଇଥିବାବେଳେ, ଶିଶୁଟିକୁ ପାଇ ଉକ୍ତ ପରିବାର ବେଶ ଖୁସି ଥିବା ଲକ୍ଷ୍ୟ କରାଯାଇଥିଲା।ହସ୍ତାନ୍ତର ସମୟରେ ଅତିରିକ୍ତ ଜିଲ୍ଲାପାଳ ଫାଲ୍ଗୁନୀ ମାଝୀ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଅରୁଣ କୁମାର ତ୍ରିପାଠୀ, ଓ ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ରର କର୍ମକର୍ତ୍ତା ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ବଡ଼ପଦର ଯୁବ କ୍ରିକେଟ କମିଟି ଆନୁକୂଲ୍ୟରେ କ୍ରିକେଟ ଟୁର୍ଣ୍ଣାମେଣ୍ଟ



ଚିତ୍ରକୋଣ୍ଡା,୨।୬ (ଆନିସ): ମାଲକାନଗିରି ଜିଲ୍ଲା ଚିତ୍ରକୋଣ୍ଡା ବ୍ଲକ ଅନ୍ତର୍ଗତ ବଡପଦର ପଞ୍ଚାୟତ ଠାରେ ଯୁବ କ୍ରିକେଟ କମିଟି ଆନୁକୂଲ୍ୟରେ ଯୁବ କ୍ରିକେଟ ଟୁର୍ଣ୍ଣାମେଣ୍ଟ ୨୦୨୬ ର ଶୁଭ ଉଦଘାଟନ ଗତ ଜୁନ ୧ ତାରିଖ ସୋମବାର ଦିନ ହୋଇଯାଇଛି । ଏହି ଉଦଘାଟନୀ କାର୍ଯ୍ୟକ୍ରମ ରେ ମୁଖ୍ୟ ସମ୍ମାନିତ ଅତିଥି ଭାବରେ ବଡପଦର ସରପଞ୍ଚ ଶ୍ରୀମତୀ ସ୍ୱପ୍ନା ଖିଲ ଏବଂ ସମିତି ସଭ୍ୟା ଶ୍ରୀମତୀ ପ୍ରମିଳା ହନ୍ତାଳ ଯୋଗ ଦେଇ ଫିତା କାଟି ଶୁଭାରମ୍ଭ କରିଥିଲେ । ଅନ୍ୟାନ୍ୟ ଅତିଥି ମାନଙ୍କ ମଧ୍ୟରେ ସମାଜ ସେବୀ- ଜଗୁ ଦୁରୁ, ପ୍ରସାଦ ଅନୁପାଲ, ସୋନିଆ ଖେମୁଡୁ, ଲଛମନ ଖେମୁଡୁ, ବାସୁ ଖରା, ଜୁମୁର ଖିଲ, ସୁକୁ ମୁଦୁଲି, ସୁକୁ ହନ୍ତାଳ, ଗଙ୍ଗାଧର ଖରା, ସୁବା ପାଙ୍ଗି, ରାଜୁ ଖିଲ, ଧନୁର୍ଜୟ ହନ୍ତାଳ ପ୍ରମୁଖ ଯୋଗ ଦେଇଥିଲେ । ଦୀର୍ଘ ଏକ ସପ୍ତାହ ଧରି ହେବାକୁ ଥିବା ଏହି ଟୁର୍ଣ୍ଣାମେଣ୍ଟ ରେ ସମୁଦାୟ ୧୬ଟି ଟିମ ଯୋଗ ଦେଇଥିବା ବେଳେ ନକ-ଆଉଟ ମ୍ୟାଚ ହେବା ଏବଂ ଆସନ୍ତା ୭ ଜୁନ ରେ ଫାଇନାଲ ଅନୁଷ୍ଠିତ ହେବା ନେଇ ସୂଚନା ଦେଇଛନ୍ତି ଆୟୋଜକ ବଡପଦର ଯୁବ କ୍ରିକେଟ କମିଟି । ଏହି ଭଳି ଟୁର୍ଣ୍ଣାମେଣ୍ଟ ଦ୍ୱାରା କ୍ରିକେଟ ପ୍ରେମୀ ମାନଙ୍କ ମଧ୍ୟରେ ଏକ ଉତ୍ସାହ ଜାଗ୍ରତ ହେବା ସହିତ ଏକ ଭାଇଚାରାର ବାର୍ତ୍ତା ପହଞ୍ଚି ପାରିବ ବୋଲି ଆଶା ରଖିଛନ୍ତି ପରିଚାଳନା କମିଟି ।

# ଚିତ୍ରକୋଣ୍ଡା ପୋଷ୍ଟ ଅଫିସର ଅବ୍ୟବସ୍ଥା, ଜନସାଧାରଣ ଅସନ୍ତୁଷ୍ଟ



ଚିତ୍ରକୋଣ୍ଡା,୨।୬ (ଆନିସ): ମାଲକାନଗିରି ଜିଲ୍ଲା ଚିତ୍ରକୋଣ୍ଡା ବ୍ଲକର ଏକ ପୁରାତନ ଓ ଗୁରୁତ୍ୱପୂର୍ଣ୍ଣ ସରକାରୀ ସେବା କେନ୍ଦ୍ର ହେଉଛି ଚିତ୍ରକୋଣ୍ଡା ପୋଷ୍ଟ ଅଫିସ । ଏହି ପୋଷ୍ଟ ଅଫିସ ଉପରେ ଚିତ୍ରକୋଣ୍ଡା ବ୍ଲକର ୧୮ଟି ପଞ୍ଚାୟତର ହଜାର ହଜାର ଲୋକ ନିର୍ଭରଶୀଳ ଅଟନ୍ତି । ପ୍ରତିଦିନ ପେନସନ, ସଞ୍ଚୟ ଖାତା, ଟଙ୍କା ଜମା ଓ ଉଠାଣ, ଆଧାର ସଂଯୋଗ, ଡାକ ସେବା ସମେତ ବିଭିନ୍ନ ଜରୁରୀ କାର୍ଯ୍ୟ ପାଇଁ ଦୂରଦୂରାନ୍ତରୁ ଶତାଧିକ ଲୋକ ଏଠାକୁ ଆସିଥାନ୍ତି । କିନ୍ତୁ ଦୁଃଖ ଓ ପରିତାପର ବିଷୟ ହେଉଛି ଏତେ ଗୁରୁତ୍ୱପୂର୍ଣ୍ଣ ପୋଷ୍ଟ ଅଫିସରେ ଆଜି ପର୍ଯ୍ୟନ୍ତ ଜନସାଧାରଣଙ୍କ ପାଇଁ ନ୍ୟୁନତମ ସୁବିଧା ମଧ୍ୟ ଉପଲବ୍ଧ ନାହିଁ । ପୋଷ୍ଟ ଅଫିସ ସମ୍ମୁଖରେ ଖରା ଓ ବର୍ଷା ସମୟରେ ଲୋକମାନେ ଆଶ୍ରୟ ନେବା ପାଇଁ କୌଣସି ଟିଣ ଛପର କିମ୍ବା ପ୍ରତୀକ୍ଷାଳୟର ବ୍ୟବସ୍ଥା ନାହିଁ । ଫଳରେ ତୀବ୍ର ଖରା ଓ ପ୍ରବଳ ବର୍ଷା ମଧ୍ୟରେ ଲୋକମାନେ ଘଣ୍ଟା ଘଣ୍ଟା ଧରି ଠିଆ ହୋଇ ରହିବାକୁ ବାଧ୍ୟ ହେଉଛନ୍ତି।

ବିଶେଷ କରି ବୃଦ୍ଧବୃଦ୍ଧା, ମହିଳା ଓ ଦିବ୍ୟାଙ୍ଗ ବ୍ୟକ୍ତିମାନେ ସର୍ବାଧିକ ହଇରାଣ ହେଉଥିବା ଦେଖିବାକୁ ମିଳୁଛି । ଏହାଛଡା ଫର୍ମ ପୂରଣ କିମ୍ବା ଆବେଦନ ଲେଖିବା ପାଇଁ କୌଣସି ଟେବୁଲ କିମ୍ବା ବସିବାର ସୁବିଧା ନ ଥିବାରୁ ଲୋକମାନେ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଅନେକ ସମୟରେ ଲୋକମାନେ ଭୂମିରେ କାଗଜ ରଖି ଲେଖିବାକୁ ବାଧ୍ୟ ହେଉଥିବା ଅଭିଯୋଗ ହୋଇଛି ।

ସ୍ଥାନୀୟ ବାସିନ୍ଦାଙ୍କ କହିବା ଅନୁସାରେ, ବର୍ଷ ବର୍ଷ ଧରି ଏହି ସମସ୍ୟା ଲାଗି ରହିଥିଲେ ମଧ୍ୟ ପ୍ରଶାସନ କିମ୍ବା ସମ୍ପୃକ୍ତ ବିଭାଗ ଏଥିପ୍ରତି ଗୁରୁତ୍ୱ ଦେଉ ନାହାନ୍ତି । ଜନସାଧାରଣଙ୍କ ସୁବିଧା ପାଇଁ ତୁରନ୍ତ ଏକ ଟିଣ ଛପର, ବସିବା ବ୍ୟବସ୍ଥା ଓ ଲେଖିବା ପାଇଁ ଟେବୁଲ ସ୍ଥାପନ କରିବାକୁ ଦାବି ଜୋର ଧରିଛି । ଏହି ମୌଳିକ ଅସୁବିଧା ପାଇଁ ଦାୟୀ କିଏ ବୋଲି ଜନସାଧାରଣଙ୍କ ମଧ୍ୟରେ ଏବେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଲୋକଙ୍କ ଦୀର୍ଘଦିନର ଏହି ସମସ୍ୟା ଗୁଡ଼ିକ ପ୍ରତି କେବେ ଦୃଷ୍ଟି ଦେବ ପ୍ରଶାସନ ଏବଂ ସାଧାରଣ ଜନତା ଏହାର ଶୀଘ୍ର ସମାଧାନ ନେଇ ଆଶା ବାନ୍ଧି ବସିଛନ୍ତି।

# ନିମ୍ନମାନର କାମ ଯୋଗୁଁ ଶୋଚନୀୟ ହୋଇପଡ଼ିଛି ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ରାସ୍ତା



ଥୁଆମୁଳ ରାମପୁର, ୨।୬ (ଆନିସ) : କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମିଳିତ ସହଯୋଗରେ ଗମନାଗମନ ସୁବିଧା ପାଇଁ ବିଭିନ୍ନ ଯୋଜନା ମଧ୍ୟରେ କୋଟି କୋଟି ଟଙ୍କା ବ୍ୟୟବରଦା ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡକ ଯୋଜନା ମାଧ୍ୟମରେ ଜିଲ୍ଲାର ବିଭିନ୍ନ ବ୍ଲକରେ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡକ ଯୋଜନା କାର୍ଯ୍ୟକାରୀ ହେଉଥିବା ବେଳେ ଏହି ସବୁ ରାସ୍ତା ନିର୍ମାଣରେ ନିମ୍ନମାନର କାର୍ଯ୍ୟ ହେଉଥିବା ଯୋଗୁଁ ଅଳ୍ପଦିନ ମଧ୍ୟରେ ଶୋଚନୀୟ ହୋଇପଡ଼ିଥିବା ଏବଂ ଯାତାୟାତ ଉପଯୋଗୀ ନ ହେବା ଅତି ଦୁଃଖ ଦାୟକ ନୁହେଁ ତ ଆଉ କଣ ହୋଇଥାଇପାରେ। ସରକାରଙ୍କ ଏହିଭଳି ମହତ୍ତ୍ୱପୂର୍ଣ୍ଣ ଯୋଜନାକୁ ମଧ୍ୟ ଠିକାଦାର ଛାଡିଲେ ନାହିଁ ବାଟବଣା କରିବାରେ ଲାଗିଛନ୍ତି। ସ୍ଥାନୀୟ କିଛି ମୁଷ୍ଟିମେୟ ଲୋକଙ୍କ ଲାଭଖୋର ମନୋବୃର୍ତ୍ତି ର ସୁଯୋଗ ନେଇ ଠିକାସଂସ୍ଥା ନିମ୍ନମାନର ରାସ୍ତା ନିର୍ମାଣ କରୁଥିବା ଯୋଗୁଁ ଅଳ୍ପ ଦିନ ମଧ୍ୟରେ ରାସ୍ତାଗୁଡ଼ିକ ନଷ୍ଟ ହୋଇଯିବା ଘଟଣାକୁ ନେଇ ସ୍ଥାନୀୟ ଜନତାଙ୍କ ମଧ୍ୟରେ ଆଲୋଚନା ହେଉଥିବା ଜଣାଯାଏ। ପୁଣି ରାସ୍ତା ନିର୍ମାଣର ପାଞ୍ଚ ବର୍ଷ ମଧ୍ୟରେ ଠିକାଦାର ଦାୟୀତ୍ୱ ରହିଛି ତଥାପି ନବୀକରଣ ନାଁରେ ଅର୍ଥ ହରିଲୁଟ କରିଚାଲିଛନ୍ତି, ରାସ୍ତାର ଯତ୍ନ କରିବା ଦାୟିତ୍ୱ ମଧ୍ୟ ଠିକାଦାରଙ୍କ ରହିଛି ହେଲେ ଏଭଳି ପରିସ୍ଥିତିରେ । ଯାହାକି ପ୍ରଧାନମନ୍ତ୍ରୀ ରାସ୍ତା ନିର୍ମାଣ ସମୟରେ ନିମ୍ନମାନର ଗେଟି, ଚିପ୍ସ, ମୋରମ, ବାଲି ବ୍ୟବହାର କରି ନିମ୍ନମାନର ପିଚୁ ଢଳେଇ ଅର୍ଥ ହରିଲୁଟ କରୁଥିବା ଅଭିଯୋଗ ଆସୁଛି, ତଥାପି ବିଭାଗୀୟ ଅଧିକ ଏହା ଉପରେ କୌଣସି ପ୍ରକାରରେ ଧ୍ୟାନ ନଦେବା କେତେ ଦୂର ଯୁକ୍ତିଯୁକ୍ତ ଏନେଇ ବୁଦ୍ଧିଜୀବୀ ମହଲରେ ଉଦବେଗ ପ୍ରକାଶ ପାଉଛି। ଅଞ୍ଚଳର କିଛି ଲୋକଙ୍କୁ ହାତ କରି ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡକ ଯୋଜନା ନିର୍ମାଣ କରିଥିବା ଯୋଗୁଁ ରାସ୍ତା ଗୁଡିକ ଅଳ୍ପ ଦିନରେ ଭୁଷୁଡି ଯାଉଥିବା ଘଟଣା ନିତିଦିନିଆ ପାଲଟିଛି। ଅନୁନ୍ନତ ଅଞ୍ଚଳରେ ଥିବା ସ୍ଥାନୀୟ ଲୋକଙ୍କ ସଚେତନତାର ଆଭାବର ସୁଯୋଗ ନେଇ ଠିକାସଂସ୍ଥା ନିମ୍ନମାନର କାର୍ଯ୍ୟ କରୁଥିବା କାରଣରୁ ରାସ୍ତା ଏଭଳି ଅଳ୍ପ ଦିନ ମଧ୍ୟରେ ରାସ୍ତାରୁ ପିଚୁ ଉଠି ଖାଲଖମାର ସୃଷ୍ଟି କରିଛି। ଯାହାଫଳରେ ଗାଡିମଟର ଓ ପଥଚାରୀ ନାହିଁନଥିବା ଅସୁବିଧା ଭୋଗୁଛନ୍ତି। ଏଭଳି ନିମ୍ନମାନର ରାସ୍ତା ନିର୍ମାଣ ହୋଇଛି ବୋଲି ତୋ ତାହା ଅଳ୍ପ ଦିନରେ ରାସ୍ତାଗୁଡିକ ଭୂଷୁଡି ଯାଉଛି ରହୁନାହିଁ ବୋଲି ସନ୍ଦେହ ସୃଷ୍ଟି କରୁଛି। କଳାହାଣ୍ଡି ଜିଲ୍ଲା ଥୁଆମୁଳ ରାମପୁର ବ୍ଲକ ଅଧିନରେ ଥିବା ସାଇସୁରୁଣୀ ଠାରୁ ନାକରୁଣ୍ଡି, ଥୁଆମୁଳ ରାମପୁର ବ୍ଲକ ମୁଖ୍ୟାଳୟ ଠାରୁ ପୋଖରା, ଡାକକୋଟା ଭାରତ ଯାତ୍ରା ପଡିଆରୁ ତୁକଗୁଡା, ତୁନାପାରି, ପୋଖରୀ, ଭଟ୍ଟାଗୁଡା, କୁମଜୋର, ବାଗ ଡିଆଣୀ, ଥୁଆମୁଳ ରାମପୁର ମହୁଲପାଟଣା ବିରିକୋଟ ଛକଠାରୁ ବିରିକୋଟ ଗ୍ରାମ ଭଳି ବିଭିନ୍ନ ଗ୍ରାମକୁ ସଂଯୋଗ କରୁଥିବା ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡକ ଯୋଜନା ରାସ୍ତା ଗୁଡିକ ପିଚୁ ଉଠି ଖାଲଖମାର ସୃଷ୍ଟି କରି ରାସ୍ତା ଏବେ ଶୋଚନୀୟ ଅବସ୍ଥାରେ ପଡିଛି। ଏଦିଗରେ ଠିକାସଂସ୍ଥା ଓ ବିଭାଗୀୟ ଅଧିକାରୀ ରାସ୍ତା ଗୁଡିକ ଉପରେ ଧ୍ୟାନ ଦେଇ ସୁରକ୍ଷା ସୁବ୍ୟବସ୍ଥା କରିବା ନିହାତି ଆବଶ୍ୟକ ରହିଛି। ସେହିଭଳି ଥୁଆମୁଳ ରାମପୁର ଠାରୁ ଗୁଣପୁର, ଥୁଆମୁଳ ରାମପୁର ଠାରୁ ମହୁଲପାଟଣା, ଥୁଆମୁଳ ରାମପୁର ଠାରୁ ଡୁମେରପଦର, ଡୁମେରପଦର ଠାରୁ ଅଡ୍ରି କୁ ସଂଯୋଗ କରୁଥିବା ରାସ୍ତା ଗୁଡିକର ନିର୍ମାଣ ଉପରେ ନକହିବା ଭଲ। ରାସ୍ତାରେ ନିର୍ମାଣରେ ଅନିୟମିତତା ହୋଇଛି ଏଠାରେ ବ୍ୟବହାର କରାଯାଇଥିବା ସାମଗ୍ରୀ ଯଥା ମରୋମ ବଦଳରେ ନାଲିମାଟି, ନିମ୍ନମାନର ବାଲି, ଅଳ୍ପ ପିଚୁ ଢଳେଇ ଭଳି ରାସ୍ତା ନିର୍ମାଣରେ ଅନିୟମିତତା ହେଉଥିବା ଯୋଗୁଁ ରାସ୍ତା ନିର୍ମାଣର କିଛି ଦିନ ମଧ୍ୟରେ ରାସ୍ତାରୁ ପିଚୁ ଉଠିବା ଆରମ୍ଭ ହେଲାଣି। ନିର୍ମାଣର ଅଳ୍ପ ଦିନ ମଧ୍ୟରେ ଭୂଷୁଡିବା ଆରମ୍ଭ ହେଲାଣି ତେବେ ଆଗକୁ ରାସ୍ତାର ସ୍ଥାୟୀତ୍ୱକୁ ନେଇ ସାଧାରଣରେ ସନ୍ଦେହ ସୃଷ୍ଟି କରୁଥିବା ଜଣାପଡିଛି।

## ବାରିପଦା ଉପଖଣ୍ଡ ପାଇଁ ଯୁଗ୍ମ ଜନ ଶୁଣାଣୀ ଅନୁଷ୍ଠିତ

# ମୋଟ ୨୯୧ ଗୋଟି ଅଭିଯୋଗର ହେଲା ଶୁଣାଣି



ବାରିପଦା, ୨।୬ (ଆନିସ): ମୟୂରଭଞ୍ଜ ଜିଲ୍ଲା ସଦର ମହକୁମା ବାରିପଦାରେ ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁସାରେ ଜିଲ୍ଲାପାଳ ହେମକାନ୍ତ ସୟ୍ ଙ୍କ ଅଧ୍ୟକ୍ଷତାରେ ଜିଲ୍ଲା କାର୍ଯ୍ୟାଳୟ ସ୍ଥିତ ସମ୍ମିଳନୀ କକ୍ଷରେ ଏକ ଯୁଗ୍ମ ଜନଶୁଣାଣୀ ଶିବିର ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଜନଶୁଣାଣୀ ଶିବିରରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ବରୁଣ ଗୁଣ୍ଟୁପାଲ୍ଲୀ, ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକ, ଅତିରିକ୍ତ ଜିଲ୍ଲାପାଳ ଦୁଃଖବନ୍ଧୁ ନାୟକ, ଅତିରିକ୍ତ ଜିଲ୍ଲାପାଳ ଇଶ୍ୱର ଚନ୍ଦ୍ର ନାଏକ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ (ଜିଲ୍ଲା ପରିଷଦ) ଶ୍ରୀ ଧର୍ମାନନ୍ଦ ବେହେରା, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡ଼ ଧନୁର୍ଜୟ ମହାନ୍ତ, ବାରିପଦା ଉପ-ଜିଲ୍ଲାପାଳ କସ୍ତୁରୀ ପଣ୍ଡା ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କର ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ । ଗତକାଲି ହୋଇଥିବା ଶୁଣାଣିରେ ବାରିପଦା ଉପଖଣ୍ଡର ସର୍ବମୋଟ ୨୯୧ ଗୋଟି ଅଭିଯୋଗର ଶୁଣାଣି କରାଯାଇଛି ।

ଏଥିରେ ୨୬୦ ଗୋଟି ବ୍ୟକ୍ତିଗତ ସମସ୍ୟା ଆଧାରିତ ଥିବାବେଳେ ୩୧ ଗୋଟି ସାମୁହିକ ସମସ୍ୟା ସମ୍ବଳିତ ଅଭିଯୋଗ ହୋଇଛି । ତନ୍ମଧ୍ୟରୁ ୧୬ ଗୋଟି ଅଭିଯୋଗର ତତକ୍ଷଣାତ୍ ସମାଧାନ ଜନ ଅଭିଯୋଗ ଶିବିରରେ କରାଯାଇଛି । ଏହାସହ ୧୩ ଜଣଙ୍କୁ ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିରୁ ଓ ୩ ଜଣଙ୍କୁ ରେଡକ୍ରସ୍ ପାଣ୍ଠିରୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି ।

ସେହିପରି ଆଜିର ଜନ ଅଭିଯୋଗ ଶୁଣାଣିରେ ଗ୍ରହଣ ହୋଇଥିବା ବିଭିନ୍ନ ବିଭାଗ ସମ୍ପର୍କିତ ଅନ୍ୟାନ୍ୟ ଅଭିଯୋଗ ଗୁଡିକ ଉପରେ ଅନୁଧ୍ୟାନ ପୂର୍ବକ ବିଚାର କରି ସେଗୁଡିକର ତ୍ୱରିତ ସମାଧାନ ନିମନ୍ତେ ସମ୍ପୃକ୍ତ ବିଭାଗୀୟ ଅଧିକାରୀ ମାନଙ୍କୁ ଜିଲ୍ଲାପାଳ ସୟ୍ ନିର୍ଦ୍ଦେଶ ଦେଇଛନ୍ତି । ଜନ ଅଭିଯୋଗ ଶୁଣାଣୀ ଶିବିରରେ ବିଭିନ୍ନ ବିଭାଗର ଜିଲ୍ଲା ସ୍ତରୀୟ ଅଧିକାରୀଙ୍କ ସମେତ ବାରିପଦା ଉପଖଣ୍ଡର ଉପଖଣ୍ଡ ଓ ବ୍ଲକ ସ୍ତରୀୟ ବିଭିନ୍ନ ବିଭାଗୀୟ ଅଧିକାରୀ ମାନେ ଉପସ୍ଥିତ ରହି ଅଭିଯୋଗ ଶୁଣାଣି କାର୍ଯ୍ୟରେ ସହଯୋଗ କରିଥିଲେ । ଉପରୋକ୍ତ ସମସ୍ତ କାର୍ଯ୍ୟକ୍ରମ ପରିଚାଳନାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର କର୍ମଚାରୀ ମାନେ ସକ୍ରିୟ ଭାବେ ଅଂଶଗ୍ରହଣ କରି ସଫଳ କରିଥିଲେ ।

### ୧୬ ଅଭିଯୋଗର ତତକ୍ଷଣାତ୍ ସମାଧାନ

## ଦୁର୍ନୀତିର ଗନ୍ତାଘର ବାମରା ବ୍ଲକ!

# "ଏକ ପେଡ଼ ମା କେ ନାମ" ଯୋଜନାରେ ଲକ୍ଷାଧିକ ଟଙ୍କା ହେରଫେର ଅଭିଯୋଗ, ତଦନ୍ତ ଦାବି ଜୋରଦାର

କୁଚିଣ୍ଡା, ୨।୬ (ଆନିସ): : ପରିବେଶ ସୁରକ୍ଷା ଓ ବୃକ୍ଷରୋପଣକୁ ଜନଆନ୍ଦୋଳନର ରୂପ ଦେବା ପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ଆରମ୍ଭ ହୋଇଥିବା "ଏକ ପେଡ଼ ମା କେ ନାମ" ଅଭିଯାନ ବାମରା ବ୍ଲକରେ ଦୁର୍ନୀତିର ଅଭିଯୋଗରେ ଚର୍ଚ୍ଚାରେ ଆସିଛି। ବ୍ଲକ ଅନ୍ତର୍ଗତ ୧୭ଟି ପଞ୍ଚାୟତରେ ଗତ ୨୦୨୫-୨୬ ଆର୍ଥିକ ବର୍ଷରେ ଏହି ଯୋଜନା ଅଧୀନରେ ହୋଇଥିବା ବୃକ୍ଷରୋପଣ କାର୍ଯ୍ୟରେ ଲକ୍ଷାଧିକ ଟଙ୍କାର ଅନିୟମିତତା ଓ ଅର୍ଥ ଆତ୍ମସାତର ଅଭିଯୋଗ ଉଠିଛି। ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନରେ ଆରମ୍ଭ ହୋଇଥିବା "ଏକ ପେଡ଼ ମା କେ ନାମ" ଅଭିଯାନର ଉଦ୍ଦେଶ୍ୟ ହେଉଛି ପ୍ରତ୍ୟେକ ନାଗରିକ ନିଜ ମାଙ୍କ ସମ୍ମାନରେ ଅତି କମରେ ଗୋଟିଏ ଗଛ ରୋପଣ କରି ପରିବେଶ ସୁରକ୍ଷାରେ ଭାଗୀଦାର ହେବା। ଦେଶବ୍ୟାପୀ ଭାବେ କୋଟି କୋଟି ଚାରାରୋପଣ କରି ସବୁଜ ଭାରତ ଗଠନ ଏବଂ ଜଳବାୟୁ ପରିବର୍ତ୍ତନର ମୁକାବିଲା କରିବା ଏହାର ମୂଳ ଲକ୍ଷ୍ୟ। କିନ୍ତୁ ବାମରା ବ୍ଲକରେ ଏହି ମହତ୍ୱାକାଙ୍କ୍ଷୀ ଯୋଜନା ଦୁର୍ନୀତିର ଶିକାର ହୋଇଥିବା ଅଭିଯୋଗ ସାମ୍ନାକୁ ଆସିଛି।ଅଭିଯୋଗ ଅନୁସାରେ, ମନରେଗା ଯୋଜନା ମାଧ୍ୟମରେ ବାମରା ବ୍ଲକର ୧୭ଟି ପଞ୍ଚାୟତରେ ବୃକ୍ଷରୋପଣ କାର୍ଯ୍ୟ ପାଇଁ ବିଲ୍ ପୈଠ କରାଯାଇଛି। ଲଗାଯାଇଥିବା ପ୍ରତି ଗଛ ପାଇଁ ସୁରକ୍ଷା ବାଡ଼ ବାବଦରେ ୧୬୦.୩୫ ଟଙ୍କା ହିସାବରେ ପ୍ରତ୍ୟେକ ପଞ୍ଚାୟତରେ ୫୦୦ଟି ବାଡ଼ ପାଇଁ ୮୦,୧୭୫ ଟଙ୍କା ଲେଖାଏ ପୈଠ କରାଯାଇଛି।



ଏହି ହିସାବରେ ୧୭ଟି ପଞ୍ଚାୟତରେ କେବଳ ସୁରକ୍ଷା ବାଡ଼ ପାଇଁ ୧୩,୬୨,୯୭୫ ଟଙ୍କା "ମା ସମଲେଶ୍ୱରୀ ଏଗ୍ରୋ ଏଣ୍ଟରପ୍ରାଇଜେସ" ନାମକ ସଂସ୍ଥାକୁ ପୈଠ କରାଯାଇଥିବା ବେଳେ, ଶ୍ରମିକ ମଜୁରୀ ଓ ଅନ୍ୟାନ୍ୟ ଖର୍ଚ୍ଚ ବାବଦକୁ ଆଉ ୮,୮୪,୫୨୨ ଟଙ୍କା ଖର୍ଚ୍ଚ ହୋଇଛି। ଫଳରେ ସମଗ୍ର ବ୍ଲକରେ ଏହି ଯୋଜନା ଅଧୀନରେ ୨୨,୪୭,୪୯୭ ଟଙ୍କା ପୈଠ ହୋଇଥିବା ଦର୍ଶାଯାଇଛି।

ସବୁଠାରୁ ଗୁରୁତର ଅଭିଯୋଗ ହେଉଛି, ପ୍ରତ୍ୟେକ ପଞ୍ଚାୟତରେ ୫୦୦ଟି ଗଛ ରୋପଣ ଓ ସେତିକି ସଂଖ୍ୟକ ସୁରକ୍ଷା ବାଡ଼ ଲଗାଯାଇଥିବା ଦର୍ଶାଇ ବିଲ୍ ପୈଠ କରାଯାଇଥିଲେ ମଧ୍ୟ, ସ୍ଥାନୀୟ ସ୍ତରରେ ଯାଞ୍ଚ କଲେ ଅନେକ ସ୍ଥାନରେ ମାତ୍ର ୧୦୦ରୁ ୨୦୦ଟି ଗଛ ଲଗାଯାଇଥିବା ଦେଖିବାକୁ ମିଳୁଛି।

ଅର୍ଥାତ୍ କାଗଜପତ୍ରରେ ଦର୍ଶାଯାଇଥିବା ଗଛ ସଂଖ୍ୟା ଓ ବାସ୍ତବରେ ରୋପଣ ହୋଇଥିବା ଗଛ ସଂଖ୍ୟା ମଧ୍ୟରେ ବ୍ୟାପକ ତଫାତ ଥିବାରୁ ସରକାରୀ ଅର୍ଥ ହେରଫେର ହୋଇଥିବା ସନ୍ଦେହ ଆହୁରି ଗଭୀର ହୋଇଛି।

ଏନେଇ କେତେକ ପଞ୍ଚାୟତର ନିର୍ବାହୀ ଅଧିକାରୀଙ୍କୁ ପଚାରିବାରୁ ସେମାନେ ନିଜ ନା ଗୋପନ କରିବା ରଖିବା ସର୍ତ୍ତ ରେ କହିଛନ୍ତି ଯେ, ଜିଲ୍ଲା ପ୍ରଶାସନର ନିର୍ଦ୍ଦେଶ ଅନୁସାରେ ୫୦୦ଟି ସୁରକ୍ଷା ବାଡ଼ର ବିଲ୍ ପୈଠ କରାଯାଇଥିଲା। କିନ୍ତୁ ସଂପୃକ୍ତ ଯୋଗାଣକାରୀ ସଂସ୍ଥା ସେତେ ସଂଖ୍ୟକ ବାଡ଼ ଯୋଗାଇ ନଥିବା ସେମାନେ ଦାବି କରିଛନ୍ତି।

ଯଦି ଏହି ଦାବି ସତ୍ୟ ହୁଏ, ତେବେ ପ୍ରଶ୍ନ ଉଠୁଛି ଯେ, କେଉଁ ଅଧିକାରୀଙ୍କ ନିର୍ଦ୍ଦେଶରେ ବାସ୍ତବ ସାମଗ୍ରୀ ଗ୍ରହଣ ନ କରି ସମ୍ପୂର୍ଣ୍ଣ ବିଲ୍ ପୈଠ କରାଗଲା। ଏଥିରେ କେବଳ ପଞ୍ଚାୟତ ସ୍ତର ନୁହେଁ, ଜିଲ୍ଲା ସ୍ତରର କିଛି ପ୍ରଭାବଶାଳୀ ଅଧିକାରୀଙ୍କ ସଂପୃକ୍ତତା ରହିଛି କି ନାହିଁ, ତାହା ମଧ୍ୟ ତଦନ୍ତ ସାପେକ୍ଷ। "ଏକ ପେଡ଼ ମା କେ ନାମ" ଭଳି ଏକ ପରିବେଶମୁଖୀ ଓ ଜନହିତକର ଯୋଜନାରେ ଯଦି ପ୍ରକୃତରେ ଦୁର୍ନୀତି ହୋଇଥାଏ, ତେବେ ଏହା କେବଳ ସରକାରୀ ଅର୍ଥର ଅପବ୍ୟୟ ନୁହେଁ, ବରଂ ପରିବେଶ ସୁରକ୍ଷା ପାଇଁ ଦେଶବ୍ୟାପୀ ଚାଲିଥିବା ଅଭିଯାନର ଉଦ୍ଦେଶ୍ୟ ଉପରେ ମଧ୍ୟ ସିଧାସଳଖ ଆଘାତ। ବୃକ୍ଷରୋପଣ ନାମରେ କାଗଜପତ୍ରରେ ସଂଖ୍ୟା ବଢ଼ାଇ ସରକାରୀ ଅର୍ଥ ଆତ୍ମସାତ କରାଯାଇଥିଲେ ଏହା ପ୍ରଧାନମନ୍ତ୍ରୀଙ୍କ ସବୁଜ ଭାରତ ଗଠନ ଆହ୍ୱାନକୁ ମଧ୍ୟ ପ୍ରଶ୍ନବିଦ୍ଧ କରୁଛି।ସ୍ଥାନୀୟ ବୁଦ୍ଧିଜୀବୀ, ସାମାଜିକ କର୍ମୀ ଓ ସାଧାରଣ ଜନତା ଏହି ସମଗ୍ର ପ୍ରକଳ୍ପର ସ୍ୱାଧୀନ ଓ ନିରପେକ୍ଷ ତଦନ୍ତ ଦାବି କରିଛନ୍ତି। ପ୍ରତ୍ୟେକ ପଞ୍ଚାୟତରେ ବାସ୍ତବରେ କେତେ ଗଛ ଲଗାଯାଇଛି, କେତେ ସୁରକ୍ଷା ବାଡ଼ ଯୋଗାଣ ହୋଇଛି ଓ କେଉଁ ଆଧାରରେ ବିଲ୍ ପୈଠ କରାଯାଇଛି, ତାହାର ସମ୍ପୂର୍ଣ୍ଣ ଅଡିଟ୍ କରି ଦୋଷୀଙ୍କ ବିରୋଧରେ କଠୋର ପଦକ୍ଷେପ ନେବାକୁ ଦାବି ହେଉଛି।

# ଫୁଲବାଣୀରେ ମଦ୍ୟପଙ୍କ ଦୌରାତ୍ମ୍ୟ, ପୋଲିସ କାର୍ଯ୍ୟାନୁଷ୍ଠାନ ଦାବୀ



ଫୁଲବାଣୀ, ୨।୬ (ଆନିସ): ଫୁଲବାଣୀ ସହରରେ ଦିନକୁ ଦିନ ମଦ୍ୟପ ମାନଙ୍କ ଦୌରାତ୍ମ୍ୟ ବଢ଼ିବାରେ ଲାଗିଛି ଦିନ ରାତି ରାସ୍ତା କଡ଼ରେ ବସି ମଦ ପିଇ କାଚ ବୋତଲ ସବୁ ମୁଖ୍ୟ ରାସ୍ତା କଡ଼ରେ ପକାଇଥିବା ଦେଖିବକୁ ମିଳୁଛି ସେହିପରି ନିଶା ପାନ କରି ବାଇକ ଗୁଡ଼ିକ ଦୃତ ଗତିରେ ଅଧିକ ଶବ୍ଦ କରି ଯାଉଛନ୍ତି ବିଭିନ୍ନ ସମୟରେ ଦୁର୍ଘଟଣା ମଧ୍ୟ ଘଟାଉଛନ୍ତି ଟାଉନ ପୋଲିସ ପକ୍ଷରୁ ଆଖି ଦୃଶିଆ ଚେକିଂ ନାହିଁ କି କାର୍ଯ୍ୟାନୁଷ୍ଠାନ ନାହିଁ ଟାଉନ ଥାନା ପୋଲିସ ଶୋ ଇରହିଥିବ ନେଇ ଆଲୋଚନା ହେଉଛି ବିଶେଷ କରି ଯୁବକ ମାନେ ସହରରେ ଥିବା ବିଭିନ୍ନ ମଦ ଦୋକାନ ରୁ ମଦ କିଣି ପାନ କରି ରାସ୍ତା କଡରେ ବୋତଲ ଫୋଫାଡ଼ିବା ନେଇ ସହର ର ବୁଦ୍ଧି ଜୀବି, ଆଇନଜୀବୀ, ସମାଜ ସେବୀ, ସାମ୍ବାଦିକ ଓ ବରିଷ୍ଠ ନାଗରିକ ମାନେ ଅସନ୍ତୋଷ ପ୍ରକାଶ କରୁଛନ୍ତି! ଟାଉନ ପୋଲିସ ତତ୍ପରତା ପ୍ରକାଶ କରି ପେଟ୍ର ଲିଂ କୁ କଡାକଡି କରିବା ସହ ଗାଡି ମୋଟର ଚେକିଙ୍ଗ କରିବା ଆବଶ୍ୟକ ବୋଲି ପିପୁଲ୍ସ ଫୋରମର ସଭାପତି ରାଧା ମୋହନ ମହାପାତ୍ର, ଜିଲ୍ଲା ପ୍ରେସ କ୍ଲବ ର ସଭାପତି ସୁନୀଲ କୁମାର ପଟ୍ଟନାୟକ, ସମାଜ ସେବୀ ଅଶୋକ ପରିଡା, ଅଶୋକ କୁମାର ପ୍ରଧାନ, ଅଶୋକ କୁମାର ପଟ୍ଟନାୟକ, ଓ ବରିଷ୍ଠ ନାଗରିକ ନବ କିଶୋର ରଥ, ବଇଁଶୀଧର ପଣ୍ଡା ମତବ୍ୟକ୍ତ କରିଛନ୍ତି

## ମଙ୍ଗଳପୁର - ବଡକୁଆଁଳ ଆରଡି ରାସ୍ତା ଫାଟି ଦି ଫାଳ ଘଟଣା

# ତଦନ୍ତ କଲେ ବରିଷ୍ଠ ଅଧିକାରୀ, ପରୀକ୍ଷା ପାଇଁ ଗଲା ପିଚୁ- ଓ ମେଣ୍ଟାଲ ସାମ୍ପୁଲ

### କାର୍ଯ୍ୟାନୁଷ୍ଠାନ ଅପେକ୍ଷାରେ ଅଂଚଳବାସୀ

ଦଶରଥପୁର, ୨/୬ (ଆନିସ) : ନିର୍ମାଣ କାର୍ଯ୍ୟ ଶେଷ ହେବା ପୂର୍ବରୁ ମଙ୍ଗଳପୁର ବଡ଼କୁଆଁଳ ଆରଡ଼ି ରାସ୍ତା ଫାଟି ୨ ଫାଳ ହେବା ଘଟଣାର ଉଚ୍ଚ ସ୍ତରୀୟ ତଦନ୍ତ ହୋଇଛି । ଗତ ୨୩ ଏପ୍ରିଲ ରେ ଏହି ରାସ୍ତା ଫାଟିଯାଇଥିବାବେଳେ ଶନିବାର ଦିନ ରାଜ୍ୟ ସ୍ତରୀୟ ଅଧିକାରୀଙ୍କ ଦ୍ୱାରା ତଦନ୍ତ କରାଯାଇଛି। ଏହି ଘଟଣା ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ତଦନ୍ତ କରାଯାଇଥିବା ଜଣାପଡିଛି। ଆରଡ଼ି ବିଭାଗ ରାଜ୍ୟ ମାନ ପରୀକ୍ଷା ଅଧିକାରୀ, ସିସି ସତ୍ୟଜିତ ଦଳାଇ, ଅଧିକ୍ଷଣ ଯନ୍ତ୍ରୀ ଅବିନାଶ ବାରିକ, ସହକାରୀ ଯନ୍ତ୍ରୀ ଅଶୋକ ଜେନା ଙ୍କ ଉପସ୍ଥିତରେ ଏହି ରାସ୍ତା ତଦନ୍ତ କରାଯାଇଥିଲା। ଫାଟ ହୋଇଥିବା ସ୍ଥାନ ପାଲଟପୁର ପଞ୍ଚାୟତ ବିନ୍ଧାନନ୍ଦିପୁର ଠାରେ ପିଚୁ ଖୋଳାଯାଇ ପିଚୁର ପରିମାଣ, ଜୁରୀ ପରିମାଣ, ଡଷ୍ଟ ଏବଂ ମେଣ୍ଟାଲ ପରିମାଣ ଏକ ସ୍କୋୟାର ଫୁଟ ଖୋଲାଯାଇ ମାନ ପରୀକ୍ଷା ପାଇଁ ସଂଗ୍ରହ କରାଯାଇଥିଲା। ତଦନ୍ତରେ ସମୟରେ ଠିକାଦାର ଉପସ୍ଥିତ ନରହିବା ଏବଂ ନିମ୍ନମାନର ଏବଂ ପରିମାଣ ଠାରୁ କମ ସାମଗ୍ରୀ ବ୍ୟବହାର ହୋଇଥିବାରୁ ଅଧିକାରୀମାନେ ଅସନ୍ତୋଷ ପ୍ରକାଶ କରିଥିଲେ। ଏସ୍ଟିମେଟ ଅନୁସାରେ କାର୍ଯ୍ୟ କାରନଯାଇ ନିମ୍ନମାନର କାର୍ଯ୍ୟ ହୋଇଥିବା ନେଇ ଅଂଚଳବାସୀ ଅଭିଯୋଗ କରିଥିଲେ । ଏଣୁ ଏଥିନେଇ ଉପରିସ୍ଥ ଅଧିକାରୀଙ୍କୁ ଚିଠିମାଧ୍ୟମରେ ଅବଗତ କରାଯିବା ସହିତ କାର୍ଯ୍ୟାନୁଷ୍ଠାନ ପାଇଁ ଜଣାଯିବ ବୋଲି ଅଧିକ୍ଷଣ ଯନ୍ତ୍ରୀ ଅବିନାଶ ବାରିକ ସୂଚନା ଦେଇଛନ୍ତି। ସୂଚନା ଅନୁସାରେ ଦଶରଥପୁର ବ୍ଲକ ମଙ୍ଗଳପୁର – ବଡକୁଆଁଳ ଆରଡି ରାସ୍ତା କ୍ଷେତ୍ରରେ । ଏହି ରାସ୍ତାର ପାଲଟପୁର ପଞ୍ଚାୟତ ବିନ୍ଧାନନ୍ଦିପୁର ପ୍ରାଥମିକ ବିଦ୍ୟାଳୟ ନିକଟରେ ଗତ ୨୩ ମାର୍ଚ୍ଚ ଦିନ ପ୍ରାୟ ୫୦ ଫୁଟ ରାସ୍ତା ୧୫ ଫୁଟ ଚଉଡାରେ ୨ ଫାଳ ହୋଇଯାଇଥିବା ବେଳେ ଅନ୍ୟ କେତେକ ସ୍ଥାନରେ ମଧ୍ୟ ସେଭଳି ଅବସ୍ଥା ସୃଷ୍ଟି ହେବାର ଆଶଙ୍କା ସୃଷ୍ଟି ହୋଇଛି । ଏହି ଘଟଣା ଘଟିବା ପରେ ପୂର୍ବତନ ଜିଲ୍ଲାପରିଷଦ ସଭ୍ୟ ଭରତ ଚନ୍ଦ୍ର ପରିଡା ଏକ ଲିଖିତ ଅଭିଯୋଗ ଆରଡ଼ି ବିଭାଗ ମୁଖ୍ୟଯନ୍ତ୍ରୀ ଏବଂ ଏସଇ ଙ୍କୁ ତଦନ୍ତ କରାଯାଇ ସମ୍ପୃକ୍ତ ଠିକାଦାର ଏବଂ ଦାୟିତ୍ୱରେ ଅଧିକାରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଜଣାଇଥିଲେ। ଏହାବ୍ୟତୀତ ଅବଧିର ୩ ବର୍ଷ ବିତିଯାଇଥିଲେ ମଧ୍ୟ ମେଣ୍ଟେନାନ୍ସ ପାଇଁ ଥିବା ୪୧ ଲକ୍ଷ ଟଙ୍କାକୁ ମଧ ହଡପ କରିବାକୁ ମସୁଧା ହେଉଛି । ସୂଚନାଥାଉକି ମୁଖ୍ୟମନ୍ତ୍ରୀ ଗ୍ରାମ୍ୟ ସଡକ ଯୋଜନାରେ ମଂଗଳପୁର – ବଡକୁଆଁଳ ରାସ୍ତା ସଂପ୍ରସାରଣ ପାଇଁ ଆରଡି ବିଭଗ ପକ୍ଷରୁ ଗତ ୨୦୨୨ ମସିହାରେ ବ୍ୟୟ ମଂଜୁରୀ କରାଯାଇଥିଲା । କାର୍ଯ୍ୟ ପାଇଁ ମେସର୍ସ ସତ୍ୟସାଇ କନଷ୍ଟ୍ରକସନ କୁ ବିଭାଗ ପକ୍ଷରୁ ଦାୟୀତ୍ୱ ପ୍ରଦାନ କରାଯାଇଥିଲା । ୮ କିଲୋମିଟର ୫୫୦ ମିଟର ରାସ୍ତା ସଂପ୍ରାସାରଣ ପାଇଁ ୮ କୋଟି ୩୧ ଲକ୍ଷ ବ୍ୟୟ ବରାଦ କରାଯାଇଥିଲା । କାର୍ଯ୍ୟଟି ୨୬ ଅକ୍ଟୋବର ୨୦୨୨ ରୁ ଆରମ୍ଭ ହୋଇ ୨୫ ଅକ୍ଟୋବର ୨୦୨୩ ରେ ଶେଷ ହେବା କଥା । ମାତ୍ର ଅବଧିର ୩ ବର୍ଷ ପରେ ମଧ କାର୍ଯ୍ୟ ସମ୍ପୂର୍ଣ ହୋଇନାହିଁ । ଯଦିଓ ରାସ୍ତାଟି ପିଚୁ ଏବଂ ଢଳାଇ ୯୦ ପ୍ରତିଶତ ଶେଷ ହୋଇଛି ମାତ୍ର ୨ ପାଶ୍ୱରେ ୩ ଫୁଟ ଲେଖାଏଁ ମାଟି ମୋରମ ପଡିନାହିଁ । ୧୧ଟି ପୋଲ ମଧ୍ୟରୁ ୪ଟି ପୋଲ ନିର୍ମାଣ ହୋଇନାହିଁ । ଏଭଳି ସ୍ଥିତିରେ ଯଦି ରାସ୍ତା କାର୍ଯ୍ୟ ଜାରି ରହେ ତେବେ ଆଗାମୀ ବର୍ଷା ଋତୁ ପୂର୍ବରୁ ପୋଲ ଓ ରାସ୍ତାର କାର୍ଯ୍ୟ ଅସମ୍ପୂର୍ଣ ରହିବାର ଆଶଙ୍କା ରହିଛି ସେହିପରି ତେଣୁ ବିଭାଗୀୟ ଅଧିକାରୀ ଓ ତଦନ୍ତକାରୀ ଟିମ ଅଭିଯୋଗର ତଦନ୍ତ ପୂର୍ବକ କି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛନ୍ତି ତାହା ଦେଖିବାକୁ ବାକି ରହିଲା

## ଏମ୍. ରାମପୁର: ସିଆଳିନାଳି ଯୋଜନାବଦ୍ଧ ଆକ୍ରମଣ ଘଟଣାର ପର୍ଦ୍ଦାଫାସ

# ୩ ଅଭିଯୁକ୍ତ କୋର୍ଟ ଚାଲାଣ: ମୁଖ୍ୟ ଆସାମୀ ଫେରାର୍

ପଣ୍ଡକିଟାଲ, ୨।୬ (ଆନିସ): ଅନ୍ଧାରୀବାଞ୍ଜି ମୁଖ୍ୟ ରାସ୍ତା ସିଆଳିନାଳି ନିକଟରେ ଗତ ୦୯ ତାରିଖ ପ୍ରାୟ ୧୦ଟା ୪୫ରେ ହୋଇଥିବା ଏକ ଯୋଜନାବଦ୍ଧ ଆକ୍ରମଣର ପର୍ଦ୍ଦାଫାସ କରିବାରେ ରାମପୁର ପୁଲିସକୁ ବଡ଼ ସଫଳତା ମିଳିଛି ।ପୂର୍ବ ଶତୃତାକୁ ନେଇ ଏହି ଆକ୍ରମଣ ଘଟଣାର ୩ ଅଭିଯୁକ୍ତଙ୍କୁ ରାମପୁର ପୁଲିସ ଗିରଫ କରି ଗତ ୨୯ ତାରିଖ କୋର୍ଟ ଚାଲାଣ କରିଥିବା ବେଳେ ମାଷ୍ଟର ମାଇଣ୍ଡ୍ ନରେଶ ପ୍ରଧାନ ଫେରାର୍ ମାରିଛି।ସୂଚନାଯୋଗ୍ୟ ଏହି ଯେ ନରେଶ ପ୍ରଧାନ ସୁଲେଇ ଗ୍ରାମର ବାସିନ୍ଦା ହୋଇଥିବା ବେଳେ ଇତିପୂର୍ବରୁ (ଗତ ୨୦୨୨ରୁ ୨୦୨୫ ମଧ୍ୟରେ)) ତା ନାମରେ ୪ଟି ସମ୍ବେଦନଶୀଳ ଅପରାଧିକ ମାମଲା ରହିଥିବା ରାମପୁର ପୁଲିସ୍ ପକ୍ଷରୁ ସ୍ପଷ୍ଟ କରି ଦିଆଯାଇଛି।କୋର୍ଟ ଚାଲାଣ କରାଯାଇଥିବା ଆସାମୀ ମାନଙ୍କ ମଧ୍ୟରେ ଅନ୍ଧାରିବାଞ୍ଜି ଗ୍ରାମ ପଞ୍ଚାୟତ ସରପଞ୍ଚଙ୍କ ସ୍ୱାମୀ ରମେଶ ସାହୁ,ପଣ୍ଡରାପାଲିର ପୂର୍ଣ୍ଣ ପଣ୍ଡା ଏବଂ ସୁଲେଇ ଗ୍ରାମର ଆଶିଷ ପଧାନ ରହିଛନ୍ତି।ତେବେ ଏଥରକୁ ମିଶାଇ ଉକ୍ତ ଦୁର୍ବୃତ୍ତମାନେ ଅମିତ ପାତ୍ର ଏବଂ ତାଙ୍କ ଭାଇଙ୍କୁ ଜୀବନରେ ମାରିଦେବାକୁ ୩ଥର ଆକ୍ରମଣ କରିଥିବା ସତ୍ୱେ ସୌଭାଗ୍ୟ ବଶତଃ ସେମାନେ ମୃତ୍ୟୁମୁଖରୁ ବର୍ତ୍ତି ଯାଇଛନ୍ତି।

ତେବେ ଏହା ଉପରେ ଜର୍ନୈକ ଖବରକାଗଜ ପ୍ରତିନିଧି ଉଦ୍ଦେଶ୍ୟମୂଳକ ସମ୍ବାଦ ପ୍ରକାଶିତ କରିବା ସହ କୋର୍ଟ ଚାଲାଣ କରାଯାଇଥିବା ଅଭିଯୁକ୍ତଙ୍କ ମଧ୍ୟରେ ଡୁଙ୍ଗୁରିପାଲି ସାମ୍ବାଦିକ ସଂଘର ଜଣେ ସାମ୍ବାଦିକ ରହିଥିବା ଉଲ୍ଲେଖ କରିବା ପ୍ରସଙ୍ଗ ଉପରେ ଡୁଙ୍ଗୁରିପାଲି ବ୍ଲକ୍ ସାମ୍ବାଦିକ ସଂଘ ପକ୍ଷରୁ ଏହାର କଟୁ ସମାଲୋଚନା କରାଯିବା ସହ ଉକ୍ତ ଘଟଣାର ଦୁର୍ବୃତ୍ତମାନଙ୍କ ମଧ୍ୟରେ ଡୁଙ୍ଗୁରିପାଲି ବ୍ଲକ୍ ସାମ୍ବାଦିକ ସଂଘର କୌଣସି ସାମ୍ବାଦିକ ନ ଥିବା ସ୍ପଷ୍ଟ କରି ଦିଆଯାଇଛି ।

# ଆଦିବାସୀଙ୍କ ରାଷ୍ଟ୍ରୀୟ ନେତା ପୂର୍ବତନ ସାଂସଦ ସାଲଖାନ ମୁର୍ମୁଙ୍କ ଜନ୍ମ ଜୟନ୍ତୀ ପାଳିତ



ସାରସକଣା, ୨।୬ (ଆନିସ) : ମୟୁରଭଞ୍ଜ ଜିଲ୍ଲା ସାରସକଣା ବ୍ଲକ ଆଦିବାସୀ ସେଙ୍ଗେଲ ଅଭିଯାନ କମିଟିର ମୁଖ୍ୟ ଶ୍ରୀ ଅନନ୍ତ ଚରଣ ମାର୍ଣ୍ଡି ଏବଂ ଶ୍ରୀ ବାହାଦୁର ସୋରେନଙ୍କ ନେତୃତ୍ୱରେ ମୁରୁଣିଆ ଗ୍ରାମ ପଞ୍ଚାୟତ ବାଲେଡିହି ଗ୍ରାମରେ ସେଙ୍ଗେଲର କାର୍ଯ୍ୟକର୍ତ୍ତାମାନେ ୨ ଜୁନ ମଙ୍ଗଳବାରକୁ ସେଙ୍ଗେଲର ରାଷ୍ଟ୍ରୀୟ ସଭାପତି ସାନ୍ତାଳୀ ଭାଷା ବିଜେତା ତଥା ପୂର୍ବତନ ସାଂସଦ ଶ୍ରୀ ସାଲଖାନ ମୁର୍ମୁଙ୍କର ୭୪ତମ ଜନ୍ମ ଜୟନ୍ତୀ ପାଳନ କରିଛନ୍ତି ।

ଏହି ଅବସରରେ ସେଙ୍ଗେଲର ଓଡ଼ିଶା ପ୍ରଦେଶ ପାର୍ଗାନା ସହ ବାରିପଦା ଜୋନାଲ ସଭାପତି ଶ୍ରୀ ନାରାନ ମୁର୍ମୁ ଉପସ୍ଥିତ ଥାଇ କହିଛନ୍ତି ଯେ ଆଦିବାସୀ ସମାଜରେ ସାଲଖାନ ମୁର୍ମୁ ଏକ ମହାନ ସାହସୀ ଉଚ୍ଚଶିକ୍ଷିତ ମହାପୁରୁଷ ଏବଂ ବୀରପୁରୁଷ ଅଟନ୍ତି । ସମ୍ପୂର୍ଣ୍ଣ ସମ୍ବିଧାନର ଜ୍ଞାତା ଅଟନ୍ତି । ସେ ଆଦିବାସୀ ମାନଙ୍କର ଉନ୍ନତି ଏବଂ ବିକାଶ ପାଇଁ ସାରା ଜୀବନ ସଂଘର୍ଷ ଓ ସଂଗ୍ରାମ କରିଛନ୍ତି ଏବଂ ନିଜର କେରିୟରକୁ ବଳିଦାନ ଦେଇ ଆଦିବାସୀ ଏଜେଣ୍ଡା ଓ ସମାଜ ପାଇଁ ଏବେବି ସମର୍ପିତ କାର୍ଯ୍ୟରତ ଅଛନ୍ତି । ଆଦିବାସୀ ସମାଜକୁ ସ୍ଥାପିତ କରିବା ୧୯୮୦ ରୁ ଆଦିବାସୀମାନଙ୍କର ହାସା (ଜଲ, ଜଙ୍ଗଲ, ଜମିନ), ଭାଷା (ସାନ୍ତାଳୀ, ହୋ, ମୁଣ୍ଡାରୀ, କୁଡୁଖ, ଖଡ଼ିଆ), ଜାତି, ଧର୍ମ, ମାନ ସମ୍ମାନ, ଇଜ୍ଜତ, ଆବାଦୀ ରୋଜଗାର, ଚାଷବାସ ଆଦିକୁ ବଞ୍ଚାଇବା ସହିତ ସମୃଦ୍ଧ କରିବା ପାଇଁ କାର୍ଯ୍ୟରତ ଏବଂ ସାନ୍ତାଳୀ ଭାଷାର ମାନ୍ୟତା, ସିଦୋ ମୁର୍ମୁ, କାହ୍ନୁ ମୁର୍ମୁଙ୍କ ନାମରେ ଡାକଟିକଟ, ରୁପସାରୁ ବାଙ୍ଗିରିପୋଷି ରେଳପଥକୁ ପ୍ରଶସ୍ତ କରିବା, ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ ସ୍ଥାପନା କରିବା ସହ ପେସା ଆଇନକୁ ଦୁଇଥର ବଞ୍ଚାଇବା ଆଦିରେ ସଫଳ ହୋଇଛନ୍ତି । ତତସହିତ ଆଦିବାସୀ ସମାଜକୁ ସୁସ୍ଥ ସମାଜ ଗଠନ କରିବା ପାଇଁ ସମାଜର ପରମ୍ପରା ନାମରେ ହାଣ୍ଡିଆ ଭଳି ନିଶାଦ୍ରବ୍ୟକୁ ହଟାଇବା, ଡାହାଣୀ ନାମରେ ହତ୍ୟା, ଅନ୍ଧବିଶ୍ୱାସ, କୁପ୍ରଥା, ମନଇଚ୍ଛା ଜରିମାନା, ସାମାଜିକ ବହିଷ୍କାର, ଈର୍ଷା-ଦ୍ୱେଷ, ମାଝୀ ପାର୍ଗାନା ବ୍ୟବସ୍ଥାରେ ଜନତାନ୍ତ୍ରୀକ ସୁଧାର ଆଦି ରାଜାରାମ ମୋହନ ରାୟ ଭଳି କାର୍ଯ୍ୟ କରୁଛନ୍ତି । ତେଣୁ ଉକ୍ତ ଜୟନ୍ତୀ ପାଳନ ଅବସରରେ ସେଙ୍ଗେଲର ସମସ୍ତ କାର୍ଯ୍ୟକର୍ତ୍ତାମାନେ ତାଙ୍କର ନେତୃତ୍ୱରେ ସାର୍ନା ଧର୍ମ କୋଡ, ସାନ୍ତାଳୀ ରାଜଭାଷା, ମାରାଂବୁରୁ, ଜାହେର ଆୟ, ମଳେକ ତୁରୁୟକ ଆଦି ଦେବଦେବୀଙ୍କର ସୁରକ୍ଷା ଏବଂ ସ୍ଥାପିତ କରିବା ପାଇଁ ଲଢ଼େଇ ଲଢ଼ିବେ ବୋଲି ଶପଥ ଗ୍ରହଣ କରିଛନ୍ତି ।

ସଭାପତି ଶ୍ରୀ କିସୁନ ଟୁଡୁ, ପାର୍ଗାନା ସୁପାଇ ସୋରେନ, ହିକିମ ଟୁଡୁ, ପିଥ ହାଁସଦାଃ, ବୁଧରାୟ ହେମ୍ବ୍ରମ, କୁଶ ଟୁଡୁ, ବଗାୟ ହେମ୍ବ୍ରମ, ଫୁଲମଣି ସୋରେନ, ଲିଲିମଣି ଟୁଡୁ, ଛିତା ଟୁଡୁ ସମେତ ୮୭ ଜଣ ସଦସ୍ୟ ସଦସ୍ୟା ଉପସ୍ଥିତ ଥିଲେ ।

# ଗ୍ରୀନ୍ ମେମୋରୀ କ୍ୟାମ୍ପେନ୍ ମାଧ୍ୟମରେ ପକ୍ଷୀ ସଂରକ୍ଷଣର ଅଭିନବ ପ୍ରୟାସ

ସୁନ୍ଦରଗଡ :୦୨/୦୬(ଆନିସ): ଗ୍ରୀଷ୍ମ ଋତୁର ପ୍ରଚଣ୍ଡ ଉତ୍ତାପ ଓ ଜଳସଙ୍କଟ ମଧ୍ୟରେ ମଣିଷଙ୍କ ସହିତ ପକ୍ଷୀ ଓ ବନ୍ୟଜୀବମାନେ ମଧ୍ୟ ଅନେକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଜଙ୍ଗଲ ଓ ପ୍ରାକୃତିକ ଜଳାଶୟଗୁଡ଼ିକ ଶୁଖିଯିବା ଫଳରେ ଅସଂଖ୍ୟ ପକ୍ଷୀ ପାଣି ପାଇଁ ଏପଟ ସେପଟ ଭ୍ରମଣ କରୁଛନ୍ତି। ଏପରି ପରିସ୍ଥିତିରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ "ସେବକ" ପକ୍ଷରୁ ଚାଲିଥିବା "ଗ୍ରୀନ୍ ମେମୋରୀ କ୍ୟାମ୍ପେନ୍" ପକ୍ଷୀ ସଂରକ୍ଷଣ କ୍ଷେତ୍ରରେ ଏକ ପ୍ରଶଂସନୀୟ ଓ ମାନବିକ ପଦକ୍ଷେପ ଭାବେ ସାମ୍ନାକୁ ଆସିଛି।

ଅନୁଷ୍ଠାନର କର୍ମଚାରୀ, ସ୍ୱେଚ୍ଛାସେବୀ, କ୍ୟାଡର, ଗ୍ରାମ୍ୟ ସ୍ତରୀୟ ସଂଗଠନ ଏବଂ ଗୋଷ୍ଠୀର ସକ୍ରିୟ ସହଯୋଗରେ ସୁନ୍ଦରଗଡ଼ ଜିଲ୍ଲା ସମେତ ଝାରସୁଗୁଡ଼ା, କେନ୍ଦୁଝର, ଦେବଗଡ଼, ସମ୍ବଲପୁର, ସୋନପୁର ଓ ବୌଦ୍ଧ ଜିଲ୍ଲାର ବିଭିନ୍ନ ସ୍ଥାନରେ ଏ ପର୍ଯ୍ୟନ୍ତ ମୋଟ ୧୪୫୬ଟି ଜଳପାତ୍ର ସ୍ଥାପନ କରାଯାଇଛି। ଗାଁ, ବିଦ୍ୟାଳୟ, ଅନୁଷ୍ଠାନ, ସାର୍ବଜନିକ ସ୍ଥାନ, ବୃକ୍ଷ ଆଚ୍ଛାଦିତ ଅଞ୍ଚଳ ଓ ପକ୍ଷୀଙ୍କ ଆଗମନ ଅଧିକ ଥିବା ସ୍ଥାନ ଗୁଡ଼ିକରେ ଏହି ଜଳପାତ୍ରଗୁଡ଼ିକ ରଖାଯାଇଛି।ଏହି ଅଭିଯାନ କେବଳ ପକ୍ଷୀମାନଙ୍କୁ ପାଣି ଯୋଗାଇବାରେ ସୀମିତ ନୁହେଁ, ବରଂ ପରିବେଶ ସଂରକ୍ଷଣ, ଜୈବବିବିଧତାର ସୁରକ୍ଷା ଓ ବନ୍ୟଜୀବଙ୍କ ପ୍ରତିମାନବୀୟ



ସମ୍ବେଦନଶୀଳତା ସୃଷ୍ଟି କରିବା ଏହାର ପ୍ରମୁଖ ଉଦ୍ଦେଶ୍ୟ। ଅଭିଯାନ ମାଧ୍ୟମରେ ହଜାର ହଜାର ଲୋକଙ୍କ ମଧ୍ୟରେ ଏହି ସଚେତନତା ସୃଷ୍ଟି ହୋଇଛି ଯେ, ଘର ବାହାରେ ଏକ ଛୋଟ ଜଳପାତ୍ର ରଖିବା ମଧ୍ୟ ଅନେକ ନିରୀହ ପକ୍ଷୀଙ୍କ ଜୀବନ ବଞ୍ଚାଇପାରେ। ଗ୍ରୀଷ୍ମ ଋତୁରେ ଯେତେବେଳେ ତାପମାତ୍ରା ୪୦ ଡିଗ୍ରୀ ସେଲସିୟସ୍‌ରୁ ଅଧିକ ରହୁଛି, ସେତେବେଳେ ଜଳର ଅଭାବ ପକ୍ଷୀମାନଙ୍କ ପାଇଁ ବଡ଼ ବିପଦ ସୃଷ୍ଟି କରେ। ଅନେକ ସମୟରେ ପାଣି ଅଭାବରୁ ପକ୍ଷୀମାନଙ୍କ ମୃତ୍ୟୁ ମଧ୍ୟ ଘଟୁଥିବା ଦେଖାଯାଏ। ଏଭଳି ସମୟରେ "ଗ୍ରୀନ୍ ମେମୋରୀ କ୍ୟାମ୍ପେନ୍"ର ଏହି ଅଭିନବ ପ୍ରୟାସ ପକ୍ଷୀମାନଙ୍କ ପାଇଁ ଜୀବନଦାୟୀ ସାବ୍ୟସ୍ତ ହୋଇଛି।

ଅଭିଯାନର ଆଉ ଏକ ବିଶେଷତା ହେଉଛି ଗୋଷ୍ଠୀ ସମୁଦାୟର ସକ୍ରିୟ ଅଂଶଗ୍ରହଣ। ବହୁ ସ୍ଥାନରେ ସ୍ଥାନୀୟ ଯୁବକ, ମହିଳା ସ୍ୱୟଂସହାୟକ ଗୋଷ୍ଠୀ, ଛାତ୍ରଛାତ୍ରୀ ଓ ପରିବେଶପ୍ରେମୀମାନେ ସ୍ୱତଃପ୍ରବୃତ୍ତ ଭାବେ ଜଳପାତ୍ରରେ ନିୟମିତ ପାଣି ଭରିବା ଓ ଏହାର ରକ୍ଷଣାବେକ୍ଷଣ ଦାୟିତ୍ୱ ନେଇଛନ୍ତି। ଫଳସ୍ୱରୂପ ଏହି ଅଭିଜାନ ଏକ ସାମାଜିକ ଆନ୍ଦୋଳନର ରୂପ ନେଉଛି। ବିଶିଷ୍ଟ ପରିବେଶବିତ ତଥା ସେବକର କାର୍ଯ୍ୟକ୍ରମ ନିର୍ଦ୍ଦେଶକ ଦିଗାମ୍ବର ଉପାଧ୍ୟାୟ କହିଛନ୍ତି "ପରିବେଶ ଓ ବନ୍ୟଜୀବ ସଂରକ୍ଷଣ କେବଳ ସରକାରଙ୍କ ଦାୟିତ୍ୱ ନୁହେଁ, ବରଂ ପ୍ରତ୍ୟେକ ନାଗରିକଙ୍କ ସାମାଜିକ କର୍ତ୍ତବ୍ୟ। ଏକ ଗଛ ଲଗାଇବା, ଏକ ଜଳପାତ୍ର ରଖିବା କିମ୍ବା ପକ୍ଷୀଙ୍କ ପାଇଁ ଖାଦ୍ୟ ଓ ପାଣିର ବ୍ୟବସ୍ଥା କରିବା ଭଳି ଛୋଟ ଛୋଟ ପଦକ୍ଷେପ ପରିବେଶ ସୁରକ୍ଷା ଦିଗରେ ବଡ଼ ପରିବର୍ତ୍ତନ ଆଣିପାରିବ। ଆଗାମୀ ଦିନରେ ଏହି ପ୍ରୟାସକୁ ଆହୁରି ବ୍ୟାପକ କରାଯିବା ସହିତ ପ୍ରତ୍ୟେକ ପରିବାର ସ୍ତରରେ ପଶୁ ପକ୍ଷୀଙ୍କ ପାଇଁ ଅନ୍ତତଃ ଗୋଟିଏ ଲେଖାଏଁ ଜଳପାତ୍ର ବ୍ୟବସ୍ଥା କରିବାକୁ ଆହ୍ୱାନ ଦେଇଛନ୍ତି ।"

# ଆଜିଠୁ ସଂପୂର୍ଣ କାର୍ଯ୍ୟକ୍ଷମ ହେଲା ରାୟଗଡା ଡିଭିଜନ



ରାୟଗଡା,୨।୬(ଆନିସ): ଆଜି ମଧ୍ୟ ରାତ୍ରୀରୁ ରାୟଗଡା ଡିଭିଜନ ଅଧିନରେ ଚଳାଚଳ କରୁଥିବା ଟ୍ରେନର ଗତିବିଧି ଅନ୍ୟାନ୍ୟ ସୁବିଧା ପାଇଁ କଣ୍ଟ୍ରୋଲ ପ୍ୟାନଲ ଉଦଘାଟିତ ହେବା ସହ ନୂତନ ଡିଭିଜନ ସମ୍ପୂର୍ଣ୍ଣ କାର୍ଯ୍ୟକାରୀ ହୋଇଛି । ରାୟଗଡା ଡିଆରଏମ ଏବଂ ଅନ୍ୟାନ୍ୟ ଅଧିକାରୀଙ୍କ ଉପସ୍ଥିତିରେ ଏହି ଡିଭିଜନର ସମସ୍ତ ରୁଟର କଣ୍ଟ୍ରୋଲ ପ୍ୟାନଲ କାର୍ଯ୍ୟକାରୀ ହୋଇଥିଲା । ଆଜି ଆନୁଷ୍ଠାନିକ ଭାବେ ଏହି ଡିଭିଜନ ସଂପୂର୍ଣ କାର୍ଯ୍ୟକ୍ଷମ ହେବାନେଇ ଡିଆରଏମ କାର୍ଯ୍ୟାଳୟରେ ଡିଆରଏମ ଅମିତାଭ ସିଂଘଲଙ୍କ ଦ୍ବାରା ବିଧିବଧ ପୂଜାର୍ଚ୍ଚନା ହୋଇଥିଲା । ଏଠାରେ ସୂଚନାଯୋଗ୍ୟଯେ ନୂତନ ରେଳ ଡିଭିଜନ ଅଧିନରେ କୋରାପୁଟ-ସିଙ୍ଗାପୁର ରୋଡ ଷ୍ଟ୍ରେଚର ୧୬୪ କିଲୋମିଟର, ଥେରୁବାଲି-କୁନେରୁ ଷ୍ଟ୍ରେଚର ୩୬ କିଲୋମିଟର, ୪୪୨ କିମି କୋତାଭାଲାସା-କିରାଣ୍ଡୁଲ (କେ.କେ) ଲାଇନ ଏବଂ ୫୩.୫ କିଲୋମିଟର ପାରଳାଖେମୁଣ୍ଡି-ଗୁଣପୁର ରେଳଲାଇନ ସହ ସର୍ବମୋଟ ୬୭୫ କିଲୋମିଟର ରେଳ ନେଟୱର୍କ ରହିବ । ମଣ୍ଡଳ ଅଧୀନରେ ଆଗାମି ଦିନରେ କେତେକ ପ୍ରମୁଖ ଚାଲୁଥିବା ଏବଂ ପ୍ରସ୍ତାବିତ ପ୍ରକଳ୍ପ ମଧ୍ୟରେ ଜୟପୁର-ମାଲକାନଗିରି ନୂଆ ଲାଇନ ପ୍ରକଳ୍ପ (୧୩୦ କିମି), ଜୟପୁର-ନବରଙ୍ଗପୁର ନୂଆ ଲାଇନ ପ୍ରକଳ୍ପ (୩୮କିମି), ଜୁନାଗଡ଼-ନବରଙ୍ଗପୁର ନୂଆ ଲାଇନ ପ୍ରକଳ୍ପ (୧୧୬.୨୧ କିମି),ମାଲକାନଗିରି-ପାଣ୍ଡୁରଙ୍ଗାପୁରମ୍ ଭାୟା ଭଦ୍ରାଚଲମ୍ ନୂଆ ଲାଇନ ପ୍ରକଳ୍ପ (୧୭୩.୬୧ କିମି),ଗୁଣୁପୁର-ଥେରୁବାଲି ନୂଆ ଲାଇନ ପ୍ରକଳ୍ପ (୭୩.୬୨ କିମି) ମଧ୍ୟ ରହିଛି ଏବଂ ଏହି ପ୍ରକଳ୍ପ ଗୁଡିକ ପ୍ରଧାନମନ୍ତ୍ରୀ ଏବଂ ରେଳ ମନ୍ତ୍ରୀ ଅଗାଧିକାର ଭତ୍ତିରେ ସଂପୂର୍ଣ କରିବାକୁ କହିଥିବା ଡି.ଆର.ଏମ ଅଭିତାଭ ସିଂଘଲ ପ୍ରକାଶ କରିଛନ୍ତି । ଏହା ସହ କୋତାଭାଲାସା-କୋରାପୁଟ ଦୋହରୀକରଣ ପ୍ରକଳ୍ପ (୧୮୯.୨୭୮ କିମି), କୋରାପୁଟ-ସିଙ୍ଗାପୁର ରୋଡ୍ କ୍ଷମତା ବୃଦ୍ଧି ପ୍ରକଳ୍ପ, କିରଣ୍ଡୁଲ-ଜଗଦଲପୁର ଏବଂ ଜଗଦଲପୁର-କୋରାପୁଟ ଭିତ୍ତିଭୂମି ସୁଦୃଢ଼ୀକରଣ କାର୍ଯ୍ୟ, ଟ୍ରାଫିକ୍ ବାଇପାସ୍ ପାଇଁ ସିଙ୍ଗାପୁର ରୋଡ୍ ଠାରେ ଫ୍ଲାଇଓଭର ପ୍ରକଳ୍ପ, ଗୁଣୁପୁର-ପାରଳାଖେମୁଣ୍ଡି ସେକ୍ସନର ସୀତାପୁରମ୍, ବଂଶଧାରା ଏବଂ କାଶୀନଗର ଅଞ୍ଚଳରେ କ୍ରସିଂ ଷ୍ଟେସନର ବିକାଶ ଏବଂ ସିମିଳିଗୁଡ଼ା-କାରାକାଭାଲାସା ସେକ୍ସନରେ ୟାର୍ଡ ଆଧୁନିକୀକରଣ ଭଳି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟଗୁଡ଼ିକ ଅଗ୍ରାଧିକାର ଭିତ୍ତିରେ ସଂପୂର୍ଣ କରାଯିବ ବୋଲି ଡିଆରଏମ ଶ୍ରୀ ସିଂଘଲ ସୂଚନା ଦେଇଛନ୍ତି ।

# ଜୟପୁର ଓଏସଆରଟିସି ବସ ଷ୍ଟାଣ୍ଡର ଅବ୍ୟବସ୍ଥାକୁ ନେଇ ଅଧିକାରୀଙ୍କ ଦ୍ୱାରସ୍ଥ ପୂର୍ବତନ ମନ୍ତ୍ରୀ - ନନ୍ଦ



ଜୟପୁର,୨।୬ (ଆନିସ): କୋରାପୁଟ ଜିଲ୍ଲା ଜୟପୁର ଓଏସଆରଟିସି ବସ ଷ୍ଟାଣ୍ଡରେ ଦେଖାଦେଇଥିବା ବିଭିନ୍ନ ଅବ୍ୟବସ୍ଥାକୁ ନେଇ ପୂର୍ବତନ ମନ୍ତ୍ରୀ ତଥା ବିଜେଡିର ବରିଷ୍ଠ ନେତା ରବି ନାରାୟଣ ନନ୍ଦ ଓଡିଶା ରାଜ୍ୟ ସଡକ ପରିବହନ ନିଗମର ଜିଲ୍ଲା ପରିଚାଳକ ଅରୋଶ୍ରୀଙ୍କୁ ସାକ୍ଷାତ କରି ଆଲୋଚନା କରିଛନ୍ତି।

ବସ ଷ୍ଟାଣ୍ଡରେ ବିଭିନ୍ନ ସମସ୍ୟା ଯୋଗୁଁ ଯାତ୍ରୀମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ନେଇ ସେ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ବସ ଷ୍ଟାଣ୍ଡରେ ଏଟିଏମ୍ ସୁବିଧା ନଥିବା ବେଳେ ଡର୍ମିଟୋରି ବ୍ୟବସ୍ଥା ରହିଥିଲେ ମଧ୍ୟ ତାହା କାର୍ଯ୍ୟକ୍ଷମ ହେଉନଥିବା କୁହାଯାଇଛି। ସେହିପରି ଜୟପୁର ସହରରେ ସିଟି ବସ ଚଳାଚଳ ସହିତ ବିମାନ ବନ୍ଦର ଓ ରେଳ ଷ୍ଟେସନକୁ ସଂଯୋଗ କରି ବସ ସେବା ଆରମ୍ଭ କରିବାକୁ ଦାବି ହୋଇଛି। ଏହାସହ ଜୟପୁରରୁ ରାଇପୁର, ତିରୁପତି ଓ ବାଙ୍ଗାଲୋର ଭଳି ସହରକୁ ସିଧାସଳଖ ବସ ସେବା ଯୋଗାଇଦେବା ପାଇଁ ମଧ୍ୟ ପ୍ରସ୍ତାବ ରଖାଯାଇଥିଲା। ଯାତ୍ରୀମାନଙ୍କ ସୁବିଧା ଓ ଦୂରଦୂରାନ୍ତର ସଂଯୋଗ ବୃଦ୍ଧି ପାଇଁ ଶୀଘ୍ର ପଦକ୍ଷେପ ନିଆଯିବାକୁ ଦାବି କରାଯାଇଛି। ପୂର୍ବତନ ମନ୍ତ୍ରୀ ତଥା ବିଜେଡି ର ବରିଷ୍ଠ ନେତା ରବି ନାରାୟଣ ନନ୍ଦ ଓଡିଶା ରାଜ୍ୟ ସଡକ ପରିବହନ ନିଗମର ଜିଲ୍ଲା ପରିଚାଳକ ଙ୍କ କାର୍ଯ୍ୟାଳୟ ଯାଇ ଦାବି ପତ୍ର ପ୍ରଦାନ କୁ ନେଇ ଏବେ ଜୟପୁର ରାଜନୀତି ସରଗରମ ଜୋର ଧରିଛି। ଦିନେ ଯେ ଜୟପୁର କୁ ଥର ହର କରୁଥିଲେ ସେ ଆଜି ଅଧିକାରୀ ଙ୍କ ପାଖରେ ଅଧିଆ ପଡୁଛନ୍ତି ବୋଲି ଏବେ ଚର୍ଚ୍ଚା ଜୋର ଧରିଛି ।ଏହି କାର୍ଯ୍ୟକ୍ରମ ରେ କୋରାପୁଟ ଜିଲ୍ଲା ବିଜେଡି କାର୍ଯ୍ୟକାରୀ ସଭାପତି ଦୁର୍ଗା ପ୍ରସାଦ ମିଶ୍ର,ମହେନ୍ଦ୍ର ଅଧିକାରୀ,ବୀରେନ୍ଦ୍ର ସାଗର,ରବି ଚୌଧୁରୀ,ତାପସ ପଣ୍ଡା,ମୋନଜ ତ୍ରିପାଠୀ ଉପସ୍ଥିତ ଥିଲେ ।

# ଜଳ ଯୋଗାଣ ବିଭାଗର ଚରମ ଅବହେଳା,ଦୂଷିତ ପାଣି ପିଇବାକୁ ବାଧ୍ୟ ସହରବାସୀ

ଜୟପୁର,୨।୬ (ଆନିସ): ଜଳ ଯୋଗାଣ ବିଭାଗର ଚରମ ଅବହେଳା ଯୋଗୁଁ କୋରାପୁଟ ସହରବାସୀ ଦୂଷିତ ପାଣି ପିଇବାକୁ ବାଧ୍ୟ ହେଉଥିବା ଅଭିଯୋଗ ହୋଇଛି। କୋରାପୁଟ ସ୍ଥିତ ଗଜପତି ମହାରାଜ ପ୍ରତିମୂର୍ତ୍ତି ନିକଟରେ ଥିବା ଡ୍ରେନ ମଧ୍ୟ ଦେଇ ଜଳ ଯୋଗାଣ ପାଇପ ଲାଇନ ଯାଇଥିବା ବେଳେ ସେହି ପାଇପ ଫାଟିଯାଇଛି। ଫଳରେ ଡ୍ରେନର ଦୂଷିତ ପାଣି ପାଇପ ମଧ୍ୟରେ ମିଶି ଘରେ ଘରେ ପହଞ୍ଚୁଥିବା ନେଇ ସ୍ଥାନୀୟ ଲୋକମାନେ ଅଭିଯୋଗ କରିଛନ୍ତି। ଏହା ଦ୍ୱାରା ସହରବାସୀଙ୍କ ସ୍ୱାସ୍ଥ୍ୟ ପ୍ରତି ଗୁରୁତର ବିପଦ ସୃଷ୍ଟି ହେଉଥିବା କୁହାଯାଇଛି। ସହର ର ବିଭିନ୍ନ ସ୍ଥାନରେ ସମାନ ଅବସ୍ଥା ଦେଖିବା ପାଇଁ ମିଳିଛି। ସ୍ଥାନୀୟ ଲୋକମାନେ ଏହି ସମସ୍ୟା ସମ୍ପର୍କରେ ବାରମ୍ବାର ଜଳ ଯୋଗାଣ ବିଭାଗକୁ ଅବଗତ କରାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ କୌଣସି ସ୍ଥାୟୀ ସମାଧାନ କରାଯାଇନଥିବା ଅଭିଯୋଗ ହୋଇଛି। ତୁରନ୍ତ ଫାଟିଥିବା ପାଇପ ମରାମତି ସହ ସୁଦ୍ଧ ପାନୀୟ ଜଳ ଯୋଗାଣ କରିବାକୁ ସହରବାସୀ ଦାବି କରିଛନ୍ତି।

# ପାରଳା ଉପ - କାରଗାରର ୨ ଜଣ କାରାରକ୍ଷୀଙ୍କୁ ସ୍ମୃତି ସୌରଭ ସମ୍ବର୍ଦ୍ଧନା



ପାରଳାଖେମୁଣ୍ଡି,୨।୬ (ଆନିସ): ପାରଳାଖେମୁଣ୍ଡି ଉପ କାରାଗାର ଠାରେ ଦୁଇ ମୁଖ୍ୟ କାରାରକ୍ଷୀ ମଙ୍ଗୁଲୁ ସେଠୀ, ପ୍ରତାପ ଚନ୍ଦ୍ର ଦାସଙ୍କୁ ଅବସର କାଳୀନ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଉପ କାରାଗାର ଅଧୀକ୍ଷକ କାମାକ୍ଷୀ ପ୍ରସାଦ ପତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ମହୋତ୍ସବରେ ପ୍ରାକ୍ତନ ଉପ କାରାଗାର ଅଧୀକ୍ଷକ ହନୁ ସେଠୀ ମୁଖ୍ୟ ଅତିଥି ,ମୁଖ୍ୟ ବକ୍ତା ଭାବେ ପ୍ରାକ୍ତନ ଓଡ଼ିଶା ସାହିତ୍ୟ ଏକାଡ଼େମୀ ଗଜପତି ସଦସ୍ୟ ବିଚିତ୍ରାନନ୍ଦ ବେବର୍ତ୍ତା , ସମ୍ମାନିତ ଅତିଥି ଭାବେ ପ୍ରଗତି ମହିଳା ସଙ୍ଗଠନ ପାରଳାଖେମୁଣ୍ଡିର ସମ୍ପାଦିକା ତନୁଜା ଶତପଥୀ, ଯୋଗଦାନ କରିଥିଲେ। ସହକାରୀ କାରାପାଳ ଭାଗିରଥୀ ପଣ୍ଡା ସ୍ୱାଗତ ସମ୍ଭାଷଣ ଓ ପରିଚୟ ପ୍ରଦାନ କରିଥିବା ବେଳେ ମହିଳା କାରାରକ୍ଷୀ ଜଲି ଦାଶ ସମ୍ବର୍ଦ୍ଧନ ପରିଚାଳନା ଏବଂ ଧନ୍ୟବାଦ ଅର୍ପଣ କରିଥିଲେ। ଉଭୟ ସଂବର୍ଦ୍ଧିତ ବ୍ୟକ୍ତିଙ୍କୁ ସ୍ମୃତି ସୌରଭ ସଭାରେ ସୁସ୍ଥ ,ଶାନ୍ତିମୟ ଓ ଦିର୍ଘ ଜୀବନ କାମନା କରିଥିଲେ। ମୁରଲୀ ସେଠୀ, ଶ୍ରୀକାନ୍ତ ପଣ୍ଡା ଓ କାରାଗାର ର ସମସ୍ତ କର୍ମଚାରୀ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ରାଜ୍ୟପାଳ ପୁରସ୍କାରପ୍ରାପ୍ତ ସୁଶିକ୍ଷକ ପ୍ରପନ୍ନ ତ୍ରିପାଠୀଙ୍କ ପରଲୋକ

ରାମନାଗୁଡା,୨।୬ (ଆନିସ): ରାୟଗଡ଼ା ଜିଲ୍ଲା ରାମନାଗୁଡା ବ୍ଲକ୍? ଲିମାପଦର ଗ୍ରାମର ଅବସରପ୍ରାପ୍ତ ଶିକ୍ଷକ ତଥା ରାଜ୍ୟପାଳ ପୁରସ୍କାରପ୍ରାପ୍ତ ବ୍ୟକ୍ତିତ୍ୱ ପ୍ରପନ୍ନ ତ୍ରିପାଠୀଙ୍କର ଦେହାନ୍ତ ହୋଇଯାଇଛି। ମୃତ୍ୟୁ ଶଯ୍ୟା ନିକଟରେ ତାଙ୍କ ପରିବାରବର୍ଗ ଓ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ। ତାଙ୍କ ବିୟୋଗରେ ସମଗ୍ର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

ଶ୍ରୀଯୁକ୍ତ ତ୍ରିପାଠୀ କେବଳ ଜଣେ ଦକ୍ଷ ଏବଂ ଆଦର୍ଶ ଶିକ୍ଷକ ନଥିଲେ, ବରଂ ଜଣେ ଅତ୍ୟନ୍ତ ଧର୍ମପରାୟଣ ଏବଂ ସରଳମନା ମଣିଷ ଭାବେ ସ୍ଥାନୀୟ ଅଞ୍ଚଳରେ ବେଶ୍? ପରିଚିତ ଥିଲେ। ଶିକ୍ଷାଦାନ କ୍ଷେତ୍ରରେ ତାଙ୍କର ଉଲ୍ଲେଖନୀୟ ଅବଦାନ ପାଇଁ ତାଙ୍କୁ ସମ୍ମାନଜନକ ରାଜ୍ୟପାଳ ପୁରସ୍କାରରେ ସମ୍ମାନିତ କରାଯାଇଥିଲା।

ଜୀବନର ଶେଷ ସମୟ ପର୍ଯ୍ୟନ୍ତ ସେ ଆଧ୍ୟାତ୍ମିକତା ସହ ଜଡ଼ିତ ଥିଲେ। ସେ ଜଣେ ସଂକୀର୍ତ୍ତନ ପ୍ରେମୀ ଥିଲେ ଏବଂ ନିୟମିତ ଭାଗବତ ପାଠ କରି ସମାଜରେ ସଂସ୍କାର ଆଣିବାକୁ ଚେଷ୍ଟା କରୁଥିଲେ। ତାଙ୍କର ଏହି ନିଷ୍ଠା ଓ ଈଶ୍ବର ବିଶ୍ବାସ ଯୋଗୁଁ ଗ୍ରାମ ତଥା ଆଖପାଖ ଅଞ୍ଚଳର ପ୍ରତ୍ୟେକ ବ୍ୟକ୍ତି ତାଙ୍କୁ ସମ୍ମାନ କରୁଥିଲେ।

ତାଙ୍କ ବିୟୋଗ ରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରଦ୍ୟୁମ୍ନ ମଣ୍ଡଳ, ତହସିଲଦାର ପ୍ରାଣକୃଷ୍ଣ ପାଣିଗ୍ରାହୀ,ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ବିଦ୍ୟାଧର ଶବର, ଗୁଣପୁର ପୌର ପରିଷଦ ଉପାଧ୍ୟକ୍ଷ ଶିବ ପ୍ରସାଦ ଗୌଡ, ବିଧାୟକ ସତ୍ୟଜିତ୍? ଗମାଙ୍ଗ,ପୂର୍ବତନ ବିଧାୟକ ରଘୁନାଥ ଗମାଙ୍ଗ,ସୁଧୀର ଦାସ,ବନମାଳୀ ଗମାଙ୍ଗଙ୍କ ସମେତ ପୁରାତନ ଛାତ୍ର ହରପ୍ରସାଦ ରଥ,ମଧୁସୂଦନ ପଣ୍ଡା,ଚିନ୍ମୟ ରଥ ପ୍ରମୁଖ ଗଭୀର ଶୋକ ପ୍ରକାଶ କରିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି। ତାଙ୍କର ବିୟୋଗ ଶିକ୍ଷା ଜଗତ ଏବଂ ଆଧ୍ୟାତ୍ମିକ ସମାଜ ପାଇଁ ଏକ ଅପୂରଣୀୟ କ୍ଷତି।

# ବୟୋବୃଦ୍ଧ ଭୋଟର ଉଦୟ ନାଥଙ୍କୁ ସମ୍ମାନିତ କଲେ ଅତିରିକ୍ତ ଜିଲ୍ଲାପାଳ



ମାଥିଲି,୨।୬ (ଆନିସ): ସ୍ବତନ୍ତ୍ର ସଘନ ସଂଶୋଧନ ହେଉଛି ନିର୍ବାଚନ କମିଶନଙ୍କଦ୍ୱାରା ଭୋଟର ତାଲିକାକୁ ସଠିକ୍, ଅଦ୍ୟତନ ଏବଂ ତ୍ରୁଟିମୁକ୍ତ କରିବା ପାଇଁ ଚଲାଯାଉଥିବା ଏକ ବିଶେଷ ଅଭିଯାନ । ଏହାର ଉଦ୍ଦେଶ୍ୟ ହେଉଛି ଭୋଟର ତାଲିକାରୁ ମୃତ, ସ୍ଥାନାନ୍ତରିତ ଅଯୋଗ୍ୟ ନାମ ବିଲୋପ କରିବା ଏବଂ ଯୋଗ୍ୟ ନାଗରିକଙ୍କ ନାମ ସମ୍ମିଳିତ କରି ଭୋଟର ତାଲିକାକୁ ଶତ ପ୍ରତିଶତ ସଠିକ୍ କରିବା । ବୁଥ ସ୍ତରୀୟ ଅଧିକାରୀ ଘରକୁ ଘର ବୁଲି ଭୋଟର ତାଲିକା ସଂଶୋଧନ କରୁଛନ୍ତି । ଆଜି ଏହି କାର୍ଯ୍ୟକ୍ରମ ଅଧୀନରେ ମାଲକାନଗିରି ଅତିରିକ୍ତ ଜିଲ୍ଲାପାଳ ସୋମନାଥ ପ୍ରଧାନ ମାଥିଲି ବ୍ଲକର ବୟୋବୃଦ୍ଧ ଭୋଟର ଉଦୟ ନାଥ ମହାରଣାଙ୍କ ଘରକୁ ଯାଇ ପୁଷ୍ପମାଲ୍ୟ ଓ ଉପଢୌକନ ପ୍ରଦାନ ପୂର୍ବକ ଗଣତନ୍ତ୍ରକୁ ସୁଦୃଢ଼ କରୁଥିବା ବୟସ୍କ ଭୋଟରଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ମାଥିଲି ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶ୍ରୀ ପ୍ରମୋଦ କୁମାର ପ୍ରଧାନଙ୍କ ନେତୃତ୍ୱରେ ପରିଚାଳିତ ଏହି କାର୍ଯ୍ୟକ୍ରମରେ ବ୍ଲକ୍ ସାମାଜିକ ସୁରକ୍ଷା ଅଧିକାରୀ ତଥା ଗ୍ରାମ ପଞ୍ଚାୟତ ବିକାଶ ଅଧିକାରୀ ସଂଜୟ ସାମଲ ସୁପରଭାଇଜର ସନ୍ତୋଷ କୁମାର ପୂଜାରୀ, ମନୋଜ କୁମାର ବେହେରା, ଦେବ ପ୍ରସାଦ ବିଶ୍ୱାଳ, ସତ୍ୟନାରାୟଣ ଦାଶ, ଦୁର୍ଗାପ୍ରସାଦ ଦାସ ଏବଂ ବି.ଏଲ୍.ଓ ଓମ୍ ପ୍ରକାଶ ଜେନା ଉପସ୍ଥିତ ଥିଲେ । ପ୍ରକାଶ ଥାଉ କି ଏହି କାର୍ଯ୍ୟକ୍ରମ ଆସନ୍ତା ଜୁନ୍ ୨୮ ତାରିଖ ପର୍ଯ୍ୟନ୍ତ ଚାଲିବ । ନୂତନ ଭୋଟରମାନେ ମଧ୍ୟ ନିଜର ନାମ ପଞ୍ଜିକରଣ କରିପାରିବେ ।

# ବୈପାରିଗୁଡା ସ୍ବାସ୍ଥ୍ୟ କେନ୍ଦ୍ରରର ବିଭିନ୍ନ ସମସ୍ୟା ନେଇ ସୁରକ୍ଷା ମଞ୍ଚ ତରଫରୁ ତିନି ଘଣ୍ଟିଆ ଶାନ୍ତି ପୂର୍ଣ୍ଣ ଧାରଣା



ବୈପାରିଗୁଡା,୨।୬ (ଆନିସ): ବୈପାରିଗୁଡା ସ୍ୱାସ୍ଥ୍ୟ କେନ୍ଦ୍ରରର ବିଭିନ୍ନ ସମସ୍ୟା ସମ୍ପର୍କରେ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଦେବା ସହ ବୈପାରିଗୁଡା ସ୍ବାସ୍ଥ୍ୟ କେନ୍ଦ୍ରର ସମ୍ମୁଖରେ ଶାନ୍ତି ପୂର୍ଣ୍ଣ ଧାରଣା। ବୈପାରିଗୁଡା ସୁରକ୍ଷା ମଞ୍ଚ ତରଫରୁ ବୈପାରିଗୁଡା ସ୍ୱାସ୍ଥ୍ୟ କେନ୍ଦ୍ରରର ବିଭିନ୍ନ ସମସ୍ୟା ନେଇ ଆଜି ସକାଳ ୯ ଘଣ୍ଟା ଠାରୁ ଦିନ ୧୨ ଘଣ୍ଟା ପର୍ଯ୍ୟନ୍ତ ସ୍ବାସ୍ଥ୍ୟ କେନ୍ଦ୍ରର ସମ୍ମୁଖରେ ଶାନ୍ତି ପୂର୍ଣ୍ଣ ଧାରଣା ଦେଇଛନ୍ତି। ବୈପାରିଗୁଡା ସ୍ବାସ୍ଥ୍ୟ କେନ୍ଦ୍ରର ଟି ୩୨୬ ନଂ ଜାତୀୟ ରାଜପଥ କଡ଼ରେ ଅବସ୍ଥିତ। ଏହି ସ୍ବାସ୍ଥ୍ୟ କେନ୍ଦ୍ରର ଉପରେ କୁନ୍ଦୁରା ବ୍ଲକର ୫ ଗୋଟି ପଞ୍ଚାୟତ, ମାଲକାନଗିରି ଜିଲ୍ଲାର ଗୋବିନ୍ଦପାଲି ଅଞ୍ଚଳ ଏବଂ ଲମତାପୁଟ ବ୍ଲକର କିଛି ଅଞ୍ଚଳ ନିର୍ଭର କରିଥାନ୍ତି। ବୈପାରିଗୁଡା ବ୍ଲକ ଅଞ୍ଚଳରେ ବିଭିନ୍ନ ପର୍ଯ୍ୟଟନ ସ୍ଥଳୀ ଏବଂ ବୈପାରିଗୁଡା ସହର ମଧ୍ୟ ଦେଇ ଜାତୀୟ ରାଜପଥ ୩୨୬ ଯାଉଥିବା ବେଳେ ବିଭିନ୍ନ ସମୟରେ ଦୁର୍ଘଟଣା ଘଟୁଛି। ବିଭିନ୍ନ ଦୁର୍ଘଟଣାରେ ଲୋକଙ୍କ ଜିବନ ଚାଲିଯାଉଛି ଏହି ସମୟରେ ଦୁର୍ଘଟଣାରେ ହୋରେଇଥିବା ବ୍ୟକ୍ତିଙ୍କ ସବ ବ୍ୟବଛେଦ ହୋଇପାରୁନାହିଁ କାରଣ ବୈପାରିଗୁଡା ସ୍ବାସ୍ଥ୍ୟ କେନ୍ଦ୍ରରରେ ସବ ବ୍ୟବଛେଦ କରିବା ବ୍ୟକ୍ତି ବିଶେଷ ନାହାନ୍ତି କି ସବ ବ୍ୟବଛେଦ ଗାଡ଼ି ମଧ୍ୟ ନାହିଁ ତେଣୁ ଏହି ଅଞ୍ଚଳର ଜନସାଧାରଣ ହୋଇରାଣ ହରକତ ହେଉଛନ୍ତି।ଏହି ସ୍ବାସ୍ଥ୍ୟ କେନ୍ଦ୍ରରେ ଏକ୍ସରେ ମେସିନ୍ ଅଛି କିନ୍ତୁ ଏହା କାର୍ଯ୍ୟକ୍ରମ ହୋଇ ପାରୁନାହିଁ କାରଣ ଏହାର ଟେକ୍ନିସିଆନ୍ ନାହାଁନ୍ତି।ଏଠାରେ ବିଭିନ୍ନ ବିଶେଷଜ୍ଞ ରହିବା କଥା କିନ୍ତୁ ବିଶେଷଜ୍ଞ ନଥିବାରୁ ରୋଗି ନାହିଁ ନଥିବା ହଇରାଣ ହରକତ ହେଉଛନ୍ତି।ଏହି ସ୍ବାସ୍ଥ୍ୟ କେନ୍ଦ୍ରରରେ ଯେଉଁ ଅଲଟ୍ରାସାଉଣ୍ଡ ଅଛି ତାହା କେବଳ ଗର୍ଭବତୀ ମହିଳାଙ୍କ ଅଲଟ୍ରାସାଉଣ୍ଡ କରାଯାଉଛି ଏହା ସର୍ବସାଧାରଣଙ୍କ ପାଇଁ ଉପଲବ୍ଧ କରାଯାଉ ବୋଲି ସୁରକ୍ଷା ମଞ୍ଚ ଦାବି କରିଛି। ତେବେ ଏହିସବୁ କୁ ଆଖି ଆଗରେ ରଖି ବୈପାରିଗୁଡା ସ୍ବାସ୍ଥ୍ୟ କେନ୍ଦ୍ରକୁ ଉପଖଣ୍ଡ ସ୍ୱାସ୍ଥ୍ୟ କେନ୍ଦ୍ର ଘୋଷଣା କରିବା ପାଇଁ ଦାବି ଯୋର ଧରିଛି । ଜଦି ଏହି ସବୁ ଦାବିଗୁଡିକୁ ୯୦ ଦିନ ମଧ୍ୟରେ ସମାଧାନ ନହୁଏ ତେବେ ଚକ ଅଖ ବନ୍ଦ୍ ହେବା ସହ ଆଇନକୁ ହାତକୁ ନେବାପାଇଁ ପଛାଇବ ନାହିଁ ବୋଲି ସୁରକ୍ଷା ମଞ୍ଚ ଦାବି ପତ୍ର ପ୍ରଦାନ କରିଛି।ଆଜି ସୁରକ୍ଷା ମଞ୍ଚ ତରଫରୁ ଡଃ ଆସିଷି କୁମାର ବଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି।

# ବାଇକ ଦୁର୍ଘଟଣାରେ ଜଣେ ମୃତ, ତିନି ଜଣ ଆହତ



ଆସିକା,୨।୬ (ଆନିସ): ଗଞ୍ଜାମ ଜିଲ୍ଲା ଆସିକା ବ୍ଲକ ଗାଙ୍ଗପୁର ଥାନା ଅନ୍ତର୍ଗତ ଜାତୀୟ ରାଜପଥ ୧୫୭ ସିଙ୍ଗିପୁର ଛକ ଠାରେ ଏକ ବାଇକ ଦୁର୍ଘଟଣା ଘଟିଛି । ଏହି ଦୁର୍ଘଟଣାରେ ଖୁକୁଣ୍ଡିଆ ଗ୍ରାମର ଚିତରଞ୍ଜନ ବିଶ୍ୱାଳଙ୍କ ମୃତ୍ୟୁ ହୋଇଛି । ସେ ଗାଙ୍ଗପୁରରୁ ବ୍ୟାଙ୍କ କାର୍ଯ୍ୟ ସାରି ନିଜ ଘରକୁ ଫେରିବା ବେଳେ ଅପରାହ୍ଣ ପ୍ରାୟ ୨.୩୦ ମିନିଟ ସମୟରେ ଦୁର୍ଘଟଣା ଘଟିଛି । ଘଟଣା ଘଟିବା ପରେ ସଙ୍ଗେ ସଙ୍ଗେ ତାଙ୍କୁ ଆମ୍ବୁଲାନ୍ସ ଯୋଗେ ଆସିକା ମେଡିକାଲକୁ ଆଣିଥିଲେ । ସେଠାରେ କାର୍ଯ୍ୟରତ ଡାକ୍ତର ତାଙ୍କୁ ମୃତ୍ୟୁ ଘୋଷଣା କରିଥିଲେ । ମିଳିଥିବା ସୂଚନା ଅନୁଯାୟୀ ଚିତରଞ୍ଜନ ବିଶ୍ୱାଳ ଗାଙ୍ଗପୁରରୁ ଫେରିବା ବେଳେ ଭଞ୍ଜନଗର ପଟୁ ଏକ ବାଇକ ଗାଡି ନମ୍ବର – ଓ.ଡି ୦୭ ବି.ବି ୯୩୨୪ ଦ୍ରୁତ ଗତିରେ ଆସି ତାଙ୍କ ପଛ ପଟୁ ପିଟି ହୋଇଥିଲା । ଏହି ଦୁର୍ଘଟଣାରେ ତାଙ୍କର ମୃତ୍ୟୁ ହୋଇଥିବା ବେଳେ ବାଇକ ଆରୋହୀ ତିନି ଜଣ ଗୁରୁତର ହୋଇଥିଲେ । ଘଟଣା ସ୍ଥଳରେ ଗାଙ୍ଗପୁର ଥାନା ପୋଲିସ ପହଁଚି ତଦନ୍ତ କାର୍ଯ୍ୟ ଆରମ୍ଭ କରିବା ସହ ଶବ ବ୍ୟବଛେଦ ପାଇଁ ଚିତରଞ୍ଜନଙ୍କୁ ଆସିକା ମେଡିକାଲକୁ ପଠାଇଥିଲେ । ଶବ ବ୍ୟବଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ଜଣାପଡିଛି । ବାଇକ ଦୁର୍ଘଟଣା ଘଟାଇବା ବ୍ୟକ୍ତି ମାନଙ୍କ ମଧ୍ୟରେ ଜଣକ ପରିଚୟ ରାମାନୁଜ ଦାଶ ବୋଲି ଜଣାପଡିଥିବା ବେଳେ ଅନ୍ୟ ଦୁଇ ଜଣଙ୍କ ପରିଚୟ ମିଳିନାହିଁ । ଏନେଇ ପୋଲିସ ପକ୍ଷରୁ ଦୁର୍ଘଟଣା ଜନିତ ମାମଲା ରୁଜୁ କରାଯାଇଥିବା ଗାଙ୍ଗପୁର ପୋଲସି ପକ୍ଷରୁ ସୂଚନା ମିଳିଛି । ମୃତ ଚିତରଞ୍ଜନ ବିଶ୍ୱାଳ ଖକୁଣ୍ଡିଆ ଗ୍ରାମର ଜଣେ ମେଳାପି, ମିଷ୍ଟଭାଷୀ ଓ ପରୋପକାରୀ ବ୍ୟକ୍ତି ହୋଇଥିବା ବେଳେ ସେ କେନ୍ଦୁପଦର ନିମିନା ବୃନ୍ଦାବନ ଚନ୍ଦ୍ର ମହାବିଦ୍ୟାଳୟର ପୂର୍ବତନ ଲାଇବ୍ରେରୀ ଆଟେଡେଟଂ ଭାବେ କାର୍ଯ୍ୟକରୁଥିଲେ । ତାଙ୍କର ଦୁର୍ଘଟଣାରେ ମୃତ ଖବର ଜଣାପଡିବା ପରେ ସ୍ଥାନୀୟ ବାସିନ୍ଦା ଓ ଶିକ୍ଷାବିତ ମହଲରେ ଶୋକର ଛାୟା ଖେଳିଯାଇଛି ।

# କାମ ଦେଉନି ଇଣ୍ଟରନେଟ ମୋବାଇଲ ଟାୱାର କ୍ଷମତା ବୃଦ୍ଧି ପାଇଁ ଗ୍ରାମବାସୀଙ୍କ ଦାବି



ରାୟଗଡା,୦୨।୬(ଆନିସ) ରାୟଗଡା ସଦର ବ୍ଲକ ପେନିକଣା ଠାରେ ସ୍ଥାପନା ହୋଇଥିବା ଜିଓ ଟାୱାରରେ ଇଣ୍ଟରନେଟ ସ୍ପିଡ ବୃଦ୍ଧି କରିବା ଦାବିରେ ଆଜି ଜିଲ୍ଲାପାଳଙ୍କ ଦ୍ବାରସ୍ଥ ହୋଇଛନ୍ତି ଡାଙ୍ଗଲୋଡି ପଞ୍ଚାୟତର ପେନିକଣା ଗ୍ରାମ ବାସୀ । ଦୀର୍ଘ ଦିନ ହେଲା ଗ୍ରାମରେ ଟାୱାର ସ୍ଥାପନା ହୋଇଥିଲେ ସୁଦ୍ଧା ଇଣ୍ଟରନେଟ ଡାଟା ବହୁତ ଧୀମା ରହିଛି । ଏହାର ପ୍ରଭାବରେ ଛାତ୍ର ଛାତ୍ରୀ ମାନେ ,ବ୍ୟବସାୟି ଏବଂ ସାଧାରଣ ଉପଭୋକ୍ତା ମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖିନ ହେଉଛନ୍ତି । ବିଶେଷକରି ଜରୁରୀକାଳୀନ ସ୍ଥିତିରେ ଡାଟା ସ୍ଲୋ ଯୋଗୁଁ ଅଞ୍ଚଳବାସୀ ହଇରାଣ ହେଉଛନ୍ତି । ଏନେଇ ଜିଓ କର୍ତ୍ତୃପକ୍ଷଙ୍କୁ ବାରମ୍ବାର ଅଭିଯୋଗ କରିଲେ ମଧ୍ୟ କେହି ଦୃଷ୍ଟି ଦେଉନାହାନ୍ତି ବୋଲି ଅଭିଯୋଗ କରିଥିଲେ । ଆଜି ରାୟଗଡା ବ୍ଲକ ଉପାଧ୍ୟକ୍ଷ ହରପ୍ରସାଦ ହେପୃକା,ଡାଙ୍ଗଲୋଡି ସରପଞ୍ଚ ଗଙ୍ଗାଧର କାଡ୍ରାକା, ପି.ନିରଞ୍ଜନ ,ଗିରିଧର ମାଣ୍ଡାଙ୍ଗି ଓ ଅନ୍ୟମାନେ ଉପସ୍ଥିତ ଥିଲେ । ଏନେଇ ପ୍ରଶାସନ ଖୁବ ଶୀଘ୍ର ଜିଓ ଅଧିକାରୀଙ୍କୁ ଯୋଗାଯୋଗ କରି ସମସ୍ୟାର ସମାଧାନ କରାଯିବ ବୋଲି ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣୀ ଗ୍ରାମବାସୀଙ୍କୁ ଆଶ୍ବସନା ଦେଇଥିଲେ ।

# ଓସିଏସ କୃତି ପରୀକ୍ଷାର୍ଥୀ ସଂଘମିତ୍ରା ପାତ୍ର ବିଭିନ୍ନ ମହଲରେ ସମ୍ବର୍ଦ୍ଧିତ



ବୁଗୁଡ଼ା,୨।୬ (ଆନିସ): ଓଡିଶା ଲୋକସେବା ଆୟୋଗ(ଓପିଏସସି) ଦ୍ବାରା ପରିଚାଳିତ ଓଡିଶା ସିଭିଲ ସେବା (ଓସିଏସ) ପରୀକ୍ଷାରେ ବୁଗୁଡା ଏନ୍‌ଏସି ଅନ୍ତର୍ଗତ ନୂଆସାହି ନିବାସୀ ଧ୍ରୁବଚରଣ ପାତ୍ର ଓ ଶିକ୍ଷୟିତ୍ରୀ ଗିତାଞ୍ଜଳୀ ପାତ୍ରଙ୍କ ସୁପୁତ୍ରୀ ସଂଘମିତ୍ରା ପାତ୍ର ୧୮୭ ରାଙ୍କରେ ରହି କୃତକାର୍ଯ୍ୟ ହୋଇ ବୁଗୁଡା ଅଞ୍ଚଳ ପାଇଁ ଗୌରବ ଆଣିଥିବା ବେଳେ ତାଙ୍କୁ ମହଲରୁ ସମ୍ବର୍ଦ୍ଧିତ କରାଯାଇଛି। ଅନ୍ୟପକ୍ଷରେ ପୂର୍ବତନ ଶ୍ରମ ମନ୍ତ୍ରୀ ଶ୍ରୀକାନ୍ତ ସାହୁ ସଂଘମିତ୍ରାଙ୍କ ବୁଗୁଡା ବାସଭବନରେ ପହଞ୍ଚି ତାଙ୍କୁ ପୁଷ୍ପଗୁଚ୍ଛ, ଉପଢୌକନ ଓ ଉପହାର ପ୍ରଦାନ କରି ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ପ୍ରକାଶ ଯୋଗ୍ୟ ଯେ, ଭଞ୍ଜନଗର ସିଭିଲ କୋର୍ଟରେ ଜୁନିୟର କ୍ଲର୍କ ଭାବେ କାର୍ଯ୍ୟରତ ସଂଘମିତ୍ରା ତାଙ୍କର ବାଲ୍ୟ ଶିକ୍ଷା ସ୍ଥାନୀୟ ସରସ୍ବତୀ ଶିଶୁ ବିଦ୍ୟା ମନ୍ଦିରରୁ ଆରମ୍ଭ କରି ଷଷ୍ଠରୁ ଦ୍ବାଦଶ ଯାଏଁ ଗଞ୍ଜାମର ସୁରଙ୍ଗି ନବୋଦୟ ବିଦ୍ୟାଳୟ ଏବଂ ଶଶିଭୂଷଣ ମହିଳା ମହାବିଦ୍ୟାଳୟରେ ପ୍ରାଣୀ ବିଜ୍ଞାନରେ ସ୍ନାତକ ଶିକ୍ଷା ସମାପ୍ତ ଅନ୍ତେ ଓଡିଶା ପ୍ରଶାସନିକ ସେବା ପରୀକ୍ଷା ନିମନ୍ତେ ପ୍ରସ୍ତୁତି ଚଳାଇଥିଲେ। ତେବେ ସେଥିରେ ତାଙ୍କର ସଫଳତା ହାସଲକୁ ନେଇ ତାଙ୍କୁ ବୁଗୁଡା ମିଡିଆ କ୍ଲବ ସମେତ ଅଞ୍ଚଳର ବିଭିନ୍ନ ମହଲରୁ ଅଭିନନ୍ଦନ ଓ ଶୁଭେଚ୍ଛାର ସୁଅ ଛୁଟିଥିବା ଜଣାଯାଇଛି।

# ୧୩ ବର୍ଷ ଧରି ଓଏଚପିସି ଏଚଆରଡିଙ୍କ ବଦଳି ନ ହେବା ଘଟଣା, ଖବର ପ୍ରକାଶିତ ପରେ ବି ଏଯାଏଁ ହେଲାନି କାର୍ଯ୍ୟାନୁଷ୍ଠାନ




ମାଲକାନଗିରି,୨।୬ (ଆନିସ): ମାଲକାନଗିରି ଜିଲ୍ଲା ବାଲିମେଳା ଜଳ ବିଦ୍ୟୁତ କେନ୍ଦ୍ରରେ ଆଜକୁ ୧୩ ବର୍ଷ ଧରି ଏଚଆରଡି ଦୁର୍ଗା ପ୍ରସାଦ ନାୟକ କୋଳି ଖାଇ ମଞ୍ଜି ପୋତିବା ପରି ଏଠି କାର୍ଯ୍ୟ କରି ଆସୁଥିବା ବେଳେ ଏଯାଏଁ ହେଲାନି ବଦଳି। ଏନେଇ ଗତ ୪ ଦିନ ତଳେ ଦୈନିକ ଖବରକାଗଜ ସକାଳ ରେ ଖବର ପ୍ରକାଶ ପାଇବା ପରେ ମଧ୍ୟ ଏଯାଏଁ ବିଭାଗ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇନାହିଁ। ମିଳିଥିବା ସୂଚନା ମୁତାବକ ଆଜିକୁ ଦୀର୍ଘ ୧୩ ବର୍ଷ ହେବ ବାଲିମେଳା ଜଳ ବିଦ୍ୟୁତ କେନ୍ଦ୍ରର ଏଚଆରଡି ଭାବେ ଦୁର୍ଗା ପ୍ରସାଦ ନାୟକ କାର୍ଯ୍ୟ କରି ଆସୁଥିବା ବେଳେ ଏଯାଏଁ ହେଲାନି ବଦଳି। ତେବେ ଭୁବନେଶ୍ୱର ସ୍ଥିତ ଓଏଚପିସି ମୁଖ୍ୟ କାର୍ଯ୍ୟାଳୟରେ ଏଚଆରଡି ଶ୍ରୀ ନାୟକ ସଲାସୁତୁରା ଭାବେ କିଛି ଅଧିକାରୀଙ୍କୁ ହାତଗୁଂଜା ଦେଇ ନିଜ ଅତିଆର ରେ ରଖିଥିବା ହେତୁ ନିଜର ବଦଳି ହେଉ ନଥିବା ଅଭିଯୋଗ ହେଉଛି। ବିଶେଷ ସୂତ୍ରରୁ ମିଳିଥିବା ଖବର ଅନୁଯାୟୀ ଗତ ୫ ମାସ ତଳେ ଓଏଚପିସି ଅଧିକାରୀ ଙ୍କ ମନ ମୁତାବକ ବ୍ୟକ୍ତିଗତ ସ୍ୱାର୍ଥ ହାସଲ ଉଦ୍ଦେଶ୍ୟରେ ୬ଟି ଡାଟା ଏଣ୍ଟ୍ରି ଅପରେଟର ଏବଂ ୧୪ଟି ଆଟେନଡାଂଟ ପୋଷ୍ଟ ବେଆଇନ ଭାବେ ବାହାର କରିଥିଲେ ପୂର୍ବତନ ଏସଜିଏମ ଦିଲ୍ଲୀପ ସ୍ୱାଇଁ ଙ୍କ ସମେତ ଏଚଆରଡି ଶ୍ରୀ ନାୟକ। ତେବେ ବର୍ତ୍ତମାନ ନିୟୋଜିତ ଥିବା ଏହି ୨୦ ଗୋଟି ପୋଷ୍ଟ ବାବଦକୁ ସ୍ଥାନୀୟ ଅଞ୍ଚଳର ଯୁବକ ଯୁବତୀ ଙ୍କ ଠାରୁ ୨ ଲକ୍ଷ ରୁ ଉର୍ଦ୍ଧ୍ବ ଲେଖାଏଁ ଟଙ୍କା ଲାଞ୍ଚ ନେଇ ଏହି ପଦବୀ ଗୁଡିକ ପୂରଣ କରିଥିବା ବର୍ତ୍ତମାନ ଚର୍ଚ୍ଚା ର ବିଷୟ ପାଲଟିଛି। ପାଖାପାଖି ୪୦ ଲକ୍ଷ ରୁ ଉର୍ଦ୍ଧ୍ବ ଟଙ୍କା ଏହି ୨ ଅଧିକାରୀ ଆତ୍ମସାତ କରିଥିବା ବେଳେ କେଉଁ ପରିସ୍ଥିତିରେ ଏଭଳି ନିଜ ମନ ମୁତାବକ ବେଆଇନ ଭାବେ ପଦବୀ ରେ ନିଯୁକ୍ତି କଲେ ଓଏଚପିସି ରେ ବରିଷ୍ଠ ଅଧିକାରୀ ତାକୁ ନେଇ ସାଧାରଣରେ ବିଭିନ୍ନ ପ୍ରଶ୍ନବାଚି ସୃଷ୍ଟି ହେଉଛି। ତେବେ ଏହି ବେଆଇନ ପଦବୀ ଗୁଡିକ କେବଳ ଦାୟିତ୍ୱ ରେ ଥିବା ଅଧିକାରୀ ଙ୍କ ପକେଟ ଗରମ କରିବା ପାଇଁ ବୋଲି ସ୍ଥାନୀୟରେ ଅଭିଯୋଗ ହେଉଛି। ଏନେଇ ଆମେ ଓଏଚପିସି ଅପରସେନ ମୁଖ୍ୟ ଅମୀୟ କୁମାର ମହାନ୍ତି ଙ୍କୁ ପଚାରିବାରୁ ସେ ଏନେଇ କୌଣସି ମନ୍ତବ୍ୟ ଦେବେ ନାହିଁ। ଏବଂ ଏନେଇ ସେ ଆମକୁ ଲିଖିତ ଅଭିଯୋଗ ପ୍ରଦାନ କରିବାକୁ କହିଥିଲେ। ଏନେଇ ଆମେ ଓଏଚପିସି ମାନବ ସମ୍ବଳ ନିର୍ଦ୍ଦେଶକ ସନ୍ଦୀପ ପଟ୍ଟନାୟକ ଙ୍କୁ ପଚାରିବାରୁ ଉପରିସ୍ଥ ଅଧିକାରୀଙ୍କ ବିନା ଅବଗତରେ ସେ କୌଣସି ମତ ରଖିବେ ନାହିଁ। ଏଥିସହ ସର୍ଭିସ ରୁଲରେ ସେ ମତ ଦେବା ଉଲ୍ଲେଖ ନଥିବା କହି ଓଲଟି ଆମ ସହ ଯୁକ୍ତି ବାଢି କୌଣସି ମନ୍ତବ୍ୟ ଦେଇନଥିଲେ। ଏନେଇ ଆମେ ଏଚଆରଡି ଦୁର୍ଗା ପ୍ରସାଦ ନାୟକଙ୍କୁ ପଚାରିବାରୁ ସେ ଦୀର୍ଘ ବର୍ଷ ଧରି ବଦଳି ହୋଇନଥିବା ଘଟଣାକୁ ଖଣ୍ଡନ କରିବା ସହ ସେ ୨୦୧୫ ପରଠାରୁ ଏଠି କାର୍ଯ୍ୟରତ ଅଛନ୍ତି। ଏବଂ ଡେପୁଟେସନ ରେ ଅନ୍ୟତ୍ର ବଦଳି ହୋଇଥିଲେ। କିନ୍ତୁ ତାଙ୍କ ସଂସ୍ଥା ହେତୁ ସେ ଏଠି ଦୀର୍ଘ ବର୍ଷ ଧରି କାର୍ଯ୍ୟରତ ଥିବା ସ୍ୱୀକାର କରିବା ସହ ସର୍ଭିସ ବୁକ ରେ ସେ କୌଣସି ମନ୍ତବ୍ୟ ଦେବା ନେଇ ଉଲ୍ଲେଖ ନଥିବା ଆମକୁ କହିଥିଲେ। ବର୍ତ୍ତମାନ ପ୍ରଶ୍ନ ଉଠୁଛି ଯେ ଏଚଆରଡି ଶ୍ରୀ ନାୟକଙ୍କ ବିରୁଦ୍ଧରେ ବହୁ ଅଭିଯୋଗ ପରେ ମଧ୍ୟ କେଉଁ ପରିସ୍ଥିତିରେ ସଂସ୍ଥାରେ ଦୀର୍ଘ ୧୩ ବର୍ଷ ହେବ ଏଠି କାର୍ଯ୍ୟରତ ଅଛନ୍ତି ତାକୁ ନେଇ ବୁଦ୍ଧିଜୀବୀ ମହଲରେ ବହୁ ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ତେଣୁ ତୁରନ୍ତ ଏଭଳି ଅଧିକାରୀ ଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ସହ ବଦଳି ନିମନ୍ତେ ସାଧାରଣରେ ଦାବି ହେଉଛି।

### ଓଡ଼ିଶା ସିଭିଲ ସର୍ଭିସେସ ପରୀକ୍ଷା-୨୦୨୪

# ସଫଳ ହେଲେ ଓଡ଼ଗାଁ ପୁଅ କୁମାର ଅଭିଷେକ

ଓଡ଼ଗାଁ ୦୨/୦୬(ଆନିସ):ନୟାଗଡ଼ ଜିଲ୍ଲା ଓଡ଼ଗାଁ ଶିକ୍ଷୀ ନଗର ସାହିର କୁମାର ଅଭିଷେକ ପାତ୍ର ଓଡ଼ିଶା ଲୋକସେବା ଆୟୋଗର ଦ୍ବାରା ପରିଚାଳିତ ଓଡ଼ିଶା ସିଭିଲ ସର୍ଭିସେସ ପରୀକ୍ଷା-୨୦୨୪ରେ ସଫଳତା ହାସଲ କରିଥିବାରୁ ତାଙ୍କ ପାଖକୁ ଶୁଭେଚ୍ଛାର ସୁଅ ଛୁଟିଛି।ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ଭୁବନେଶ୍ୱରରୁ କୃଷି ବିଜ୍ଞାନରେ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିବା ପରେ ସେ ଓଡ଼ିଶା ସିଭିଲ ସର୍ଭିସେସ ପରୀକ୍ଷା ପାଇଁ ପ୍ରସ୍ତୁତି ଜାରି ରଖିଥିଲେ।କୁମାର ଅଭିଷେକଙ୍କ ବାପା ସନ୍ତୋଷ କୁମାର ପାତ୍ର ବର୍ତ୍ତମାନ ଓଡ଼ିଶା ରାଜ୍ୟ ସରକାରଙ୍କ ପଞ୍ଚାୟତ ରାଜ, ପାନୀୟଜଳ ଯୋଗାଣ ଓ ପରିମଳ ବିଭାଗରେ ଡେପୁଟି ଡାଇରେକ୍ଟର ଭାବେ କାର୍ଯ୍ୟରତ ଥିବା ଜଣାଯାଇଛି। ଏହି ଖବର ପ୍ରଚାରିତ ହେବା ପରେ ଓଡ଼ଗାଁ ଅଞ୍ଚଳରେ ଖୁସିର ଲହରୀ ଖେଳିଯାଇଛି।

# ଓଡ଼ଗାଁ ଥାନା ଅଞ୍ଚଳରୁ ୨ ନାବାଳିକା ନିଖୋଜ

ଓଡ଼ଗାଁ ୦୨/୦୬ (ଆନିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ଆଦର୍ଶ ଥାନା ଅଞ୍ଚଳରୁ ୩ ଜଣ ନାବାଳିକା ନିଖୋଜ ହୋଇଥିବା ବେଳେ ରବିବାର ଜଣେ ନାବାଳିକାକୁ ଓଡ଼ଗାଁ ପୋଲିସ ଉଦ୍ଧାର କରି ପରିବାରକୁ ହସ୍ତାନ୍ତର କରିଛନ୍ତି।ସାକେରୀ ପଞ୍ଚାୟତ ଅଞ୍ଚଳର ଅନ୍ୟ ୨ ଜଣ ନାବାଳିକା ନିଖୋଜ ହେବା ପରେ ଏନେଇ ଜଣେ ନାବାଳିକାଙ୍କ ଅଭିଭାବକ ଓଡ଼ଗାଁ ଥାନାରେ ଅଭିଯୋଗ କରିଛନ୍ତି। ଏହି ୨ ଜଣ ନାବାଳିକା ଚଳିତ ବର୍ଷ ମାଟ୍ରିକ ପରୀକ୍ଷାରେ ସଫଳତା ହାସଲ କରିଥିଲା ବେଳେ ଅଳ୍ପ ବୟସରୁ ନିଖୋଜ ହୋଇଯିବା ଘଟଣା ସ୍ଥାନୀୟ ଅଞ୍ଚଳରେ ଚିନ୍ତାର କାରଣ ପାଲଟିଛି। ବିଭିନ୍ନ ସରକାରୀ ଯୋଜନା ମାଧ୍ୟମରେ କୈଶୋର କୈଶୋରୀ ମାନଙ୍କ ମଧ୍ୟରେ ଦକ୍ଷତା ବୃଦ୍ଧି ନିମନ୍ତେ ସମସ୍ତ ପ୍ରକାର ବ୍ୟବସ୍ଥା ରହିଥିବା ବେଳେ ଅପରିପକ୍ୱ ମାନସିକତାର ପ୍ରଭାବରେ ପ୍ରଭାବିତ ହୋଇ କୈଶୋର କୈଶୋରୀ ମାନେ ପଥ ଭ୍ରଷ୍ଟ ହେବା ଭବିଷ୍ୟତ ସମାଜ ପାଇଁ କ୍ଷତିକାରକ ହେବ। ତେଣୁ ପ୍ରଶାସନ ହୁଅନ୍ତୁ ବା ଜନସାଧାରଣ ଏଥି ପ୍ରତି ଦୃଷ୍ଟି ଦେବା ଆବଶ୍ୟକ ରହିଛି।

### ଅଧ୍ୟୟନ ସମ୍ମାନ ଓ ପ୍ରେରଣାଦାୟୀ କାର୍ଯ୍ୟକ୍ରମ

# ସମ୍ବର୍ଦ୍ଧିତ ହେଲେ ୧୭ କୃତୀ ଛାତ୍ରଛାତ୍ରୀ




ନୟାଗଡ଼, ୨/୬ (ଆନିସ) : ପୌର ପରିଷଦ ପକ୍ଷରୁ ସ୍ଥାନୀୟ ପଠାଣି ସାମନ୍ତ ଅଡିଟୋରିୟମ୍‌ରେ ପୌରାଧକ୍ଷା ନିରୂପମା ଖଟେଇଙ୍କ ସଭାପତିତ୍ୱରେ ଅଧ୍ୟୟନ ସମ୍ମାନ ଓ ପ୍ରେରଣାଦାୟୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ନୟାଗଡ଼ ଜିଲ୍ଲା ପାଠାଗାର ଅଧ୍ୟୟନରେ ପାଠ ପଢ଼ି ୨୭ଜଣ କୃତୀ ଛାତ୍ରଛାତ୍ରୀ ପ୍ରତିଯୋଗିତାମୂଳକ ପରୀକ୍ଷାରେ ଉତ୍ତିର୍ଣ୍ଣ ହୋଇ କେନ୍ଦ୍ର ସରକାର ଓ ରାଜ୍ୟ ସରକାରଙ୍କ ଅଧିନରେ ସରକାରୀ ଚାକିରି ପାଇଛନ୍ତି ୨୭ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ଆଜି ୧୭ଜଣଙ୍କୁ ସମ୍ବର୍ଦ୍ଧନା କରାଯାଇଥିବା ବେଳେ ଅନ୍ୟ ୧୦ଜଣ ରାଜ୍ୟ ବାହାରେ ଥିବାରୁ କେବଳ ସେମାନଙ୍କ ନାମ ଘୋଷଣା କରାଯାଇଥିଲା ଓଡ଼ିଶା ପ୍ରଶାସନିକ ସେବା, ଖାଦ୍ୟ ଓ ଯୋଗାଣ ବିଭାଗ, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗ, ବିଦ୍ୟାଳୟ, ମୃତ୍ତିକା ସଂରକ୍ଷଣ ବିଭାଗ, ବାୟୁସେନା, ନାଭାଲ ଓ ସୀମା ସୁରକ୍ଷା ବଳ ପୋଲିସ୍‌ରେ ଯୋଗଦେଇ ନୟାଗଡ଼ ପାଇଁ ଗୌରବ ଆଣିଛନ୍ତି ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁ ଯୋଗଦେଇ ବର୍ତ୍ତମାନ ପାଠାଗାରରେ ଅଧ୍ୟୟନ କରୁଥିବା ୩୦୦ ଛାତ୍ରଛାତ୍ରୀଙ୍କୁ ପ୍ରେରଣା ଦେବା ସହ କୃତୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ ଏହି ଉତ୍ସବରେ ସହକାରୀ ଜିଲ୍ଲାପାଳ ତପ୍ତି ରାଜ, ସହକାରୀ ଜିଲ୍ଲାପାଳ ସ୍ୱାତୀ ନାୟକ ଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ପ୍ରେରଣାମକ ପରାମର୍ଶ ଦେଇଥିଲେ ଅନ୍ୟମାନଙ୍କ ମଧ୍ୟରେ ଉପ-ନଗରପାଳ ଗୁରୁପ୍ରସାଦ ଜେନା, କାଉନସିଲର ଲକ୍ଷ୍ମୀଧର ମହାପାତ୍ର ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ ଏହି କାର୍ଯ୍ୟକ୍ରମକୁ ଗୋପୀନାଥ ସେଠୀ ସଂଯୋଜନା କରିଥିବାବେଳେ ନିର୍ବାହୀ ଅଧିକାରୀ ସ୍ନେହଲତା ଆଚାର୍ଯ୍ୟ ଧନ୍ୟବାଦ ଅର୍ପଣ କରିଥିଲେ ଲାଇବ୍ରେରିଆନ୍ ସସ୍ମିତା ମହାନ୍ତି, ପୌରଯନ୍ତ୍ରୀ ରଞ୍ଜନ ମହାରଣା, ସହକାରୀ ନିର୍ବାହୀ ଯନ୍ତ୍ରୀ ବିଷ୍ଣୁ ପ୍ରସାଦ, ଗଜେନ୍ଦ୍ର ମହାରଣାଙ୍କ ସମେତ ପୌର ପରିଷଦର ସମସ୍ତ କର୍ମଚାରୀ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

### ଯାଜପୁର ନଗର ବିଜେପିରେ ନୂଆ ସମୀକରଣ!

# ବିଜେଡ଼ିକୁ ଖୁସି କରିବାକୁ ମିଳନଙ୍କୁ ପ୍ରଭାରୀ ଦାୟିତ୍ୱ ପରେ ବଢ଼ିଲା ଚର୍ଚ୍ଚା



ଯାଜପୁର , ୨୦୬(ଆନିସ) : ଯାଜପୁର ନଗର ରାଜନୀତିରେ ଏବେ ଏକ ନୂଆ ଚର୍ଚ୍ଚା ଜୋର ଧରିଛି। ନଗର ବିଜେପିର ନବ ନିଯୁକ୍ତ ପ୍ରଭାରୀ ଭାବେ ମିଳନ ଦାସଙ୍କୁ ଦାୟିତ୍ୱ ଦିଆଯିବା ପରେ ଦଳୀୟ କର୍ମୀ ଓ ରାଜନୈତିକ ମହଲରେ ବିଭିନ୍ନ ପ୍ରଶ୍ନ ଉଠିବା ଆରମ୍ଭ ହୋଇଛି। ଏହି ନିଷ୍ପତ୍ତି ଯାଜପୁର ନଗରରେ ବିଜେପିକୁ ଅଧିକ ଶକ୍ତିଶାଳୀ କରିବ ନା ସଂଗଠନ ଭିତରେ ନୂଆ ବିବାଦର ସୂତ୍ରପାତ କରିବ, ତାହାକୁ ନେଇ ଚର୍ଚ୍ଚା ଜୋର ଧରିଛି। ସ୍ଥାନୀୟ ରାଜନୀତିରେ ବିଜେପି ଓ ବିଜେଡି ମଧ୍ୟରେ ଦୀର୍ଘ ଦିନ ଧରି ତୀବ୍ର ପ୍ରତିଦ୍ୱନ୍ଦ୍ୱିତା ରହିଆସିଛି। ଏପରି ପରିସ୍ଥିତିରେ ନୂଆ ଦାୟିତ୍ୱ ବଣ୍ଟନକୁ ନେଇ କିଛି କର୍ମୀଙ୍କ ମନରେ ସନ୍ଦେହ ସୃଷ୍ଟି ହୋଇଥିବା କୁହାଯାଉଛି। ଦଳର କିଛି ପୁରୁଖା କାର୍ଯ୍ୟକର୍ତ୍ତାଙ୍କ ମତ ହେଉଛି, ନଗରରେ ବହୁ ବର୍ଷ ଧରି ସଂଗଠନ ପାଇଁ କାମ କରୁଥିବା ଅନେକ ସକ୍ରିୟ କର୍ମୀ ଥିବା ସତ୍ତ୍ୱେ ଏହି ଚୟନ କେଉଁ ଆଧାରରେ କରାଗଲା, ତାହା ନେଇ ସ୍ପଷ୍ଟତା ଆବଶ୍ୟକ।ଦଳୀୟ ମହଲରେ ଏବେ ପ୍ରଶ୍ନ ଉଠୁଛି ଯେ, ଯାଜପୁର ନଗରରେ ସଂଗଠନକୁ ଆଗକୁ ନେବା ପାଇଁ ନେତୃତ୍ୱ କେଉଁ ରଣନୀତି ଅନୁସରଣ କରୁଛି। ରାଜନୈତିକ ପର୍ଯ୍ୟବେକ୍ଷକଙ୍କ ମତରେ, ନଗର ସ୍ତରରେ ନେତୃତ୍ୱ ଚୟନ ସବୁବେଳେ ସଂଗଠନର ଭବିଷ୍ୟତ ଦିଗ ନିର୍ଦ୍ଧାରଣ କରିଥାଏ। ତେଣୁ ଏଭଳି ନିଷ୍ପତ୍ତି ସାଧାରଣ କର୍ମୀଙ୍କ ମନୋବଳ ଉପରେ ମଧ୍ୟ ପ୍ରଭାବ ପକାଇପାରେ।ବିଶେଷ କଥା ହେଉଛି, ଯାଜପୁର ନଗରରେ ଆଗାମୀ ଦିନରେ ପୌର ଓ ସ୍ଥାନୀୟ ନିର୍ବାଚନକୁ ନେଇ ରାଜନୈତିକ ତତ୍ପରତା ବଢ଼ୁଥିବା ବେଳେ ବିଜେପିର ଏହି ନୂଆ ସଂଗଠନାତ୍ମକ ସମୀକରଣ ଦଳ ପାଇଁ କେତେ ଫଳପ୍ରଦ ହେବ, ତାହା ଉପରେ ସମସ୍ତଙ୍କ ନଜର ରହିଛି। ଅନ୍ୟପକ୍ଷରେ, ଦଳର ଅନେକ କର୍ମୀଙ୍କ ମତ ହେଉଛି ଯେ ସଂଗଠନକୁ ସୁଦୃଢ଼ କରିବା ପାଇଁ ନେତୃତ୍ୱକୁ ସମସ୍ତ ବର୍ଗର କର୍ମୀଙ୍କୁ ସାଙ୍ଗରେ ନେଇ ଚାଲିବାକୁ ହେବ। ନଚେତ୍? ସଂଗଠନ ଭିତରେ ଅସନ୍ତୋଷ ବଢ଼ିବାର ଆଶଙ୍କା ରହିଛି।ଏବେ ଦେଖିବାକୁ ବାକି ରହିଲା, ନଗର ପ୍ରଭାରୀ ଭାବେ ମିଳନଙ୍କ ନେତୃତ୍ୱରେ ଯାଜପୁର ନଗର ବିଜେପି ନୂଆ ଉଚ୍ଚତାକୁ ଛୁଇଁବ ନା ଏହି ନିଷ୍ପତ୍ତିକୁ ନେଇ ଉଠୁଥିବା ପ୍ରଶ୍ନଗୁଡ଼ିକ ଆଗାମୀ ଦିନରେ ଆହୁରି ଜୋରଦାର ହେବ।

# ଯାଜପୁରରେ ଆଇଏମଏଫଏଲ୍ ଦୋକାନ ବଣ୍ଟନ ଲଟେରି ପ୍ରକ୍ରିୟା ଶାନ୍ତିପୂର୍ଣ୍ଣ ଭାବେ ସମ୍ପନ୍ନ




ଯାଜପୁର, ୦୨/୦୬(ଆନିସ) : ଅବକାରୀ ବିଭାଗ ପକ୍ଷରୁ ଯାଜପୁର ଜିଲ୍ଲାରେ ଆଇଏମଏଫଏଲ୍ ଅଫ୍ ଏବଂ କଣ୍ଟ୍ରି ଲିକ୍ୟୁର ଦୋକାନଗୁଡ଼ିକର ବଣ୍ଟନ ନିମନ୍ତେ ଆଜି ଗୌତମ ବୁଦ୍ଧ ସଂସ୍କୃତି ଭବନରେ ଜିଲ୍ଲାପାଳ ଅମ୍ବର କୁମାର କରଙ୍କ ଅଧ୍ୟକ୍ଷତାରେ ଲଟେରି ପ୍ରକ୍ରିୟା ସଫଳତାର ସହ ଏବଂ ଶାନ୍ତିପୂର୍ଣ୍ଣ ଭାବେ ସମ୍ପନ୍ନ ହୋଇଯାଇଛି। ଚଳିତ ବର୍ଷ ଜିଲ୍ଲାର ମୋଟ ୪୨ ଟି ଆଇଏମଏଫଏଲ୍ ଅଫ୍ ଦୋକାନ ପାଇଁ ମୋଟ ୯୦୫ ଜଣ ଆବେଦନକାରୀ ଏବଂ ୧୬ ଟି କଣ୍ଟ୍ରି ଲିକ୍ୟୁର ଦୋକାନ ପାଇଁ ମୋଟ ୪୮୭ ଜଣ ଆବେଦନକାରୀ ଥିଲେ। ଲଟେରି ପ୍ରକ୍ରିୟା ବିଭିନ୍ନ ପର୍ଯ୍ୟାୟରେ ସମ୍ପନ୍ନ କରାଯାଇଥିଲା। ପ୍ରତ୍ୟେକ ଆବେଦନକାରୀଙ୍କୁ ଟୋକନ ନମ୍ବର ଦିଆଯାଇଥିଲା। ଆବେଦନକାରୀମାନଙ୍କ ଉପସ୍ଥିତିରେ ଟୋକନଗୁଡ଼ିକୁ ଏକ ବାକ୍ସରେ ଭର୍ତ୍ତି କରାଯାଇଥିଲା। ପ୍ରକ୍ରିୟାରେ ନିରପେକ୍ଷତା ଏବଂ ସ୍ୱଚ୍ଛତା ବଜାୟ ରଖିବା ପାଇଁ ଜିଲ୍ଲାପାଳ, ଅତିରିକ୍ତ ଜିଲ୍ଲାପାଳ, ଉପଜିଲ୍ଲାପାଳ ଏବଂ ଅଧିକାରୀମାନେ ଆଖିରେ କଳାପଟି ପିନ୍ଧି ବାକ୍ସ ଭିତରୁ ଟୋକନ ଉଠାଇଥିଲେ। ବାକ୍ସରୁ ବାହାରିଥିବା ଟୋକନ ନମ୍ବର ଅନୁଯାୟୀ ବିଜେତାଙ୍କ ନାମ ଘୋଷଣା କରାଯାଇଥିଲା। ପ୍ରତ୍ୟେକ ପର୍ଯ୍ୟାୟ ଶେଷରେ ସମ୍ପୃକ୍ତ ଦୋକାନ ପାଇଁ ଅସ୍ଥାୟୀ ଭାବେ ମନୋନୀତ ଆବେଦନକାରୀଙ୍କ ନାମ ଘୋଷଣା କରାଯାଇଥିଲା। ଲଟେରିରେ ମନୋନୀତ ଆବେଦନକାରୀଙ୍କ ଆବେଦନପତ୍ର ଓ ଅନ୍ୟାନ୍ୟ ଦଲିଲପତ୍ରର ଯାଞ୍ଚ ପରେ ଏବଂ ନିର୍ଦ୍ଧାରିତ ଶୁଳ୍କ ପୈଠ କରିବା ପରେ ଲାଇସେନ୍ସ ପ୍ରଦାନ କରାଯିବ। ଲଟେରିର ଫଳାଫଳ ଇ-ଅବକାରୀ ପୋର୍ଟାଲରେ ମଧ୍ୟ ଅପଲୋଡ୍ କରାଯାଇଛି।

ଲଟେରି ପ୍ରକ୍ରିୟାର ସମ୍ପୂର୍ଣ୍ଣ ସ୍ୱଚ୍ଛତା ଓ ନିରପେକ୍ଷତା ସୁନିଶ୍ଚିତ କରିବା ପାଇଁ ସମସ୍ତ ପଦକ୍ଷେପ ଗ୍ରହଣ କରାଯାଇଥିଲା। ପ୍ରବେଶ ଦ୍ୱାରରେ କଡ଼ା ସୁରକ୍ଷା ଯାଞ୍ଚ ଏବଂ ସଂସ୍କୃତି ଭବନ ପରିସରରେ ବିଭିନ୍ନ ସ୍ଥାନରେ ସିସିଟିଭି କ୍ୟାମେରା ବ୍ୟବସ୍ଥା କରାଯାଇଥିବା ବେଳେ କେବଳ ଆବେଦନକାରୀଙ୍କୁ ସଭାଗୃହ ଭିତରକୁ ପ୍ରବେଶ ଅନୁମତି ଦିଆଯାଇଥିଲା। ଆବେଦନକାରୀଙ୍କ ପାଇଁ ଆବଶ୍ୟକୀୟ ସୁବିଧାର ବ୍ୟବସ୍ଥା କରାଯାଇଥିଲା। ଏହାସହ ସମଗ୍ର ଲଟେରି ପ୍ରକ୍ରିୟାର ଭିଡିଓ ରେକର୍ଡିଂ କରାଯାଇ ସ୍ୱଚ୍ଛତାକୁ ସୁନିଶ୍ଚିତ କରାଯାଇଥିଲା। ଲଟେରି ପ୍ରକ୍ରିୟା ଶାନ୍ତିପୂର୍ଣ୍ଣ ଓ ସୁବ୍ୟବସ୍ଥିତ ଭାବେ ସମ୍ପନ୍ନ ହୋଇଥିବାରୁ ଜିଲ୍ଲାପାଳ ଶ୍ରୀ କର ସମସ୍ତ ଆବେଦନକାରୀ, ପ୍ରଶାସନିକ ଅଧିକାରୀ ଓ ଅବକାରୀ ବିଭାଗର କର୍ମଚାରୀମାନଙ୍କୁ ଧନ୍ୟବାଦ ଜଣାଇଥିଲେ। ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ଶିବାନନ୍ଦ ସ୍ୱାଇଁ, ଉପଜିଲ୍ଲାପାଳ ତାପସ ରଞ୍ଜନ ଦେହୁରୀ, ଅବକାରୀ ଅଧିକ୍ଷକ ଅଜୟ କୁମାର ବେହେରା, ଅତିରିକ୍ତ ଏସପି ଶିତିକଣ୍ଠ କାନୁନଗୋ, ଅତିରିକ୍ତ ଏସପି ଶଙ୍କର୍ଷଣ ସ୍ୱାଇଁ, ଅତିରିକ୍ତ ଏସପି ଲକ୍ଷ୍ମୀଧର ସ୍ବାଇଁ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ, ଜିଲ୍ଲା ସୂଚନା ବିଜ୍ଞାନ ଅଧିକାରୀ ସଞ୍ଜିତ କୁମାର ନାୟକ, ନିଜାରତ ଅଧିକାରୀ ମନୀଷା ସାହୁ, ଜିଲ୍ଲା ଇ-ଗଭର୍ଣ୍ଣସ ମ୍ୟାନେଜର ଶାରଦା ପ୍ରସାଦ ଜେନା, ଉପଖଣ୍ଡ ଆରକ୍ଷୀ ଅଧିକାରୀ ପ୍ରଶାନ୍ତ କୁମାର ମାଝୀ, ଡେପୁଟି ଅଧିକ୍ଷକ ଅନିତା ଓଝା, ଅବକାରୀ ଇନ୍ସପେକ୍ଟର ସସ୍ମିତା ହୋତା, ଟାଉନ୍ ଥାନା ଆଇଆଇସି ଶରତ ନାୟକଙ୍କ ସମେତ ଜିଲ୍ଲା ପ୍ରଶାସନ, ପୋଲିସ ଏବଂ ଅବକାରୀ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।

# ଜିଲ୍ଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ବିଶ୍ୱ ତମାଖୁ ବର୍ଜନ ଦିବସ ପାଳିତ

ବାରିପଦା, ୨।୬ (ଆନିସ): ଜିଲ୍ଲା ସ୍ୱାସ୍ଥ୍ୟ ସମିତି, ମୟୂରଭଞ୍ଜ ପକ୍ଷରୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟସ୍ଥିତ ସମ୍ମିଳନୀ କକ୍ଷରେ ବିଶ୍ୱ ତମାଖୁ ବର୍ଜନ ଦିବସ ପାଳିତ ହୋଇଯାଇଛି। ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଧନୁର୍ଜୟ ମହାନ୍ତଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ତମାଖୁ ଓ ଅନ୍ୟାନ୍ୟ ନିଶାଦ୍ରବ୍ୟ ବ୍ୟବହାରର କୁପରିଣାମ ସମ୍ପର୍କରେ ବ୍ୟାପକ ଜନସଚେତନତା ସୃଷ୍ଟି କରାଯାଇଥିଲା । ଏହି ଅବସରରେ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏକ ସଚେତନତା ଶୋଭାଯାତ୍ରା ଆୟୋଜିତ ହୋଇ ବାରିପଦା ସହରର ବିଭିନ୍ନ ଅଞ୍ଚଳ ପରିକ୍ରମା କରିଥିଲା। ଶୋଭାଯାତ୍ରା ମାଧ୍ୟମରେ ତମାଖୁ, ଅପମିଶ୍ରିତ ଓ ବିଷାକ୍ତ ମାଦକଦ୍ରବ୍ୟ ବ୍ୟବହାରର ସ୍ୱାସ୍ଥ୍ୟଗତ, ସାମାଜିକ ଓ ଆର୍ଥିକ କୁପ୍ରଭାବ ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରାଯାଇଥିଲା। ସେହିପରି ବିଭିନ୍ନ ପାନ ଦୋକାନ ଓ ସାଧାରଣ ଲୋକଙ୍କ ମଧ୍ୟରେ ତମାଖୁ ବ୍ୟବହାରର ଭୟାବହତା ସମ୍ପର୍କରେ ସଚେତନତା ସୃଷ୍ଟି କରାଯାଇଥିଲା। ପରବର୍ତ୍ତୀ ସଚେତନତା ସଭାରେ ବକ୍ତାମାନେ ତମାଖୁ ସେବନ ଦ୍ୱାରା ମୁଖ କର୍କଟ, ଫୁସଫୁସ କର୍କଟ, ହୃଦରୋଗ, ଷ୍ଟ୍ରୋକ ଭଳି ଗୁରୁତର ରୋଗ ସୃଷ୍ଟି ହେବା ସହ ଏହା ପରିବେଶ ଉପରେ ମଧ୍ୟ କୁପ୍ରଭାବ ପକାଉଥିବା ଉପରେ ଆଲୋକପାତ କରିଥିଲେ। ତମାଖୁର ପ୍ରଭାବ ଶିଶୁ ଓ ଯୁବପିଢ଼ୀ ଉପରେ କିପରି ପଡୁଛି ଏବଂ ସମାଜର ସମସ୍ତ ସ୍ତରରେ ସଚେତନତା ବୃଦ୍ଧି ମାଧ୍ୟମରେ ଏହାକୁ ରୋକାଯାଇପାରିବ ସେ ନେଇ ମଧ୍ୟ ବିସ୍ତୃତ ଆଲୋଚନା ହୋଇଥିଲା। କାର୍ଯ୍ୟକ୍ରମରେ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଚିତ୍ରାଙ୍କନ ପ୍ରତିଯୋଗିତା ମାଧ୍ୟମରେ ତମାଖୁ ବିରୋଧୀ ସଚେତନତାର ବାର୍ତ୍ତା ପ୍ରଦାନ କରିଥିଲେ। ଜିଲ୍ଲା ଅତିରିକ୍ତ ସ୍ୱାସ୍ଥ୍ୟ ଅଧିକାରୀ ବିଜୟ କୁମାର ଦାସ, ଅତିରିକ୍ତ ସ୍ୱାସ୍ଥ୍ୟ ଅଧିକାରୀ ଶାନ୍ତନୁ ଦାସ, ଜିଲ୍ଲା ଡ୍ରଗ୍ କଣ୍ଟ୍ରୋଲର ରୁଦ୍ର ନାରାୟଣ ସାହୁ, ଅଣ-ସଂକ୍ରାମକ ରୋଗ ବିଶେଷଜ୍ଞ ଡା. ଜ୍ଞାନେନ୍ଦ୍ର ମହାନ୍ତି, ଅତିରିକ୍ତ ପୁଲିସ ଅଧୀକ୍ଷକ ମମତା ସାହୁ ଏବଂ ଜିଲ୍ଲା କାର୍ଯ୍ୟକ୍ରମ ଅଧିକାରୀ ଅନିଲ କୁମାର ମହାନ୍ତି ପ୍ରମୁଖ ତମାଖୁ ନିୟନ୍ତ୍ରଣ, ଆଇନର କାର୍ଯ୍ୟକାରିତା ଓ ତମାଖୁମୁକ୍ତ ମୟୂରଭଞ୍ଜ ଗଠନ ନେଇ ନିଜ ମତାମତ ରଖିଥିଲେ । ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ସ୍ୱାସ୍ଥ୍ୟ ଅଧିକାରୀ ଘାସିରାମ ମୁର୍ମୁ, ଟାଟା ମେମୋରିଆଲ ସେଣ୍ଟରର ପ୍ରତିନିଧି ଏବଂ କହ୍ନେଇ ନାୟକଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ, କର୍ମଚାରୀ ଓ ଜନସାଧାରଣ ଉପସ୍ଥିତ ଥିଲେ ।

# ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ବ୍ଲକ୍ ଅଧ୍ୟକ୍ଷ କିଶୋର



**ନୟାଗଡ଼, ୨/୬ (ଆନିସ):** ନୟାଗଡ଼ ବ୍ଲକ୍ ଅଧ୍ୟକ୍ଷ ନିକଟରେ ବିଜେଡିରୁ ବ୍ୟକ୍ତିଗତ କାରଣ ଦର୍ଶାଇ ଇସ୍ତଫା ଦେବାପରେ ବିଜେପିରେ ଯୋଗଦେଇଛନ୍ତି ବିଜେପିରେ ଯୋଗଦାନ ପରେ ନୟାଗଡ଼ ବ୍ଲକ୍‌ର ବିକାଶ ନିମନ୍ତେ ଆଜି ଲୋକସେବା ଭବନ ଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସହ ସାକ୍ଷାତ କରିଛନ୍ତି ବ୍ଲକ ଅଧ୍ୟକ୍ଷଙ୍କ ସହ ପୂର୍ବତନ କନ୍ଧମାଳ ସାଂସଦ ତଥା ବିଧାୟକ ପ୍ରାର୍ଥୀ ପ୍ରତ୍ୟୁଷା ରାଜେଶ୍ୱରୀ ସିଂହ ମଧ ଉପସ୍ଥିତ ଥିଲେ ନୟାଗଡ଼ ଅଞ୍ଚଳର ବିକାଶ, ଜନକଲ୍ୟାଣମୂଳକ କାର୍ଯ୍ୟକ୍ରମ ଏବଂ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ ନୟାଗଡ଼ର ସର୍ବାଙ୍ଗୀନ ବିକାଶ ପାଇଁ ମୁଖ୍ୟମନ୍ତ୍ରୀଙ୍କ ସହଯୋଗ ଲୋଡ଼ିଥିଲେ ଆଗାମୀ ପଞ୍ଚାୟତ ନିର୍ବାଚନକୁ ଦୃଷ୍ଟିରେ ରଖି ନୟାଗଡ଼ ବ୍ଲକ୍‌କୁ କିପରି ଆଗେଇ ନେବେ ସେ ସମ୍ପର୍କରେ ଆଲୋଚନା ହୋଇଥିଲା

# ଫୁଲବାଣୀ ଲ୍ୟାମ୍ପ ପରିଚାଳନା ନିର୍ଦ୍ଦେଶକ ଭୀମ ସେନ ସାହୁଙ୍କ ଅବସର ଗ୍ରହଣ

ଫୁଲବାଣୀ -୨/୦୬(ସୁନୀଲ ପଟ୍ଟନାୟକ) ଫୁଲବାଣୀ ଲ୍ୟାମ୍ପ ର ପରିଚାଳନା ନିର୍ଦ୍ଦେଶକ ଭୀମ ସେନ ସାହୁ ରବିବାର ଅବସର ଗ୍ରହଣ କରିଛନ୍ତି ଏହି ଅବସରରେ ଡି ଆର୍ ସି ଏସ ସନ୍ତୋଷ କୁମାର ଦାସ ଙ୍କ



ସମେତ ଏସ ଆର୍ ସି ଏସ ଓ ସମସ୍ତ କର୍ମଚାରୀ ଉପସ୍ଥିତ ରହି ସମ୍ବର୍ଦ୍ଧିତ କରିବା ସହ ଦୀର୍ଘ ଜୀବନ କାମନା କରିଥିଲେ ଏମ ଡି ଶ୍ରୀ ସାହୁ ୧୯୮୮ରେ ସମବାୟ ବିଭାଗ ଅଧୀନ ରେ ଚାକିରି ଜୀବନ ଆରମ୍ଭ କରି ୨୦୧୩ ରେ ଲ୍ୟାମ୍ପ ପରିଚାଳନା ନିର୍ଦ୍ଦେଶକ ଭାବେ ସୁଚାରୁରୂପେ ଦାୟିତ୍ବ ତୁଲାଇଥିଲେ ଓ ନିଜର ଦକ୍ଷତା ପ୍ରତିପାଦନ କରିବା ଯୋଗୁଁ ୨୦୧୮,୨୦୨୩,୨୦୨୪,୨୦୨୫, ରେଜିଲ୍ଲାର ଶ୍ରେଷ୍ଠ ପରିଚାଳନା ନିର୍ଦ୍ଦେଶକ ଭାବେ ପୁରସ୍କୃତ ହୋଇଥିଲେ ସେହିପରି ରାଜ୍ୟ ସ୍ତର ରେ ମଧ୍ୟ ପୁରସ୍କୃତ ହୋଇଥିଲେ ସାହୁ

# ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବିଡ଼ିଓଙ୍କୁ ୫ ଦଫା ଦାବି ପତ୍ର ପ୍ରଦାନ

ସୁନ୍ଦରଗଡ,୦୨/୦୬(ଆନିସ): ହେମଗିର ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ମଙ୍ଗଳବାର ଦିନ ଭାରତୀୟ କମ୍ୟୁନିଷ୍ଟ ପାର୍ଟି ପକ୍ଷରୁ ଗଣ ଧାରଣା ମଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୫ଦଫା ଦାବି ପତ୍ର ହେମଗିର ବିଡ଼ିଓଙ୍କୁ ପ୍ରଦାନ କରାଯାଇଛି। ହେମଗିର ବ୍ଲକଟି ଖଣି ଖନନରେ ପରିପୂର୍ଣ୍ଣ ଥିବା ବେଳେ ଅଞ୍ଚଳର ସାଧାରଣ ଜନସାଧାରଣ ବିଭିନ୍ନ ମୌଳିକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ବ୍ଲକରେ ବେଦାନ୍ତ, ଆଦାନୀ, ଏନଟିପିସି, ଓପିଜିସି,ଏମସିଏଲ, ଜିଏମଡିସି ଭଳି ଅନେକ କମ୍ପାନୀ ଥିବା ସତ୍ତ୍ୱେ ମଧ୍ୟ ଅଞ୍ଚଳର ଲୋକେ ଅଭିଶପ୍ତ ଜୀବନ ଯାପନ କରୁଥିବା ଅଭିଯୋଗ ହୋଇଛି। ଏନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୫ ଦଫା ଦାବୀ ପତ୍ର ପ୍ରଦାନ କରାଯାଇଛି। ଖଣି ପ୍ରଭାବିତ ସମସ୍ତ ଗ୍ରାମରେ ନିରବଚ୍ଛିନ୍ନ ଓ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା କରିବା,ଖଣି ଓ ଶିଳ୍ପାଞ୍ଚଳରେ ସ୍ଥାନୀୟ ବେକାର ଯୁବକ-ଯୁବତୀଙ୍କ ପାଇଁ ନିଯୁକ୍ତିରେ ସଂରକ୍ଷଣ ବ୍ୟବସ୍ଥା କରିବା ସହ ସେମାନଙ୍କୁ ପ୍ରାଥମିକତା ଭିତ୍ତିରେ ନିଯୁକ୍ତି ଦିଆଯାଉ,ବ୍ୟାଙ୍କ ମାଧ୍ୟମରେ ଦିଆଯାଉଥିବା ସାମାଜିକ ସୁରକ୍ଷା ଭତ୍ତା ପାଉଥିବା ହିତାଧିକାରୀ ମାନଙ୍କୁ ହାତରେ ନଗଦ ଭତ୍ତା ଟଙ୍କା ପ୍ରଦାନ କରାଯାଉ,ଭତ୍ତା ପାଇଁ ଆବେଦନ କରିଥିବା ସମସ୍ତ ଯୋଗ୍ୟ ହିତାଧିକାରୀଙ୍କୁ ତୁରନ୍ତ ଭତ୍ତା ପ୍ରଦାନ କରାଯାଉ ଏବଂ ସମସ୍ତ ପ୍ରକାର ସାମାଜିକ ସୁରକ୍ଷା ଭତ୍ତାର ପରିମାଣ ବୃଦ୍ଧି କରି ମାସିକ ୩୫୦୦ ଟଙ୍କା କରାଯାଉ,ରାସନ୍ କାର୍ଡରୁ ବଞ୍ଚିତ ଥିବା ଗରିବ ଓ ଯୋଗ୍ୟ ପରିବାରମାନଙ୍କୁ ରାସନ୍ କାର୍ଡ ପ୍ରଦାନ ପାଇଁ ପଞ୍ଚାୟତ ସ୍ତରରେ ସରଳ, ସ୍ୱଚ୍ଛ ଓ ଶୀଘ୍ର ବ୍ୟବସ୍ଥା କରାଯାଉ । ଏହି ଅବସରରେ କମ୍ୟୁନିଷ୍ଟ ପାର୍ଟିର ସଭାପତି ରାଜେନ୍ଦ୍ର ନାଏକ, ସୁକଦେବ ପ୍ରଧାନ, ରାଧେଶ୍ୟାମ ଗରଡ଼ିଆ,ମମତା ସାଙ୍କ ସମେତ ଶହ ଶହ ସଂଖ୍ୟାରେ ମହିଳା ଓ ପୁରୁଷ ଯୋଗଦାନ କରିଥିଲେ।

# ଦିଶା ବୈଠକରେ କେନ୍ଦ୍ରୀୟ ଯୋଜନାର ଅଗ୍ରଗତି ସମୀକ୍ଷା

କେନ୍ଦ୍ରାପଡା, ୨।୬ (ଆନିସ): ଆଜି ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ମାନ୍ୟବର ସାଂସଦ ଶ୍ରୀ ବୈଜୟନ୍ତ ଜୟ ପଣ୍ଡାଙ୍କ ଅଧ୍ୟକ୍ଷତାରେ ୫ମ ଜିଲ୍ଲା ଉନ୍ନୟନ ସମନ୍ୱୟ ଓ ପରିଚାଳନା କମିଟି (ଦିଶା) ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ କେନ୍ଦ୍ରୀୟ ପ୍ରାୟୋଜିତ ବିଭିନ୍ନ ଯୋଜନାର ଅଗ୍ରଗତି, ପାଣ୍ଠି ବିନିଯୋଗ ଏବଂ କ୍ଷେତ୍ରସ୍ତରରେ କାର୍ଯ୍ୟାନ୍ୱୟନର ସ୍ଥିତି ଉପରେ ବିସ୍ତୃତ ସମୀକ୍ଷା କରାଯାଇଥିଲା।

ବୈଠକରେ ଆଳି ବିଧାୟକ ଶ୍ରୀ ପ୍ରତାପ କେଶରୀ ଦେବ, କେନ୍ଦ୍ରାପଡ଼ା ବିଧାୟକ ଶ୍ରୀ ଗଣେଶ୍ୱର ବେହେରା, ମହାକାଳପଡ଼ା ବିଧାୟକ ତଥା କେନ୍ଦ୍ରାପଡ଼ା ଯୋଜନା ବୋର୍ଡ ଅଧ୍ୟକ୍ଷ ଡଃ ଦୁର୍ଗାପ୍ରସନ୍ନ ନାୟକ, ଜିଲ୍ଲା ପରିଷଦ ସଭାପତି ସୁଶ୍ରୀ ଲିଲିତ ଦାସ, ଜିଲ୍ଲାପାଳ ଶ୍ରୀ ରଘୁରାମ ଆର. ଆୟର, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶ୍ରୀ ରବୀନ୍ଦ୍ର କୁମାର ମଲ୍ଲିକ, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଶ୍ରୀ ନବକୃଷ୍ଣ ଜେନାଙ୍କ ସମେତ ବିଭିନ୍ନ ବ୍ଲକର ଅଧ୍ୟକ୍ଷ ଓ ଅଧ୍ୟକ୍ଷା, ଜିଲ୍ଲା ପରିଷଦ ସଭ୍ୟ/ସଭ୍ୟା, ସରପଞ୍ଚ, ସମିତି ସଭ୍ୟ ଏବଂ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଓ ଲାଇନ ଡିପାର୍ଟମେଣ୍ଟର ଅଧିକାରୀମାନେ ଉପସ୍ଥିତ ଥିଲେ।ପ୍ରାରମ୍ଭରେ ପ୍ରଭୁ ଶ୍ରୀବଳଦେବଜୀଉଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯିବା ସହ 'ବନ୍ଦେ ଉତ୍କଳ ଜନନୀ' ଗାନ କରାଯାଇଥିଲା। ଜିଲ୍ଲାପାଳ ଶ୍ରୀ ରଘୁରାମ ଆର. ଆୟର ସମସ୍ତ ଅତିଥି ଓ ସଦସ୍ୟଙ୍କୁ ସ୍ୱାଗତ ଜଣାଇବା ସହ ପୂର୍ବବର୍ତ୍ତୀ ଦିଶା ବୈଠକରେ ନିଆଯାଇଥିବା ନିଷ୍ପତ୍ତିଗୁଡ଼ିକର କାର୍ଯ୍ୟାନ୍ୱୟନ ଓ ଅଗ୍ରଗତି ସମ୍ପର୍କରେ ଅବଗତ କରାଇଥିଲେ।

ବୈଠକରେ 'ବେଟି ବଚାଓ, ବେଟି ପଢାଓ' ଏବଂ ସମନ୍ୱିତ ଶିଶୁ ବିକାଶ ଯୋଜନା ଅଧୀନରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ କାର୍ଯ୍ୟକ୍ରମର ସମୀକ୍ଷା କରାଯାଇଥିଲା। ରାଜନଗର ଓ ମହାକାଳପଡା ଅଞ୍ଚଳରେ ବାଲ୍ୟ ବିବାହ ନିରାକରଣ ପାଇଁ ଗ୍ରହଣ କରାଯାଉଥିବା ସଚେତନତାମୂଳକ ପଦକ୍ଷେପ ସମ୍ପର୍କରେ ମଧ୍ୟ ଆଲୋଚନା ହୋଇଥିଲା। ବିଦ୍ୟାଳୟସ୍ତରରେ ସ୍ୱାସ୍ଥ୍ୟ ବିଭାଗ, ଶିଶୁ ସୁରକ୍ଷା ବିଭାଗ, ଅଙ୍ଗନବାଡି କର୍ମୀ ଏବଂ ଆଶା କର୍ମୀଙ୍କ ସମନ୍ୱୟରେ ନିୟମିତ ସଚେତନତା କାର୍ଯ୍ୟକ୍ରମ ପରିଚାଳିତ ହେଉଥିବା ନେଇ ଜିଲ୍ଲାପାଳ ସୂଚନା ପ୍ରଦାନ କରିଥିଲେ।

ଅଙ୍ଗନବାଡି କେନ୍ଦ୍ରଗୁଡ଼ିକର ଭିତ୍ତିଭୂମି ବିକାଶ, ବିଦ୍ୟୁତ ସଂଯୋଗ, ବିଶୁଦ୍ଧ ପାନୀୟ ଜଳ ଯୋଗାଣ, ଉନ୍ନତମାନର ପୁଷ୍ଟିକର ଖାଦ୍ୟ ବଣ୍ଟନ ଏବଂ ଶୌଚାଳୟ ସୁବିଧା ସୁନିଶ୍ଚିତ କରିବା ଦିଗରେ ଅଧିକ ଗୁରୁତ୍ୱ ଦେବାକୁ ମାନ୍ୟବର ସାଂସଦ ନିର୍ଦ୍ଦେଶ ଦେଇଥିଲେ। ସମ୍ପୂର୍ଣ୍ଣ ହୋଇଥିବା ଅଙ୍ଗନବାଡି କେନ୍ଦ୍ରଗୁଡ଼ିକରେ ମୌଳିକ ସୁବିଧା ଉପଲବ୍ଧତା ସୁନିଶ୍ଚିତ କରିବା ଉପରେ ମଧ୍ୟ ସେ ଗୁରୁତ୍ୱାରୋପ କରିଥିଲେ।ଏହା ବ୍ୟତୀତ ଗ୍ରାମ୍ୟ ସଡ଼କ ମରାମତି, ମେଗା ପାନୀୟ ଜଳ ପ୍ରକଳ୍ପ, ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କୁ ସରକାରୀ ସୁବିଧା ପ୍ରଦାନ, 'ଲକ୍ଷପତି ଦିଦି' କାର୍ଯ୍ୟକ୍ରମ, ଅନ୍ତ୍ୟୋଦୟ ଯୋଜନା ଓ ଅନ୍ୟାନ୍ୟ ଜନକଲ୍ୟାଣମୂଳକ ଯୋଜନାର ଅଗ୍ରଗତି ନେଇ ବିସ୍ତୃତ ଆଲୋଚନା ଓ ସମୀକ୍ଷା କରାଯାଇଥିଲା। ମାନ୍ୟବର ସାଂସଦ କେନ୍ଦ୍ରୀୟ ଅନୁଦାନର ସୁବିନିଯୋଗ ଏବଂ ଯୋଜନାଗୁଡ଼ିକର ଫଳପ୍ରଦ କାର୍ଯ୍ୟାନ୍ୱୟନ ଉପରେ ଗୁରୁତ୍ୱାରୋପ କରିବା ସହ ଉନ୍ନୟନମୂଳକ କାର୍ଯ୍ୟରେ ସ୍ଥାନୀୟ ଜନପ୍ରତିନିଧିମାନଙ୍କ ସକ୍ରିୟ ସହଭାଗିତା ସୁନିଶ୍ଚିତ କରିବାକୁ ପରାମର୍ଶ ଦେଇଥିଲେ।

ବୈଠକରେ ଜନପ୍ରତିନିଧିମାନଙ୍କ ଦ୍ୱାରା ଉଠାଯାଇଥିବା ବିଭିନ୍ନ ପ୍ରସଙ୍ଗ ଓ ସମସ୍ୟା ସମ୍ପର୍କରେ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନେ ସ୍ପଷ୍ଟୀକରଣ ଓ ଉତ୍ତର ପ୍ରଦାନ କରିଥିଲେ। ଶେଷରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶ୍ରୀ ରବୀନ୍ଦ୍ର କୁମାର ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ।

Printed, Published & owned by Sri Pramod Kumar Panda, Printed at Dainik Asha, Hilpatna, Brahmapur: Ganjam,
Published from Hillpatana, Brahmapur- 5, Ganjam, Odisha, E-mail: dainikashapress@gmail.com, **Ph. (0680) 3560603, 7749999711, 9337892106,**

**ସମ୍ପାଦକ: ପ୍ରମୋଦ କୁମାର ପଣ୍ଡା**
**Editor: Pramod Kumar Panda**